


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 3 NOVEMBER 2020

Vol.No. 30 ■ No. 277 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


# ଆଜି ବାଲେଶ୍ୱର ଓ ତିର୍ତ୍ତୋଲରେ ଉପନିର୍ବାଚନ

■ ମତଦାନ ପୂର୍ବରୁ ସାନିଟାଇଜ୍ ହେବ ବୁଥ୍ : ସିଇଓ

■ ଗୋଟିଏ ବୁଥ୍ ରେ ସର୍ବାଧିକ ହଜାରେ ଭୋଟର ମତଦାନ କରିବେ



ଭୁବନେଶ୍ୱର,୨।୧୧ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ବାଲେଶ୍ୱର ସଦର ଓ ତିର୍ତ୍ତୋଲ ଉପ-ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ମତଦାନ ଶେଷ ହେବ। ମତଦାନ ପୂର୍ବରୁ ପୋଲିଂ ବୁଥଗୁଡ଼ିକ ସାନିଟାଇଜ କରାଯାଉଥିବା ବେଳେ ଭୋଟରଙ୍କ ସୁବିଧା ପାଇଁ ବୁଥ ସଂଖ୍ୟା ବଢ଼ାଯାଇଛି। ଗୋଟେ ବୁଥରେ ୧,୦୦୦ଭୋଟର ମତଦାନ କରି ପାରିବେ। ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯାହା ଫଳରେ ସେମାନଙ୍କୁ ମତଦାନ ପାଇଁ କୌଣସି ଅସୁବିଧା ହେବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି।। ସେ କହିଛନ୍ତି ଯେ ମତଦାତାମାନେ ମତଦାନ ପାଇଁ ଆଧାର କାର୍ଡ, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଦେଖାଇ ପାରିବେ। ୧୧ଟି ପରିଚୟପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟପତ୍ର ଦେଖାଇ ଭୋଟ ଦେଇହେବ। କରୋନା ଆକ୍ରାନ୍ତଙ୍କୁ ମତଦାନ କେନ୍ଦ୍ରକୁ ନଆସିବା ପାଇଁ କୁହାଯାଇଥିବା ବେଳେ ଥଣ୍ଡା, ଛିଙ୍କ ଓ କାଶ ହେଉଥିଲେ ଟୋକନ ନେଇ ଶେଷ ସମୟରେ ଭୋଟ ଦେବାକୁ କୁହାଯାଇଛି। ମତଦାନ ସମୟରେ ବୁଥରେ ଆଶାକର୍ମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହିବେ। ସାମାଜିକ ଦୂରତା ରକ୍ଷା କରି ଭୋଟରଙ୍କୁ ଭୋଟ ଦେବାକୁ କୁହାଯାଇଛି ।ଏଥିସହ ମତଦାନ କେନ୍ଦ୍ରକୁ ଆସୁଥିବା ସମସ୍ତ ମତଦାତାଙ୍କର ଥର୍ମାଲ୍ ସ୍କ୍ରିନିଂ କରାଯିବ। ଯଦି କାହାର ଶରୀରର ତାପମାତ୍ରା ଅଧିକ ଥାଏ କିମ୍ବା କୋଭିଡ୍ ଲକ୍ଷଣ ପ୍ରକାଶ ପାଉଥାଏ ତେବେ ତାଙ୍କୁ ଏକ ଟୋକନ୍ ଦିଆଯାଇ ଫେରାଇ ଦିଆଯିବ। ସେମାନେ ମତଦାନ ଶେଷ ପର୍ଯ୍ୟାୟରେ ଆସି ଭୋଟ୍ ଦାନ କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। କୋଭିଡ୍ କଟକଣା ମଧ୍ୟରେ ସୁରକ୍ଷିତ ଭୋଟିଂ ପାଇଁ ତିର୍ତ୍ତୋଲରେ ବୁଥ୍ ସଂଖ୍ୟା ୨୬୫ରୁ ୩୭୩ କୁ ଏବଂ ବାଲେଶ୍ୱରରେ ୧୯୮ରୁ ୩୪୬କୁ ବୃଦ୍ଧି କରାଯାଇଛି। ତିର୍ତ୍ତୋଲରେ ମୋଟ ୨,୩୭,୨୮୨ ଭୋଟର ରହିଥିବା ବେଳେ ବାଲେଶ୍ୱର ସଦରରେ ୨,୩୦,୨୯୭ ଭୋଟର ମତଦାନ ସାବ୍ୟସ୍ତ କରିବେ। ଉଭୟ ନିର୍ବାଚନ ମଣ୍ଡଳୀରେ ୩୫ ପୋଲିଂ କର୍ମଚାରୀ, ୮୦୦ ଆଶା କର୍ମୀ ଓ ସ୍ୱେଚ୍ଛା ସେବୀଙ୍କୁ ନିଯୁକ୍ତି ଦିଆଯାଇଛି। ମୋଟ ୨୪୧ ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସେଠାରେ ସିସିଟିଭି, ୱେବକାଷ୍ଟିଂ, ଭିଡିଓଗ୍ରାଫି ସହ ୯୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ, ୨୫୦ ପୋଲିସ୍ ଅଫିସର,୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବଳଙ୍କୁ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ନଭେମ୍ବର ୩ ତାରିଖରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଓ ବାଲେଶ୍ୱର ଜିଲ୍ଲାର ସଦର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ୧୦ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ଗତ ଅକ୍ଟୋବର ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଏବଂ ୧୯ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। ମତଦାନର ୪୮ ଘଂଟା ପୂର୍ବରୁ ଗତକାଲି ନିର୍ବାଚନ ପାଇଁ ପ୍ରଚାର ଶେଷ ହୋଇଛି।

## ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ପରଲୋକ



ଭୁବନେଶ୍ୱର,୨।୧୧ (ନି.ପ୍ର): ଓଡ଼ିଆ ସିନେମା ଜଗତର ଖ୍ୟାତନାମା ନିର୍ଦ୍ଦେଶକ, ସଙ୍ଗୀତକାର ଓ ସିନେମା-ଟୋଗ୍ରାଫର୍ ରାଜୁ ମିଶ୍ରଙ୍କର ସୋମବାର ପରଲୋକ ହୋଇଯାଇଛି। ଜଟଣୀସ୍ଥିତ ବାସଭବନରେ ହୃଦଘାତରେ ତାଙ୍କର ପରଲୋକ ହୋଇଥିବା ସୂଚନା ମିଳିଛି। ପୂର୍ବାହ୍ନରେ ବ୍ୟାଙ୍କରୁ ଫେରି ଘରେ ବିଶ୍ରାମ ନେଉଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ହୋଇଥିଲା ବୋଲି ପରିବାର ଲୋକଙ୍କ ଠାରୁ ସୂଚନା ମିଳିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା।ତାଙ୍କ ମୃତ୍ୟୁରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଜଗୋପାଳ ମିଶ୍ର ଓରଫ୍ ରାଜୁ ମିଶ୍ର ଏକାଧାରରେ ଜଣେ ନିର୍ଦ୍ଦେଶକ, ଅଭିନେତା, ସିନେମା- ଟୋଗ୍ରଫର, ଚିତ୍ରନାଟ୍ୟକାର, ସଂଳାପ ଲେଖକ, କାହାଣୀକାର ଏବଂ ସଙ୍ଗୀତକାର ଥିଲେ। ପୁନେ ଫିଲ୍ମ ଇନଷ୍ଟିଚ୍ୟୁଟରୁ ସିନେମା-ଟୋଗ୍ରାଫିରେ ଡିପ୍ଲୋମା ହାସଲ କରିବା ପରେ ସେ ପ୍ରଥମେ ସଙ୍ଗୀତକାର ଓ ସିନେମା - ଟୋଗ୍ରାଫର୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ନିର୍ଦ୍ଦେଶନା କ୍ଷେତ୍ରକୁ ଆସିଥିଲେ। ତାଙ୍କ ନିର୍ଦ୍ଦେଶିତ ସଫଳ ତଥା ଲୋକପ୍ରିୟ ଚଳଚ୍ଚିତ୍ର ମଧ୍ୟରେ ରହିଛି 'ଜୋର ଯାର ମୁଲକ ତାର', 'ପୁଅ ମୋର କଳାଠାକୁର', 'ଚକା ଆଖି ସବୁ ଦେଖୁଛି', 'ଆସୁଚି ମୋ କାଳିଆସୁନା',

▶▶ପୃଷ୍ଠା ୭

## ୨୪ ଘଂଟାରେ ସୁସ୍ଥ ହେଲେ ୧,୫୨୭

ଭୁବନେଶ୍ୱର,୨।୧୧ (ନି.ପ୍ର): ରାଜ୍ୟରେ କରୋନାରୁ ସୋମବାର ୧,୫୨୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨,୭୯,୦୯୧କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୨୭ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ୧୧୫ ଜଣ, କଟକ ଜିଲ୍ଲାରୁ ୧୦୭ ଜଣ, ନୂଆପଡ଼ା ଜିଲ୍ଲାରୁ ୧୦୪ ଜଣ, ଜଗତସିଂହପୁର ଜିଲ୍ଲାରୁ ୮୯ ଜଣ, ଅନୁଗୁଳ ଜିଲ୍ଲାରୁ ୭୦ ଜଣ, ଯାଜପୁର ଜିଲ୍ଲାରୁ ୬୦ ଜଣ, ବରଗଡ଼ ଜିଲ୍ଲାରୁ ୫୬ ଜଣ, ପୁରୀ ଜିଲ୍ଲାରୁ ୪୬ ଜଣ ଓ ମୟୂରଭଂଜ ଜିଲ୍ଲାରୁ ୪୫ ଜଣ ସୁସ୍ଥ ହୋଇଛନ୍ତି। ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରୁ ଆଜି ୪୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିଭଳି ବଲାଙ୍ଗୀର ଜିଲ୍ଲାରୁ ୪୨ ଜଣ, ଭଦ୍ରକ , କେନ୍ଦ୍ରାପଡ଼ା ଓ ସମ୍ବଲପୁର ଜିଲ୍ଲାରୁ ୪୧ ଜଣ ଲେଖାଏଁ, କଳାହାଣ୍ଡି ଜିଲ୍ଲାରୁ ୩୬ ଜଣ, କୋରାପୁଟ ଜିଲ୍ଲାରୁ ୩୪ ଜଣ, ମାଲକାନଗିରି ଜିଲ୍ଲାରୁ ୩୨ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୨୮ ଜଣ, ନୟାଗଡ଼ ଜିଲ୍ଲାରୁ ୨୬ ଜଣ, କନ୍ଧମାଳ ଜିଲ୍ଲାରୁ ୨୩ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୨୨ ଜଣ, ଗଂଜାମ ଓ ନବରଂଗପୁର ଜିଲ୍ଲାରୁ ୨୦ ଜଣ ଲେଖାଏଁ ,ବୌଦ୍ଧ ଜିଲ୍ଲାରୁ ୧୬ ଜଣ, ରାୟଗଡାରୁ ୧୫ ଜଣ, ଦେବଗଡ଼ ଜିଲ୍ଲାରୁ ୧୩ ଜଣ, ଗଜପତି ଜିଲ୍ଲାରୁ ୬ ଜଣ ଓ ରାଜ୍ୟପୁଲରୁ ୩୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ବିଜେପି ପ୍ରାର୍ଥୀ ମାନସ ଦତ୍ତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର





**ପ୍ର-ରାଜନୀତି କରିବାକୁ ଆପଣ କାହିଁକି ମନ ବଳାଇଲେ ?**

**ଉ:** ମୁଁ ରାଜନୀତି କରିବାକୁ ମନ ବଳାଇ ନଥିଲି। ମୋ ବାପା ୨୦୧୩ରେ ବାଲେଶ୍ୱର ଜିଲ୍ଲା ବିଜେପିର ସଭାପତି ହେଲେ। ବାପାଙ୍କୁ ରାଜନୈତିକ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ବାପା ମୋତେ କହିବାରୁ ମୁଁ ବାଧ ହୋଇ ଦିଲ୍ଲୀରୁ ଚାକିରି ଛାଡିଲି। ରାଜନୀତିରେ ପ୍ରତ୍ୟକ୍ଷ ଭାବେ ନଥିଲେ ମଧ ପରୋକ୍ଷ ଭାବେ ଜଡିତ ଥିଲି। ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳିରେ ୨୦୧୭ରେ ପଞ୍ଚାୟତ ନିର୍ବାଚନ ଏବଂ ୨୦୧୯ରେ ସାଧାରଣ ନିର୍ବାଚନକୁ ପରିଚାଳନା କରିବା ସହ ସଫଳତା ମଧ ଆଣିଥିଲି । ଛୋଟ ସମୟରୁ ବାପାଙ୍କ ସହ ସଂଘ କାର୍ଯ୍ୟାଳୟକୁ ଯାଉଥିଲି, ଗୈରିକ ପତାକା ତଳେ ଛିଡା ହୋଇ ରାଷ୍ଟ୍ରବାଦର ମନ୍ତ୍ରରେ ନିଜକୁ ଦୀକ୍ଷିତ କରିଥିଲି । ଛାତ୍ର ଜୀବନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସହ ଜଡିତ ହୋଇ ଜିଲ୍ଲାରେ ଛାତ୍ରଶକ୍ତିର ଉତ୍ଥାନ ପାଇଁ କାର୍ଯ୍ୟ କରୁଥିଲି । ସେହି ମର୍ମରେ ଦଳ ବାପାଙ୍କ ଅକାଳ ବିୟୋଗ ପରେ ପ୍ରାର୍ଥୀ କରିଛି।

**ପ୍ର- ବାଲେଶ୍ୱର ସଦର ମଣ୍ଡଳୀର କେଉଁ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦେବେ ?**

**ଉ:** ମୋ ବାପାଙ୍କର ସମସ୍ତ ଅସଂପୂର୍ଣ୍ଣ କାର୍ଯ୍ୟ ଏବଂ ବାଲେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବାପା ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ହିଁ ପୂରଣ କରିବି। ବାଲେଶ୍ୱରବାସୀଙ୍କ ସ୍ୱପ୍ନ ହିଁ ମୋ ବାପାଙ୍କ ସ୍ୱପ୍ନ, ଆଉ ମୋ ବାପାଙ୍କ ସ୍ୱପ୍ନ ହିଁ ମୋ ସ୍ୱପ୍ନ। ଖାଲି ସେତିକି ନୁହେଁ ବେକାରୀ ସମସ୍ୟାକୁ ସମାଧାନ ପାଇଁ ମୋଦିଜୀଙ୍କର ଆତ୍ମ ନିର୍ଭର ଭାରତ ଯୋଜନାରେ ଯୁବକ ଓ ଯୁବତୀମାନଙ୍କୁ ସାମିଲ କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବି, ଏବଂ ମୋଦିଜୀଙ୍କର କଲ୍ୟାଣକାରୀ ଯୋଜନାକୁ ସର୍ବସ୍ପର୍ଶୀ କରାଇବା ପାଇଁ ମୁଁ ମୋଦିଜୀଙ୍କର ହନୁମାନ ଭାବେ କାର୍ଯ୍ୟ କରିବି।

**ପ୍ର- ଆପଣ ପ୍ରସଙ୍ଗ ନା ଅନୁକମ୍ପା ଆଧାରରେ ନିର୍ବାଚନ ଲଢୁଛନ୍ତି ?**

**ଉ:** ପ୍ରସଙ୍ଗ ଓ ଅନୁକମ୍ପା ଉଭୟ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ, ମୋ ବାପା ବାଲେଶ୍ୱରବାସୀଙ୍କ ମୌଳିକ ସମସ୍ୟାକୁ ସମାଧାନ କରିବା ପାଇଁ ସକାଳଠୁ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ। କେତେବେଳେ ନିଜ କଥା ବା ନିଜ ପରିବାର କଥା ଭାବୁ ନଥିଲେ, ସବୁବେଳେ ଲୋକଙ୍କ ପାଇଁ ସମର୍ପିତ ଥିଲେ। ସେଇଥିପାଇଁ ସଦରବାସୀ, ବାପାଙ୍କୁ ୨୦୧୯ରେ ଆର୍ଶୀବାଦ କରି ବିଧାନସଭାକୁ ପଠାଇଥିଲେ, ବାପା ପ୍ରମାଣ କରିଥିଲେ ରାଜନୀତି କରିବା ପାଇଁ ଅର୍ଥର ଆବଶ୍ୟକତା ନାହିଁ। ରାଜନୀତି ପାଇଁ ଦରକାର ପ୍ରଚଣ୍ଡ ସାହସ, ଅଦମ୍ୟ ଇଚ୍ଛାଶକ୍ତି ଏବଂ ଲୋକଙ୍କର ସୁଖରେ ଦୁଃଖରେ ବିପଦ ଆପଦରେ ସାହାଯ୍ୟ କରିବାର ମାନସିକତା। ମୁଁ ଏଥିପାଇଁ ଗର୍ବିତ ଯେ ମଦନ ମୋହନ ଦତ୍ତ ମୋ ବାପା। ଯଦି ବିଜୁବାବୁଙ୍କୁ ନେଇ ନବୀନ ବାବୁ ଲୋକଙ୍କ ଅନୁକମ୍ପା ହାସଲ କରିପାରୁଛନ୍ତି ତେବେ ମୁଁ ଲୋକଙ୍କର ଅନୁକମ୍ପା ହାସଲ କରିବା ସ୍ୱାଭାବିକ।

**ପ୍ର- ବିଜେଡିର ଅର୍ଥବଳ, ବାହୁବଳ ଓ ପ୍ରଶାସନିକ କଳର ମୁକାବିଲା ପାଇଁ ଆପଣଙ୍କର ରଣନୀତି କଣ ?**

**ଉ:** ବିଜେଡି ଓ ତାଙ୍କର ମୁଖିଆ ପତିଆରା ପାଇଁ ଲଢୁଥିବା ବେଳେ ମୁଁ ଲୋକଙ୍କ ସେବା କରିବା ପାଇଁ ଲଢୁଛି। ମୋ ବାପା ବାଲେଶ୍ୱର ସେବକ ଥିଲେ। ମୋର ବଳ ହେଉଛି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ୨ଲକ୍ଷ ୨୦ ହଜାର ଲୋକଙ୍କର ଆର୍ଶୀବାଦ, ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା। ଲୋକଙ୍କର ଆର୍ଶୀବାଦ ଆଗରେ କ୍ଷମତା ଧରାଶାୟୀ ହେବ ଓ ମମତା ବିଜୟୀ ହେବ। ବିଜେଡି ଦଳ ବିଧାୟକ ଓ ମନ୍ତ୍ରୀମାନଙ୍କୁ ନେତା ମାନୁଥିବାବେଳେ ମୋ ପାଇଁ ମୋ ସଦର ନିର୍ବାଚନ ମଣ୍ଡଳୀର ୨ଲକ୍ଷ ୨୦ହଜାର ଲୋକ ହିଁ ନେତା ଆଉ ମୁଁ ସେମାନଙ୍କର ସେବକ।

**ପ୍ର- ଆପଣଙ୍କର ଅନୁଭୂତି ନାହିଁ ରାଜନୀତିରେ ଆପଣ ନୂଆ...କିପରି ବାଲେଶ୍ୱରର ବିଭିନ୍ନ ସମସ୍ୟାର ସମାଧାନ କରିବେ ?**

**ଉ:** ବୟସ କେତେବେଳେ ଦକ୍ଷତାର ମାପକାଠି ହୋଇ ପାରେନା। ମୁଁ ମୋ ଜୀବନର ଆଦ୍ୟ ଲଗ୍ନରୁ ବିଭିନ୍ନ ସମସ୍ୟା ସହିତ ପରୋକ୍ଷ ଭାବେ ଜଡିତ ଥିଲି। ମୋ ବାପା ପ୍ରଥମେ ସମିତି ସଭ୍ୟ ପରେ ବ୍ଲକ ଚେୟାରମ୍ୟାନ, ତା'ପରେ ପରେ ଜିଲ୍ଲା ପରିଷଦ ସଭ୍ୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ଦୁଇ ଦୁଇ ଥର ବିଜେପିର ଜିଲ୍ଲା ସଭାପତି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବାଲେଶ୍ୱର ବାସୀଙ୍କର ଆର୍ଶୀବାଦ ପାଇ ବିଧାୟକ ହୋଇଥିଲେ। ଆମ ଘର ଏକ ପ୍ରୟୋଗଶାଳା ଥିଲା, ଯେଉଁଠି ବିଭିନ୍ନ ସାମାଜିକ ଓ ରାଜନୈତିକ ବିଷୟବସ୍ତୁର ତର୍ଜମା ହେଉଥିଲା, ତେଣୁ ମୋ ପାଇଁ ଏହା ଆଦୌ ନୂଆ ନୁହେଁ ବରଂ ଏକ ସୁନ୍ଦର ଅନୁଭୂତି।

**ପ୍ର- ପ୍ରତିପକ୍ଷ ଯେଉଁ ଭଳି ଭାବେ ଆପଣଙ୍କ ପିତାଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଛନ୍ତି, ସେଥିନେଇ ଆପଣଙ୍କର ବ୍ୟକ୍ତବ୍ୟ କଣ ?**

**ଉ:** ଯେଉଁମାନେ ଏଭଳି ହୀନ ମନ୍ତବ୍ୟ ଦେଇଛନ୍ତି, ସେମାନେ ସମସ୍ତେ ମୋର ପିତୃତୁଲ୍ୟ, ସେମାନଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। ମୃତ ବ୍ୟକ୍ତିର କୁତ୍ସାରଟନା ଭାରତୀୟ ସଂସ୍କୃତିର ପରିପନ୍ଥୀ। ବିଜେଡି ନେତାମାନଙ୍କର ଅରୁଚିକର ଓ ସମ୍ବେଦନହୀନ ମନ୍ତବ୍ୟ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିରବତା ମୋତେ ଗଭୀର ଭାବେ ଆଘାତ ଦେଇଛି। ମୋ ମାଟିର ସ୍ୱାଭିମାନକୁ ପ୍ରହାର କରିଛି। ସଦର ନିର୍ବାଚନ ମଣ୍ଡଳୀର ଗୁରୁଜନ, ମା' ମାଉସୀ, ଭାଇ ଓ ଭଉଣୀମାନେ ନିଶ୍ଚିତ ଭାବେ ଏହି ପ୍ରକାର ସମ୍ବେଦନହୀନ ମନ୍ତବ୍ୟର ଜବାବ ଦେବେ।

(ସୌଜନ୍ୟ : ସତ୍ୟଜିତ ମିଶ୍ର, ଜୋନାଲ ମିଡିଆ ପ୍ରମୁଖ, ବିଜେପି)

## ଖ୍ୟାତନାମା ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨।୧୧ (ନି.ପ୍ର): ଓଡ଼ିଆ ସିନେ ଜଗତର ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ତାଙ୍କ ବିୟୋଗରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ତିଆରି ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଯେ ଓଡ଼ିଆ ସିନେ ଜଗତର ଖ୍ୟାତିନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଦୁଃଖିତ ଓ ମର୍ମାହତ। ବିଶେଷତଃ ନବେ ଦଶକରେ ଅନେକ ସୁପର ହିଟ୍ ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି।

## ରାଜ୍ୟପାଳ କରୋନାରେ ଆକ୍ରାନ୍ତ



ଭୁବନେଶ୍ୱର,୨।୧୧ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ରାଜ୍ୟପାଳଙ୍କ ଟ୍ୱିଟର ହ୍ୟାଣ୍ଡେଲରେ ଏ ସମ୍ପର୍କରେ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଏଥିରେ କୁହା ଯାଇଛି ଯେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଓ ପ୍ରଥମ ମହିଳା କରୋନା ସଂକ୍ରମିତ ହୋଇଛନ୍ତି । ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକ ମାନଙ୍କୁ ପରୀକ୍ଷା କରାଇ ନେବାକୁ ରାଜ୍ୟପାଳ ଅନୁରୋଧ କରିଛନ୍ତି । ରାଜ୍ୟପାଳ ଓ ତାଙ୍କ ପରିବାରର ସଦସ୍ୟ ମାନଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଛି ଓ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂତ୍ରଙ୍କ ଠାରୁ ପ୍ରକାଶ । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟପାଳ କରୋନା ଆକ୍ରାନ୍ତ ହୋଇଥିବା ନେଇ ଚିନ୍ତା ବ୍ୟକ୍ତ କରିବା ସହ ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ।

## ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨।୧୧ (ନି.ପ୍ର): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଚକାଆଖି ସବୁ ଦେଖୁଛି, ପୁଅ ମୋର କଳାଠାକୁର, ସାଗର ଗଙ୍ଗା ପରି ଚଳଚ୍ଚିତ୍ର ନିର୍ମାଣ କରି ସେ ଛାଡି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି।

## କାର୍ଯ୍ୟରେ ଯୋଗ ଦେଲେ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ



ଭୁବନେଶ୍ୱର,୨।୧୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ରଞ୍ଜନ କୁମାର ଦାସ ସୋମବାର ପୂର୍ବାହ୍ନରେ ସଂସ୍କୃତି ଭବନସ୍ଥିତ ନିର୍ଦ୍ଦେଶାଳୟଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।ସେ ଏହି ପଦବୀରେ ପରବର୍ତୀ ନିର୍ଦ୍ଦେଶନାମା ଜାରି ପର୍ଯ୍ୟନ୍ତ କାର୍ଯ୍ୟ ସଂପାଦନ କରିବେ । ସେ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେ ନିଜ କାର୍ଯ୍ୟ ସହ ନିର୍ଦ୍ଦେଶକ ଭାର ତୁଲାଇବେ ବୋଲି ସରକାରୀ ସୂତ୍ରରୁ ପ୍ରକାଶ ।

## ବାଲେଶ୍ୱର ସଦର ଉପନିର୍ବାଚନ : ୩୪୬ ବୁଥ୍‌ରେ ୨,୨୬, ୫୮୨ଜଣ କରିବେ ମତଦାନ

ବାଲେଶ୍ୱର,୨।୧୧(ନି.ପ୍ର): ଆଉ ମାତ୍ର କେଇଘଣ୍ଟା ପରେ ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ମତଦାନ ହେବାକୁ ଯାଉଥିବା ବେଳେ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ତେବେ ବାଲେଶ୍ୱର ସଦର ଉପ-ନିର୍ବାଚନରେ ୩୪୬ ଗୋଟି ବୁଥିରେ ମୋଟ ୨ଲକ୍ଷ ୨୬ ହଜାର ୫୮୨ ଜଣ ଭୋଟର ମତଦାନ କରିବେ। ଦୀର୍ଘବର୍ଷ ପରେ ବାଲେଶ୍ୱରରେ ହେଉଥିବା ଏହି ଉପ-ନିର୍ବାଚନରେ ପ୍ରତି ମୁହୂର୍ତ୍ତରେ ଉଷ୍ଣତା ପରିଲକ୍ଷିତ ହୋଇଥିବା ବେଳେ ଜିଲ୍ଲା ପୁଲିସ ପକ୍ଷରୁ ଉତ୍ତେଜନା ପ୍ରବଣ ବୁଥିଗୁଡ଼ିକ ଉପରେ ବିଶେଷ ନଜର ରହିଛି। ଅବାଧ, ମୁକ୍ତ ଓ ନିରପେକ୍ଷ ମତଦାନ ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ଯଥାରୀତି ପଦକ୍ଷେପ ଗ୍ରହଣ କରାଯାଇଛି। ଇତିମଧ୍ୟରେ ଉତ୍ତେଜନା ପ୍ରବଣ ବୁଥ୍ ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ ସରିଥିବା ବେଳେ ଅନୁସଙ୍ଗିକ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମତଦାନ ବେଳେ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶାନ୍ତିଶୃଙ୍ଖଳାର ସହ ମତଦାନ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ୫ ଜଣ ଏହିସନାଲ ଏସପି, ୮ ଜଣ ଡିଏସପି, ୨୨ ଜଣ ଇନସ୍ପେକ୍ଟର, ୧୫୨ ଜଣ ଏସଆଇ ଓ ଏଏସଆଇ, ୩୫୨ ଜଣ କନଷ୍ଟେବଳ ଓ ଏପିଆର, ୩୩୯ ଜଣ ହୋମଗାର୍ଡ୍, ୯ ପ୍ଲାଟୁନ୍ ସିଏପିଏଫ ଓ ୨୬ ପ୍ଲାଟୁନ୍ ଓଏସଏପି ଫୋର୍ସ ମୁତୟନ କରାଯାଇଛି। ମୋଟ ୩୧ ଗୋଟି ମୋବାଇଲ ପାଟ୍ରୋଲିଂ ଟିମ୍ ଓ ୧୦ ଜଣ ଜଣ ସେକ୍ଟର ଅଫିସର କାର୍ଯ୍ୟ ଆରମ୍ଭ କରିଥିବା କୁହାଯାଉଛି।

## କୃଷି ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ଭବନରେ ନିରବ ଧାରଣା

କେନ୍ଦ୍ରାପଡ଼ା,୦୨।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ପ୍ରଣୀତ ୩ଟି କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ନୀରବ ଧାରଣା ଦିଆଯାଇଛି । କଜଳା ସ୍ଥିତ କଂଗ୍ରେସ ଭବନ ପରିସର ରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ନିକଟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ନୀରବ ଧାରଣା ଦିଆଯାଇ ଥିଲା । କୃଷି ପ୍ରଧାନ ଭାରତ ବର୍ଷର କୃଷକ ମାନଙ୍କ ଉନ୍ନତି ସାଧନ କରିବା ପରିବର୍ତେ କେନ୍ଦ୍ର ସରକାର ୩ଟି ସ୍ୱତନ୍ତ୍ର କଳା ଆଇନ ପ୍ରବତନ କରିଥିବାରୁ ଏହା ବିରୋଧରେ ଚାଷୀ ଆନ୍ଦୋଳନ ଦେଖାଇ ଦେଇଛି । କୃଷକ ମାନଙ୍କ ହିତ ଦୃଷ୍ଟିରୁ ଏହି ଆଇନକୁ ପ୍ରତ୍ୟାହାର କରିବା ଉଦ୍ଦେଶ୍ୟରେ ଧାରଣା ପରିଚାଳନା କରାଯାଇ ଥିଲା । ଏହା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ତଥା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଦିବସ ରେ ଏହି ଧାରଣା କଂଗ୍ରେସ ଭବନ ପରିସର ରେ ଦିଆ ଯାଇଥିଲା । ଏହି ଧାରଣା କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀଙ୍କ ଗଣେଶ୍ୱର ବେହେରା , ବିଭ୍ରାଶୁ କୁମାର ଲେଙ୍କା, ଯୁବ କଂଗ୍ରେସ ସଭାପତି ସତ୍ୟ ପ୍ରିୟ ସାମଲ, ମୁକ୍ତାର ଖାନ, ପକିର ଚରଣ ଖଟୁଆ, ମହେନ୍ଦ୍ର ପରିଡା, ମିହିର ମୁରସିଦ୍, ସମ୍ବିତ୍ ଶ୍ରୀଚନ୍ଦନ, ଅନନ୍ତ ପାତ୍ର , ସଂଜୟ ରାଉତ, ଶିବ ପ୍ରସାଦ ବିଶ୍ୱାଳ, ଧରଣୀଧର ସୁଆର, କମଳାକାନ୍ତ ବେହେରା ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କୁଖ୍ୟାତ ଆନ୍ତଃଜିଲ୍ଲା ଅପରାଧୀ ଗିରଫ : ଏପ୍ପଲ ଆଇ-ପେଡ୍, ଏମଆଇ ଏଲଇଡ଼ି ଟିଭି ଓ ଏଲଜି ଏଲଇଡ଼ି ଟିଭି ଜବତ

ବାରିପଦା,୦୨।୧୧ (ନି.ପ୍ର): ବାରିପଦା ଟାଉନ ଥାନା ପୁଲିସ କୁଖ୍ୟାତ ଆନ୍ତଃଜିଲ୍ଲା ଅପରାଧୀ ତଥା ଭାକୁଲ ମୁଖୀଙ୍କ ଆକାଶ ଓରଫ ବାଦଲ ମୁଖୀ(୨୨)ଙ୍କୁ ଧରିବାରେ ସଫଳ ହୋଇଛି । ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୪ କାଳିକାପୁର ଅଂଚଳର ଆକାଶ ମୁଖୀ ଘରକୁ ଫେରି ଥିବା ସୂଚନା ବାରିପଦା ଟାଉନ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ । ଏହାପରେ ଏସଆଇ ପି. କେ. ସାହୁ, ଏଏସଆଇ ଜି. ଏସ. ପରିଡ଼ାଙ୍କ ସହ ଥାନାର ଅନ୍ୟ ପୁଲିସ କର୍ମଚାରୀମାନେ ଅତର୍କିତ ଭାବେ କାଳିକାପୁର ଅଂଚଳରେ ଚଢ଼ାଉ କରି ଆକାଶ ମୁଖୀକୁ ଗିରଫ କରି ଥାନାକୁ ଆଣି ପଚାରାଉଚରା କରିବା ପରେ ସେ ପୁଲିସ ନିକଟରେ ନିଜର ସମସ୍ତ ଅପରାଧ ସ୍ୱିକାର କରିଥିଲା । ଏଥି ସହିତ ବାରିପଦା ଟାଉନ ଥାନା କେଶ ନମ୍ବର ୭୦୯/୨୦୨୦ ଓ ୭୪୬ /୨୦୨୦ରେ ଲୋକଙ୍କ ଘରୁ ଚୋରୀ କରିଥିବା ସାମଗ୍ରୀ ବିଷୟରେ ସୂଚନା ଦେବା ସହ ତଖତପୁର ୟୁନିଭର୍ସିଟି ଅଂଚଳରେ ବସବାସ କରୁଥିବା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ନଳଗଜା ଅଂଚଳର ସଞ୍ଜୀବ ବେହେରା ଓରଫ ମାମା(୩୩)ଙ୍କୁ କେତେକ ଚୋରୀ ସାମଗ୍ରୀ ବିକ୍ରି କରିଥିବାର ପୋଲିସ ନିକଟରେ ପ୍ରକାଶ କରିଥିଲା । ଏହାପରେ ପୁଲିସ ତଖତପୁର ଅଂଚଳରୁ ମାମା ଓରଫ ସଞ୍ଜୀବକୁ ବେଆଇନ ଭାବେ ଚୋରୀ ସାମଗ୍ରୀ କିଣିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି । ସେହିପରି ଆକାଶ ମୁଖୀ ଓ ସଞ୍ଜୀବ ବେହେରାଙ୍କ ନିକଟରୁ ପୁଲିସ ଗୋଟାଏ ଲେଖାଏଁ ଏପ୍ପଲ ଆଇ-ପେଡ୍, ଏମଆଇ ଏଲଇଡ଼ି ଟିଭି(୪୩") ଓ ଏଲଜି ଏଲଇଡ଼ି ଟିଭି(୨୪") ଜବତ କରିଥିଲେ । ସୂଚନା ଯୋଗ୍ୟ ଯେ, ଆକାଶ ଓରଫ ବାଦଲ ମୁଖୀ ନାମରେ ମୟୂରଭଞ୍ଜ ଜିଲ୍ଲା ସହ ଜିଲ୍ଲା ବାହାର ଥାନାରେ ୨୨ରୁ ଅଧିକ ମାମଲା ରହିଛି ଏବଂ ପୁଲିସ ତାର ତଲାସରେ ରହିଥିବା ବେଳେ ଶେଷରେ ବାରିପଦା ଟାଉନ ଥାନା ପୁଲିସ ତାକୁ ଧରିବାରେ ସଫଳ ହୋଇଛି ।

## ସରକାରଙ୍କୁ ମତ୍ସ୍ୟଜୀବୀଙ୍କ ଚେତାବନୀ, ବିକଳ୍ପ ବ୍ୟବସ୍ଥା ନକଲେ ମାନିବୁନି କଟକଣା, ଅଲିଭ ରିଡେଲ ସୁରକ୍ଷା ପ୍ରସଙ୍ଗ

ଭଦ୍ରକ, ୨/୧୧(ହି.ସ.) - ବିରଳ ସାମୁଦ୍ରୀକ କାଇଁଛ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ଜନିତ ସୁରକ୍ଷା କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାଛଧରା କଟକଣାକୁ ନାପସନ୍ଦ କରିଛନ୍ତି ମତ୍ସ୍ୟଜିବୀ ପରିବାର । ଏହା ଫଳରେ ରାଜ୍ୟରେ ମାଛମାରୀ ଜୀବିକା ନିର୍ବାହ କରୁଥିବା ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ ମତ୍ସ୍ୟଜିବୀ ପରିବାର ସେମାନଙ୍କ ଜିବୀକା ହରାଇବା ନିଶ୍ଚିତ ହୋଇଥିବା କହିଛନ୍ତି ମତ୍ସ୍ୟଜିବୀ ସଂଘ । ବିକଳ୍ପ ବ୍ୟବସ୍ଥା ଗ୍ରହଣ ନକରି ଏହି ଧରଣର କଟକଣା ଲାଗୁ କଲେ ତାକୁ କେହି ମାନିବୁ ନାହିଁ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ମା ଧାମୁରାଇ ମତ୍ସ୍ୟଜିବୀ ସଂଘ । ଏ ସଂପର୍କରେ ନିଜ ମତ ରଖି ସଂଘର ସଭାପତି ଅଶୋକ ଜାନା ଏବଂ ସଂପାଦକ ସୁଦର୍ଶନ ଲେଙ୍କା କହିଛନ୍ତି ଯେ କରୋନା ସଙ୍କଟ ଯୋଗୁ ଗତ ୯ ମାସ ଧରି ଦୁର୍ଦ୍ଦିନରେ ଦିନ କାଟୁଥିବା ଗରୀବ ମତ୍ସ୍ୟଜିବୀ ମାନେ ଗଭୀର ସମୁଦ୍ରରୁ ମାଛ ମାରୀ ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏବେ ସରକାର ବିରଳ ସାମଦ୍ରୀକ କଇଁଛ ଅଲିଭ ରିଡେଲଙ୍କ ସୁରକ୍ଷାକୁ ଆଳ କରି ଚଳିତବର୍ଷ ନଭେମ୍ବର ୧ ତାରିଖ ଠାରୁ ୨୦୨୧ ମସିହା ମଇମାସ ୩୧ ତାରିଖ ପର୍ଯ୍ୟନ୍ତ ଦିର୍ଘ୍ୟ ୭ ମାସ ଧରି ମାଛଧରା ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି । ଏହା ଫଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ରାଜ୍ୟର ପ୍ରାୟ ୧୦ ଲକ୍ଷ ମତ୍ସ୍ୟଜୀବି ପରିବାର ସେମାନଙ୍କ ଜୀବିକା ହରାଇବା ଏକପ୍ରକାର ନିଶ୍ଚିତ ହୋଇଛି । ସରକାର କଟକଣା ଜାରି କରନ୍ତୁ ହେଲେ ଆଗ ଜିବୀକା ହରାଉଥିବା ମତ୍ସ୍ୟଜିବୀ ପରିବାରଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ସେମାନେ କହିଛନ୍ତି । ତା ନହେଲେ ସେମାନେ କୁମ୍ଭିର ପ୍ରଜନନ ଅଂଚଳ ସେନଚ୍ୟୁରୀ ଇଲାକାକୁ ଛାଡି ଅନ୍ୟ ଯାଗାରେ ସେମାନଙ୍କ ମାଛଧରା ଅବ୍ୟାହତ ରଖିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ରାଜ୍ୟ ସରକାର ବିଶ୍ୱର ବିରଳ ଅଲିଭ ରିଡେଲେଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଧାମରା,ଦେବୀ ଏବଂ ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ସମୁଦ୍ର ଉପକୂଳରୁ ୨୦ କିମି ବ୍ୟାସାର୍ଦ୍ଧ ଅଂଚଳରେ ମାଛମରା ନିଷିଦ୍ଧ ଘୋଷଣା କରିଛନ୍ତି । ମାଛଧରା ଟ୍ରଲର ଏବଂ ବୋଟ ମାଡରେ ଏହି ଉପକୂଳକୁ ଅଣ୍ଡାଦେବାକୁ ଆସୁଥିବା ବିରଳ କଇଁଛ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି ସରକାର ଏହି ନିଷ୍ପତି ଗ୍ରହଣ କରି ଉଭୟ ଜଳ ଏବଂ ସ୍ଥଳଭାଗରେ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡା କଡି କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଏଥିସକାସେ ରାଜ୍ୟ ସରକାର ସାମୁଦ୍ରୀକ ଥାନା,କୋଷ୍ଟ ଗାର୍ଡ,ପୋଲିସ ଏବଂ ବନ୍ୟପ୍ରାଣୀ ବିଭାଗକୁ ସ୍ୱତନ୍ତ୍ର ଭାବେ କ୍ଷମତା ଅର୍ପଣ କରିଛନ୍ତି । ସରକାରୀ ଅଟକଳ ଅନୁଯାଇ ଏହି କଟକଣା ଫଳରେ ରାଜ୍ୟରେ ୧୦ ହଜାର ୬୬୬ ମତ୍ସ୍ୟଜିବୀ ପରିବାର ପ୍ରଭାବିତ ହେଉଥିବା ବେଳେ ସରକାର ସେମାନଙ୍କୁ ପରିବାର ପିଛା ୭ ହଜାର ୫ ଶହ ଟଙ୍କା କ୍ଷତିପୁରଣ ଅର୍ଥ ଦେବାକୁ ଘୋଷଣା କରିଛନ୍ତି । ଯାହାକୁ ମତ୍ସ୍ୟଜୀବି ସଂଘ ନାପସନ୍ଦ କରିଛନ୍ତି । ସଂଘ ସୁଚନା ଅନୁଯାଇ କେବଳ ଧାମରା ଉପକୂଳରେ ଦୈନିକ ୩ ଶହରୁ ଉର୍ଦ୍ଧ ମାଛଧରା ଟ୍ରଲର,ବୋଟ,ବୁଟୁବୁଟି ଏବଂ କାତମରା ଡଙ୍ଗା ମାଛଧରାରେ ନିୟୋଜିତ ରହିଛନ୍ତି । ଯେଉଁଥିରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ପ୍ରାୟ ୨୦ ହଜାର ରୁ ଉର୍ଦ୍ଧ ଲୋକ ନିୟୋଜିତ ଅଛନ୍ତି । ମାଛଧରା ବନ୍ଦ ହେଲେ ଏହି ଲୋକମାନେ ସେମାନଙ୍କ ଜୀବିକା ହରାଇ ନିଶ୍ଚିତ ହୋଇଛି । ତେଣୁ ସରକାର କଟକଣା ଜାରି କରିବା ଆଗରୁ ଏହି ପରିବାରଙ୍କ କଥାକୁ ଗୁରୁତର ସହିତ ନେବାକୁ ସେମାନେ ଦାବୀ କରିଛନ୍ତି । ଅନ୍ୟଥା ଆମେ ସରକାରଙ୍କ ଏହି କଟକଣାକୁ ମାନିବୁ ନାହିଁ ବୋଲି ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ୫ ଦିନ ହେଲା ୭୦ ପରିବାର ଅନ୍ଧାରରେ : ହିତାଧିକାରୀଙ୍କୁ ନଜଣାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଅଭିଯୋଗ

ଭଦ୍ରକ, ୨/୧୧ (ହି.ସ.) - ୫ ଦିନ ହେଲା ଅନ୍ଧାରରେ ରହିଛନ୍ତି ୭୦ ପରିବାର । ରାତି ହେଲେ ସାହା ଭରସା ପାଲଟିଛି ଡିବିରି ବତୀ । ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀ ବିଦ୍ୟୁତ୍ ହିତାଧିକାରୀଙ୍କୁ ନଜଣାଇ ବିଦ୍ୟୁତ୍ କାଟ୍ କରିଥିବା ଅଭିଯୋଗ କରିଛନ୍ତି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଂଚାୟତର ସୁନ୍ଦରପୁର ମହାଲିକସାହିର ଲୋକେ । ବିଦ୍ୟୁତ୍ ନଥିବାରୁ ଏହି ସାହିର ପାଖାପାଖି ୫ ଶହ ଲୋକ ଅନ୍ଧାରରେ ରହୁଥିବାବେଳେ ବହୁ ହଇରାଣ ହେଉଥିବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ବିଦ୍ୟୁତ୍ ବିଭାଗର କଲେକସନ୍ ଦାୟିତ୍ୱରେ ଥିବା କର୍ମଚାରୀ ପ୍ରତ୍ୟେକ ମାସ ବିଲ୍ ଦେଇ ଟଙ୍କା ନେଇଥାନ୍ତି । ହେଲେ ଚଳିତମାସ ଉକ୍ତ କର୍ମଚାରୀ କେବଳ ବିଦ୍ୟୁତ୍ ବିଲ୍ ଉପଭୋକ୍ତାଙ୍କୁ ଦେଇ ପଳାଇଥିଲେ । ପରେ ହଠାତ୍ ଆସି କାହାରିଙ୍କୁ ନଜଣାଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ । ପଚାରିବାରୁ ଖୁଂଟିରେ ଅସୁବିଧା ଅଛି ସଜଡା ଯାଉଛି ବୋଲି କହି ବିଦ୍ୟୁତ୍ ସଂଯୋଗ କାଟିଦେଇ ପଳାଇଥିବା ଅଭିଯୋଗ କରିଛନ୍ତି ବିଦ୍ୟୁତ୍ ଉପଭୋକ୍ତାମାନେ । ତେବେ ପରେ ତୁମେ ଟଙ୍କା ନେଇ ବିଦ୍ୟୁତ୍ ବିଭାଗର ଅଫିସରେ ଦାଖଲ କଲେ ବିଦ୍ୟୁତ୍ ମିଳିବ ବୋଲି କହୁଛନ୍ତି ବିଭାଗୀୟ କର୍ମଚାରୀମାନେ । ତେବେ କରୋନା ଭଳି ବିପଦ ସମୟରେ ଗରିବ ଖଟିଖିଆମାନେ କାମଧନ୍ଦ ନପାଇ ଘରେ ବସିରହୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀଙ୍କ ଉପଭୋକ୍ତାଙ୍କ ଉପରେ ଏପରି ଜୁଲମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତା ବାଦ ଉପଭୋକ୍ତାମାନେ ଟଙ୍କା ଦେବାକୁ ରାଜି ଥିବାବେଳେ ବିଦ୍ୟୁତ୍ କର୍ମଚାରୀମାନେ ଟଙ୍କା ନେବାକୁ ଆସୁନାହାଁନ୍ତି ବୋଲି କହିଛନ୍ତି ଉପଭୋକ୍ତାମାନେ । ତେବେ ବିଦ୍ୟୁତ୍ ନଥିବାରୁ ୪ ଦିନ ହେଲା ଛୋଟ ଠାରୁ ବଡ ସମସ୍ତେ ବହୁ ହଇରାଣ ହେଉଥିବାର ଦେଖିବାକୁ ମିଳିଛି । ବିଶେଷ କରି ରାତି ସମୟରେ ପିଲାମାନେ ଡିବିରି ବତୀ ଜାଳି ପାଠ ପଢୁଥିବାବେଳେ ଲାଇନ୍ ନଥିବାରୁ ବିଭିନ୍ନ ହିଂସଜନ୍ତୁର ଭୟ ଘାରିଛି ମହାଲିକ ସାହି ଲୋକଙ୍କୁ । ତେବେ ତୁରନ୍ତ ଏହାର ସମାଧାନ କରି ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦେବାକୁ ଦାବି ହୋଇଛି ।

## ଜାତୀୟ ସେବା ଯୋଜନା ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବାରିପଦା,୦୨।୧୧ (ନି.ପ୍ର): ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ସେବା ଯୋଜନା ବ୍ୟୁରୋ ଓ କରିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସହଯୋଗରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଯାଇଛି । ଏହା ସହ ସ୍ୱେଛାସେବୀ ମାନଙ୍କୁ ୱେବିନାର ମାଧ୍ୟମରେ 'ଏନଏସଏସ ସ୍ୱେଛାସେବୀ ମାନେ ଜାତୀୟ ଏକତା ଓ ଅଖଣ୍ଡତା ପ୍ରତି ସଚେତନ ରହିବା ଦରକାର' ଶୀର୍ଷକ ଟ୍ରେନିଂ ଦିଆ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଏନ ଏସ ଏସ୍ ଅଧିକାରୀ ଡ଼. ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗ ଦେବା ସହ ସମ୍ମାନିତ ଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ଏନଏସଏସ ସଂଯୋଜିକା ଶ୍ରୀମତି ଉଷା ଶତପଥୀ, ମହାବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼. ଶୁଭେନ୍ଦୁ ଦାସ ଉପସ୍ଥିତ ଥିଲେ । ଏହି ଟ୍ରେନିଂ ଓ ଏକତା ଦିବସ ପାଳନ ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଦେବେଶ ଶଙ୍କର ହୋତା, ସମରେନ୍ଦ୍ର ଦାସଙ୍କ ତତ୍ୱାବଧାନରେ ଶୃଙ୍ଖଳିତ ଭାବରେ ସମାପ୍ତ ହୋଇଥିଲା । ଡ଼. ଦାସଙ୍କ ସଂଯୋଜନାରେ ଡ଼. ସ୍ୱାଇଁ ଦିବସ ପାଳନର ଯଥାର୍ଥତା ଉପରେ ଆଲୋଚନା କରିଥିଲେ । ଶ୍ରୀମତୀ ଶତପଥି ସ୍ୱେଛାସେବୀଙ୍କୁ ଜୀବନ ଶୈଳୀର ଦକ୍ଷତା ବୃଦ୍ଧି ଏବଂ ଡ଼. ହୋତା ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସନ୍ଦର୍ଭ ରଖିଥିଲେ । ଅଧକ୍ଷ ଶ୍ରୀ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ଏପରି କାର୍ଯ୍ୟକ୍ରମ ସଫଳ ଆୟୋଜନ ପାଇଁ ଧନ୍ୟବାଦ ଜଣାଇଥିଲେ ।

## ରାଣୀତାଲ ହାଇସ୍କୁଲ ଖେଳପଡିଆ ଓ ପଶୁ ଡାକ୍ତରଖାନା ଜାଗାରୁ ଜବରଦଖଲ ଉଚ୍ଛେଦ ନେଇ ରାଣୀତାଲ ବିକାଶ ମଂଚ ପକ୍ଷରୁ ଆନ୍ଦୋଳନ ଚେତାବନୀ

ଭଦ୍ରକ, ୨/୧୧ (ହି.ସ.) - ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାଣୀତାଲ ହାଇସ୍କୁଲ ଖେଳପଡିଆ ଓ ରାଣୀତାଲ ପଶୁ ଡାକ୍ତରଖାନା ଜାଗାରୁ ଜବରଦଖଲ ଉଚ୍ଛେଦ ନେଇ ଆଜି ରାଣୀତାଲ ବିକାଶ ମଂଚ ପକ୍ଷରୁ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି । ରାଣୀତାଲ ବିକାଶ ମଂଚର ସଭାପତି ଭାଗୀରଥି ନାୟକଙ୍କ ସଭାପତିତ୍ୱରେ ଆହୂତ ବୈଠକରେ ରାଣୀତାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆ ଓ ରାଣୀତାଲ ପଶୁ ଡାକ୍ତରଖାନା ପ୍ଲଟ୍ ନଂ ୫୬୫ କୁ କିଛି ଲୋକ ଜବର ଦଖଲ ନେଇ ଗତ ଫେବୃୟାରୀ ମାସରୁ ଜିଲାପାଳ, ତହସିଲଦାର, ରାଜସ୍ୱ ନିରୀକ୍ଷକ, ଜିଲା ଶିକ୍ଷାଧିକାରୀଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ ଜିଲା ପ୍ରଶାସନ କିଛି ବୁଝୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆସନ୍ତା ସପ୍ତାହକ ମଧ୍ୟରେ ଏହାର ସମାଧାନ ନହେଲେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗଣେଶ ଦାସ ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଶ୍ରୀ ଜଗନ୍ନାଥ ବିଜେ ପୁରୀଙ୍କର ନାମରେ ଥିବା ପ୍ଲଟ୍ ନଂ ୫୦୯ ଓ ୫୬୫ ଜମି ବହୁଦିନ ଧରି ରାଣୀତାଲ ହାଇସ୍କୁଲର ଖେଳପଡିଆ ଭାବେ ବ୍ୟବହାର କରାଯାଉଥିବାବେଳେ ଏବେ ୫୬୫ ନଂ ପ୍ଲଟ୍‌ଟି ଏବେ ଜବରଦଖଲରେ ଅଛି । ଅନ୍ୟମାନଙ୍କ ମଧ୍ୟରେ ରାହାଞ୍ଜ ସରପ ଉର୍ମିଳା ଯେନା, ଜଗଦଳପୁର ସରପଂଚ ଶ୍ୟାମାମଂଜରୀ ଯେନା, ଆଇନ୍‌ଜୀବୀ କରୁଣାକର ଦାଶ, ଶିକ୍ଷାବିତ୍ ମୁରଲୀଧର ନାଥ, ପୂର୍ବତନ ସରପଂଚ ନରେନ୍ଦ୍ର ସାହୁ, ଯୁବନେତା ଶରତ କବି, ଗଦାଧର ଦାସ, ସାମଜସେବୀ ସଂଗ୍ରାମ କର, ସୁଜାତା ମହାପାତ୍ର, ଅଟଳ ବାରିକ, ବସନ୍ତ ମହାପାତ୍ର, ସୁଶାନ୍ତ କୁମାର ସାହୁ, ପିତାମ୍ବର ଦାଶ, ଦୁଃଶାସନ ଦାଶ, ରାଣୀତାଲ ହାଇସ୍କୁଲ ପରିଚାଳନା କମିଟିର ସଭାପତି ବୀରଭଦ୍ର ସାହୁ ପ୍ରମୁଖ ଦୁଇ ପଂଚାୟତର ଶତାଧିକ ଲୋକ ଯୋଗ ଦେଇଥିଲେ ।

## ଶିକ୍ଷା ବିଭାଗର ଅବହେଳାରୁ ବଢ଼ି ଚାଲିଛି ବଳଦେବ ହାଇସ୍କୁଲର ସମସ୍ୟା

କେନ୍ଦ୍ରାପଡ଼ା,୦୨।୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ଭଗେଶ୍ୱରପୁର ରେ ଥିବା ବଳଦେବ ହାଇସ୍କୁଲର ଜରାଜିର୍ଣ୍ଣ ଅବସ୍ଥାର ପ୍ରତିକାର ହେଉ ନଥିବାରୁ ପୁରାତନ ସାଂସଦ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ଦୀର୍ଘ ୬୫ ବର୍ଷ ତଳେ ସ୍ଥାପନ କରାଯାଇଥିବା ଏହି ଉଚ୍ଚ ବିଦ୍ୟାଳୟ ରେ ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ପ୍ରତିଶ୍ରେଣୀ ପାଇଁ ୨ଟି ସେକସନ୍ ରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉ ଥିବା ବେଳେ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଗତ ମହାବାତ୍ୟା ରେ ଏହାର ଛାତ ଗୁଡିକ ସଂପୂର୍ଣ୍ଣ ଧ୍ୱଂସ ପାଇ ଯାଇଥିବା ବେଳେ ଆଂଶିକ ମରାମତି କରାଯାଇ ଫନି ବାତ୍ୟାରେ ବିଦ୍ୟାଳୟ ଦକ୍ଷିଣ ପାର୍ଶ୍ୱରେ ଥିବା ୬ଟି ଶ୍ରେଣୀ ଗୃହ ସମେତ ଏହାର ସଭାଗୃହ ସଂପୂର୍ଣ୍ଣ ଭାଙ୍ଗି ଯାଇ ଥିବାରୁ ଶିକ୍ଷାଦାନରେ ବାଧାସ ସୃଷ୍ଟି ହେଉଛି । ବିଦ୍ୟାଳୟର ପୁରାତନ ଛାତ୍ର ସଂଘ, ପରିଚାଳନା ଓ ଉନ୍ନୟନ କମିଟି ଓ ଶିତ୍ରକ ଶିକ୍ଷୟିତ୍ରୀ ମାନେ ଏ ସଂପର୍କରେ ଉକ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରାଯିବାରୁ ପୁର୍ତ ବିଭାଗ ପକ୍ଷରୁ ଘଟଣାସ୍ଥଳ ତଦନ୍ତ କରାଯାଇ ଏହାର ନକ୍ସା ଓ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ୨୦୧୯ ମସିହା ଜୁଲାଇ ମାସରେ ପଠା ଯାଇଥିଲା । ଏଥିପାଇଁ ଅନୁଦାନ ମଞ୍ଜୁର କରିବା ପାଇଁ ପୁର୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇ ପ୍ରାୟ ୯୩ ଲକ୍ଷ ୪୦ ହଜାର ଟଙ୍କା ସୁପାରିସ କରାଯାଇ ଥିଲା । ଏହାକୁ ଯୁଦ୍ଧ କାଳୀନ ଭିତିରେ ମଞ୍ଜୁର କରିବା ପାଇଁ ପୁରାତନ ଛାତ୍ର ସଂଘର ସଭାପତି ତଥା ପୂର୍ବତନ ପୌରପାଳ ଧିରେନ ସାହୁ ଓ ଆଇନ ଜିବୀ ଧୃବ ଚରଣ ଜେନା ଭୁବନେଶ୍ୱର ରେ ଶିକ୍ଷା ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିବେଦନ କରିଥିଲେ । ଏ ସଂପର୍କରେ ବିଧାୟକ ଶଶୀ ଭୂଷଣ ବେହେରା ଓ ସାଂସଦ ଅନୁଭବ ମହାନ୍ତି ଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର କରିବାକୁ ମଧ୍ୟ ବର୍ଷକ ପୂର୍ବେ ନିବେଦନ କରାଯାଇଥିଲା । ମାତ୍ର ଧୀର୍ଘ ବର୍ଷାଧିକ କାଳ ବିତି ଯାଇଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପୁରାତନ ଛାତ୍ର ସଂଘ, ସ୍ଥାନୀୟ ଅଧିବାସୀ ଓ ଅବିଭାବକ ମହଲରେ ତିବ୍ର ଅସନ୍ତୋଷ ଦେଖା ଦେଇଛି ।

## ଧାମନଗର ହତ୍ୟାକାଣ୍ଡ ଘଟଣା ; ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଭଦ୍ରକ, ୨/୧୧(ହି.ସ.) - ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଧାମନଗର ଠାରେ ଘଟିଥିବା ହତ୍ୟାକାଣ୍ଡ ଘଟଣାର ପୁଲିସର ଛାନଭିନ ଜାରି ରଖିଛି । ଘଟଣା ଘଟିବାର ୧୨ ଘଂଟା ମଧ୍ୟରେ ପୁଲିସ ହତ୍ୟାକାଣ୍ଡର ମୁଖ୍ୟ ୩ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି । ଆଜି ଯେଉଁ ସ୍ଥାନରେ ହତ୍ୟାକାଣ୍ଡ ଘଟିଥିଲା ସେହି ସ୍ଥାନକୁ ଗିରଫ ୩ ଅଭିଯୁକ୍ତକୁ ପୁଲିସ ନେଇ ଜେରା ଓ ଅଧିକ ତଦନ୍ତ କରିଛି । ଏହି ହତ୍ୟାକାଣ୍ଡ କିପରି ଅଭିଯୁକ୍ତମାନେ କରିଥିଲେ ଓ ଯେଉଁ ଲୁହାରଡ ସହାୟତାରେ ଆକ୍ରମଣ କରାଯାଇଥିଲା ତାହାର ଟିକ୍‌ନିକ୍ ତଥ୍ୟ ପୁଲିସ ଅଭିଯୁକ୍ତ ମାନଙ୍କୁ ଠାରୁ ପଚାରି ବୁଝିଛି । ଏହି ଘଟଣାରେ ଏହି ୩ଜଣଙ୍କ ସମେତ ଅନ୍ୟ କେହିଁ ସଂପୃକ୍ତ ଅଛନ୍ତି କି ନାହିଁ ଏବଂ ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ନାଁ ଅନ୍ୟ କିଛି କାରଣ ରହିଛି ତାହାକୁ ନେଇ ପୁଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଛି । ଅପରପକ୍ଷେ ଆଜି ଭଦ୍ରକରୁ ମଧ୍ୟ ସାଇଂଟିପିକ ଟିମ ଘଟଣା ସ୍ଥଳକୁ ପୁଲିସ ଡକାଇଛି । ଏହି ଟିମ୍ ହତ୍ୟାକାଣ୍ଡ ସ୍ଥଳରୁ କିଛି ରକ୍ତଭିଜା ମାଟି ଓ ବାଲି, ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାରଡ ସହିତ ଅନ୍ୟ କିଛି ସୁରାଗ ମଧ୍ୟ ସଂଗ୍ରହ କରିଛି । ପ୍ରକାଶ ଯେ ଗତ ଶୁକ୍ରବାର ଦିନ ଦିପ୍ରହରରେ ଧାମନଗର ପଂଚାୟତ ସମିତି ଫାଟକ ସମ୍ମୁଖରେ ସ୍ଥାନୀୟ ଦକ୍ଷିଣବାଡ ଗ୍ରାମର ସତ୍ୟଜିତ ପଣ୍ଡା (୨୩)ଙ୍କୁ ହତ୍ୟା କରାଯାଇଥିଲା । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରି ତଦନ୍ତ ଆରମ୍ଭ କରିବା ସହିତ ସେହିଦିନ ବିଳମ୍ବିତ ରାତିରେ ଧୁଷୁରୀ ଥାନା କଟସାହି ପଂଚାୟତ ସହିଦନଗର ଗୋଛାୟତସାହି ଗ୍ରାମରୁ ପୁଲିସ ଏହି ୩ ଅଭିଯୁକ୍ତକୁ ଗିରଫ କରିଥିଲା । ସ୍ଥାନୀୟ ମୁନିସପାଟଣା ଗ୍ରାମର ସନ୍ତୋଷ ଦଳେଇ ଓ ଚନ୍ଦନ ଗୋଛାୟତ ଏବଂ କଂଟାବଣିଆ ଗ୍ରାମର ବସନ୍ତ ଭୁତିଆକୁ ପୁଲିସ ଗିରଫ କରିଥିଲା । ଆଜି ଏହି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆବଶ୍ୟକ ପଡିଲେ ସେମାନଙ୍କୁ ରିମାଇଣ୍ଡରରେ ଅଣାଯିବ ବୋଲି ଥାନାଧିକାରୀ ତଥା ତଦନ୍ତକାରୀ ଅଫିସର ରତିକାନ୍ତ ଗିରି ସୂଚନା ଦେଇଛନ୍ତି ।

### ୨ ବାଲି ହାଇୱା ଜବତ

କୋରେଇ,୦୨।୧୧ (ନି.ପ୍ର): ପାଣିକୋଇଲି ଥାନା ଅଂଚଳରେ ବ୍ୟାସନଗର ତହସିଲ ପକ୍ଷରୁ ଆଜି ସନ୍ଧ୍ୟାରେ ଚୋରା ବାଲି ଗାଡି ଉପରେ ଯାଂଚକୁ କଡାକଡି କରାଯାଇଛି । ଯାଂଚ ସମୟରେ ୨ଟି ବାଲି ବୋଝେଇ ହାଇୱା ବାଲିର କୌଣସି କାଗଜାଦି ଦେଖାଇ ନପାରିବାରୁ ସେମାନଙ୍କୁ ଧରାଯାଇ ପାଣିକୋଇଲି ପୁଲିସ ଜିମା ଦିଆଯାଇଛି । ଏହି ଚୋରା ବାଲି ହାଇୱା ବାଲେଶ୍ୱର ଯାଉଥିବା ସୂଚନା ମିଳିଛି । ଆଜିର ଚଢାଉରେ ବ୍ୟାସନଗର ଅତିରିକ୍ତ ତହସିଲଦାର ରଶ୍ମୀତା ସ୍ୱାଇଁ, ସୁପର ଭାଇଜର ବିଷ୍ଣୁ ପଣ୍ଡା, ରାଜସ୍ୱ ନିରୀକ୍ଷକ ସୁଜିତ ସାମଲ, ସୁଧି ରଂଜନ ମଲିକ, କାଟେ ପୂର୍ତି ପ୍ରମୁଖ ସାମିଲ ହୋଇଥିଲେ ।

## ପୋଲିସ ଡ଼ିଜିଙ୍କ କନ୍ଧମାଳ ଗସ୍ତ : ଖମଣଖୋଲ ଏଂଟି ନକ୍ସଲ ସିଆରପିଏଫ କ୍ୟାମ୍ପ ପରିଦର୍ଶନ

**ମାଓବାଦୀଙ୍କ ଗତିବିଧି ଏବଂ ପଦକ୍ଷେପ ବାବଦରେ ସମୀକ୍ଷା**

କନ୍ଧମାଳ,୦୨।୧୧ (ନି.ପ୍ର): ରାଜ୍ୟ ପୋଲିସ ଡ଼ିଜି ଅଭୟ ଆଜି କନ୍ଧମାଳ ଜିଲ୍ଲା ଖମଣଖୋଲ ଠାରେ ଥିବା ଏଂଟି ନକ୍ସଲ ସିଆରପିଏଫ କ୍ୟାମ୍ପ ପରିଦର୍ଶନରେ ପହଂଚି ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି, ଏବଂ ଜିଲ୍ଲା ପୋଲିସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବାବଦରେ ସମୀକ୍ଷା କରିଛନ୍ତି । ଏହି ଗସ୍ତ କାଳରେ ସେ ସେଠାରେ କାର୍ଯ୍ୟରତ ଥିବା କନେଷ୍ଟବଳ ଜିତେନ୍ଦ୍ର ନାୟକ ଓ ତପନ ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ । ତାଙ୍କ ସହିତ ସ୍ୱତନ୍ତ୍ର ଡ଼ିଜିପି ସିଆରପିଏଫ କୁଲଦୀପ ସିଂହ, ଗୁଇନ୍ଦା ନିର୍ଦ୍ଦେଶକ ଆର.କେ. ଶର୍ମା, ଆଇଜି ଅପରେସନ ଅମିତାଭ ଠାକୁର, ଆଇଜି ସିଆରପିଏଫ ଏସ.କେ. ମହାନ୍ତି, କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ ଭିନିତ ଅଗ୍ରୱାଲଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରିୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଦେଓବାହାଲ ଗ୍ରାମରେ ମାସ୍କ ବଂଟନ କାର୍ଯ୍ୟକ୍ରମ

ନୂଆପଡା,୦୨।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଦେଓବାହାଲ ଗ୍ରାମରେ ରବିବାର ମାସ୍କ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଭିଡ-୧୯ ସମ୍ପର୍କ ସଭାନେତ୍ରୀ କୁଞ୍ଜଲତା ସିଂହ ମହାରଥାଙ୍କ ଦ୍ୱାରା ଗ୍ରାମବାସୀଙ୍କୁ ମାସ୍କ ବ ନ କରିବା ସହ ଲୋକଙ୍କୁ ମହାମାରୀ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା, ଆବଶ୍ୟକ ନଥିଲେ ଘରୁ ନବାହାରିବା ଭଳି ସଚେତନତା କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ କରୋନା ସଚେତନତା ସଭାରେ ମୁଖ୍ୟ ଅତିଥି ଭାବରେ ସାନମହେଶ୍ୱର ପଂଚାୟତ ସମିତିସଭ୍ୟା ବୁଧବନ୍ତି ମାଝୀ, ସମ୍ମାନିତ ଅତିଥି ଜୟାନନ୍ଦ ଶବର, ଶିକ୍ଷକ ରଣଜିତ ସିଂହ ମହାରଥା, ହେରମ୍ବରାଜ କ୍ଷତ୍ରୀ, ପଣ୍ଡିତ ମାଝୀ ଏବଂ ମୁଖ୍ୟବକ୍ତା ଭାବରେ ଉମେଶ କୁମାର କ୍ଷତ୍ରୀ ଯୋଗଦାନ କରିଥିଲେ । ଅତିଥି ମାନେ କରୋନା ସମ୍ପର୍କରେ ଲୋକଙ୍କୁ ଚେତନ କରିଥିଲେ । ଏହି ମାସ୍କ ବଂଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନନ୍ତରାମ ମାଝୀ, ସତ୍ୟଜିତ ସିଂହ ମହାରଥା, ବିଶ୍ୱଜୀତ ସିଂହ ମହାରଥା, ଅଶୁମାନ ସିଂହ ମହାରଥା, ସ୍ମିତା ସିଂହ ମହାରଥ, ରିଙ୍କି ମହାରଥା ସହଯୋଗ କରିଥିଲେ ।

## ଗ୍ରୀନ ଷ୍ଟାର ୟୁଥ୍ କ୍ଲବ ତରଫରୁ ସବୁଜ କର୍ମଶାଳା ବୈଠକ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା,୦୨।୧୧ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଳକୁଣ୍ଡ ପଂଚାୟତ ମେଣ୍ଢ ଗ୍ରାମସ୍ଥ ଅଭୟ ନୃସିଂହ ପ୍ରାଙ୍ଗଣରେ ଝାଲପଡା ପଂଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗ୍ରୀନ ଷ୍ଟାର କ୍ଲବ' ପକ୍ଷରୁ ଏକ ସବୁଜ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ସଂଗଠକ ନଗେନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନିଶା ନିବାରଣ ଅଭିଯାନର ସମ୍ପାଦକ ରମାକାନ୍ତ ମଣ୍ଡଳ,ସମ୍ମାନୀତ ଅତିଥିଭାବେ କଥା ସେବକ ସନ୍ଥ ଶ୍ରୀ ସୁବିଧ କୁମାର ମହାରାଜ ଓ ମୁଖ୍ୟବକ୍ତାଭାବେ ଯୁବ ସାମାଜିକ କର୍ମୀ ସତ୍ୟରଂଜନ କରଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀମାନଙ୍କୁ ସବୁଜ ପୃଥିବୀ ସୃଷ୍ଟି କରିବା ସହିତ ନିଜକୁ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ ସମୟକୁ ସଦୁପୋଯୋଗ କରିବା ଦ୍ୱାରା ସମାଜର ମଙ୍ଗଳ ଶୃଙ୍ଖଳିତ ହୋଇପାରିବ ଏବଂ କମ୍ ଖର୍ଚ୍ଚ ଓ ସହଜ ଉପାୟରେ କିପରି ଅଧିକରୁ ଅଧିକ ଗଛ ଲଗାଇବା ସହ ଏହାର କିପରି ଯତ୍ନ ନିଆ ଯାଇ ପାରିବ ଏନେଇ ଅତିଥିମାନେ ପରାମର୍ଶ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କଳ୍ପନା ସାହୁ,ପରିବେଶବିତ୍ ବିଭୂ ପ୍ରସାଦ ଯୋଗ ଦେଇ ଗଛ ଲଗାଇବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କ୍ଲବର ସଭାପତି ରାଜେଶ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବିକ୍ରମ କେଶରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କୋଷାଧକ୍ଷ୍ୟ ପ୍ରଭଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉପସଭାପତି ପବିତ୍ର ସାହୁ,ପ୍ରଶାନ୍ତ ଜେନାଙ୍କ ସମେତ କ୍ଲବର ସଭ୍ୟମାନେ ସହଯୋଗ କରିଥିଲେ । ଶେଷରେ କ୍ଲବର ସମସ୍ତ ସଭ୍ୟମାନେ ଗୋଳକୁଣ୍ଡ ଓ ଝାଲପଡା ପଂଚାୟତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଗଛ ଲଗାଇବା ସହ ଅବର୍ଜନ କୁଣ୍ଡ ପ୍ରତିଷ୍ଠା କରିଥିଲେ । ଏବଂ ସଭ୍ୟମାନେ ଗ୍ରାମାବସୀମାନଙ୍କୁ ଏହି ସୁବଜିମା ପରିବେଶ ସମ୍ପର୍କରେ ସଚେତନତା ବାର୍ତା ପ୍ରଚାର କରିଥିଲେ ।

## ସ୍ୱର୍ଣ୍ଣ ମନ୍ଦିର



ଅମୃତ ସରର ଇତିହାସ ୪୦୦ ବର୍ଷ ପୁରୁଣା । ୧୫୭୭ ମସିହାରେ ଚତୁର୍ଥ ଶିଖ ଗୁରୁ ରାମଦାସ ସ୍ୱର୍ଣ୍ଣ ମନ୍ଦିରର ମୂଳଦୂଆ ପକାଇଥିଲେ । ପଞ୍ଚମ ଶିଖ ଗୁରୁଅର୍ଜନ ଦେବ ପବିତ୍ର ସରୋବର ଓ ଟ୍ୟାଙ୍କ ମଧ୍ୟରେ ହରମନ୍ଦିର ସାହିବ ବା ସ୍ୱର୍ଣ୍ଣ ମନ୍ଦିରର ନିର୍ମାଣ କରାଇଥିଲେ । ସେଠାରେ ଶିଖ ଧର୍ମର ପବିତ୍ର ଗ୍ରନ୍ଥ ଆଦିଗ୍ରନ୍ଥରେ ସ୍ଥାପନା କରାଯାଇଛି । ନିର୍ମାଣ ସମୟରେ ସେଠାରେ ଥିବା ସରୋବର ଖାଲିଥିବା ବିଶ୍ୱାସ କରାଯାଏ । ଅନ୍ୟପଟେ ହରମନ୍ଦିର ସାହିବଙ୍କ ପ୍ରଥମ ସଂସ୍କରଣକୁ ପୂର୍ଣ୍ଣ କରିବାକୁ ପ୍ରାୟ ୮ ବର୍ଷ ସମୟ ଲାଗିଥିଲା । ଏହି ମନ୍ଦିର ୧୬୦୪ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା । ଅନେକଥର ସ୍ୱର୍ଣ୍ଣମନ୍ଦିରକୁ ଧ୍ୱଂସ କରିବାକୁ ଚେଷ୍ଟା କରାଯାଇଥିଲା ଏବଂ ଏହା ଧ୍ୱଂସାଭିମୁଖୀ ହୋଇ ପଡ଼ିଥିଲା । ତେବେ ୧୭୦୦ ଶତାବ୍ଦୀରେ ମହାରାଜା ସର୍ଦ୍ଦାର ଜସସା ସିଂହ ଆଲୁଓ୍ୱାଲିୟାଙ୍କ ଦ୍ୱାରା ଏହାର ପୁନଃ ନିର୍ମାଣ କରାଯାଇଥିଲା । ମମାବଲରେ ତିଆରି ଏହି ମନ୍ଦିର କାନ୍ଥରେ ସୁନାର ପାତ କରାଯାଇଛି ଯାହା ଦେଖିବାକୁ ଖୁବ ସୁନ୍ଦର ଲାଗିଥାଏ । ସ୍ୱର୍ଣ୍ଣମନ୍ଦିରର ଗୁରୁଦ୍ୱାରରେ ହେଉଥିବା ଲଙ୍ଗରରେ ଯେକୌଣସି ବ୍ୟକ୍ତି ସାମିଲ ହୋଇପାରିବେ । ସେଠାରେ ପ୍ରତ୍ୟେକ ଦିନ ହେଉଥିବା ରୋଷେଇରେ ପ୍ରାୟ ୪୦ ହଜାର ଲୋକ ଖାଇଥାନ୍ତି । ଛୁଟି ଓ ସପ୍ତାହର ଶେଷ ଦିନରେ ପ୍ରାୟ ୪ଲକ୍ଷ ଲୋକ ଭୋଜନ କରିଥାନ୍ତି । ଭୋଜନରେ ରୁଟି ପରଷା ଯାଉଥିବାରୁ ପ୍ରତ୍ୟହ ୧୨ ହଜାର କିଲୋ ଅଟା ଦଳାଯାଏ । ଲଙ୍ଗରରେ ବସିବା ପୂର୍ବରୁ ଜୋତା ଖୋଲିବାକୁ ହୁଏ ଏବଂ ମୁଣ୍ଡରେ କପଡ଼ା ବନ୍ଧାଯାଏ । ଏଠାରେ ଥିବା ଭୋଜନାଳୟରେ ଦୁଇଟି ବଡ଼ ହଲ ରହିଛି । ଯେଉଁଠାରେ କି ଥରକେ ୫ହଜାର ଲୋକ ଏକତ୍ର ଭୋଜନ କରିପାରିବେ । ପରିଚ୍ଛନ୍ନତା ଦୃଷ୍ଟିରୁ ପ୍ରତ୍ୟେକ ବାସନକୁ ପାଞ୍ଚଥର ଲେଖାଏଁ ଅଲଗା ଧୁଆଯାଏ । ତେବେ ସେଠାରେ ଶୋଇବା ପାଇଁ ଅନେକ କୋଠରୀ ରହିଛି ଯେଉଁଠାରେ ଶୋଇବା ପାଇଁ ତକିଆ, ଚାଦର, କମ୍ବଳ ଆଦି ଦିଆଯାଏ । ଯଦି ଆପଣ ସେଠାକୁ ବୁଲିବାକୁ ଯିବାକୁ ଚାହୁଁଛନ୍ତି ତେବେ ଆପଣ ଆରାମରେ ତିନିଦିନ ରହିପାରିବେ ।

# ଏୟାର ହୋଷ୍ଟେସ୍

ଯଦି ଆପଣଙ୍କୁ ଅନ୍ୟ ଲୋକଙ୍କ ସହିତ କଥାବାର୍ତ୍ତା ହେବା, ସମ୍ପର୍କ ଯୋଡ଼ିବାକୁ ଭଲ ଲାଗୁଛି ଏବଂ ଆପଣ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରିଣୀ ହେବା ସହିତ ଯୋଗାଯୋଗ କରିବାରେ ଦକ୍ଷ ତା'ହେଲେ ଏୟାର ହୋଷ୍ଟେସ ଆପଣଙ୍କ ପାଇଁ ଏକ ଉପଯୁକ୍ତ କ୍ୟାରିୟର । ଆଜିକାଲି ଜୀବନର ପ୍ରତିଟି କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ କାମ କଲେଣି । ବର୍ତ୍ତମାନ ମହିଳାମାନଙ୍କ ଦୁନିଆ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ହୋଇ ରହିନାହିଁ । ଉପଯୁକ୍ତ ଶିକ୍ଷା ଏବଂ କମ୍ୟୁନିକେସନ ସହିତ ମଡର୍ଣ୍ଣ ଟେକନଲୋଜିର ଆଗମନ ଫଳରେ ପ୍ରତ୍ୟେକ ମହିଳାଙ୍କୁ ନିଜର ସ୍ୱପ୍ନ ସାକାର କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳୁଛି ।



### ଏୟାର ହୋଷ୍ଟେସ ବା ବିମାନ ପରିଚାରିକା:



ଏୟାର ହୋଷ୍ଟେସ ବା ବିମାନ ପରିଚାରିକା ମହିଳାଙ୍କ ମଧ୍ୟରେ ଏକ ଖୁବ ଲୋକପ୍ରିୟ କ୍ୟାରିୟର ବିକଳ୍ପ । ଏହି ପେସା ଆକର୍ଷଣୀୟ ହେବା ସହିତ ଏକ ପ୍ରତିଶ୍ରୁତିବଦ୍ଧ କ୍ୟାରିୟର ବିକଳ୍ପ ଭାବେ ଉଭା ହୋଇଛି । ଯଦି ଆପଣଙ୍କୁ ଅନ୍ୟ ଲୋକଙ୍କ ସହିତ କଥାବାର୍ତ୍ତା ହେବା, ସମ୍ପର୍କ ଯୋଡ଼ିବାକୁ ଭଲ ଲାଗୁଛି ଏବଂ ଆପଣ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରିଣୀ ହେବା ସହିତ ଯୋଗାଯୋଗ କରିବାରେ ଦକ୍ଷ ତା'ହେଲେ ଏୟାର ହୋଷ୍ଟେସ ଆପଣଙ୍କ ପାଇଁ ଏକ ଉପଯୁକ୍ତ କ୍ୟାରିୟର । ଜଣେ ଏୟାର ହୋଷ୍ଟେସ ଭାବରେ ଆପଣ ଦେଶ ବିଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରିପାରିବେ, ହୋଟେଲରେ ରହି ପ୍ରତ୍ୟେକ ଦିନ ନୂଆ ନୂଆ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରି ନୂଆ ଅନୁଭବ ସାଉଁଟି ପାରିବେ । ତେବେ ଏହି ପେସାକୁ ଯଦି ଆପଣ ଆପଣେଇନେବାକୁ ଇଚ୍ଛା କରୁଛନ୍ତି ତାହେଲେ ଆପଣଙ୍କୁ ଶତ ପ୍ରତିଶତ ପ୍ରତିବଦ୍ଧତା, ସମର୍ପଣ ଏବଂ ସାହାସର ସହିତ ପରିଶ୍ରମ କରିବା ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ ।

### ଯୋଗ୍ୟତା:

ଏୟାର ହୋଷ୍ଟେସ ପାଇଁ ଏକାଧିକ ଭାରତୀୟ ଅନୁଷ୍ଠାନ ମହିଳା ପ୍ରାର୍ଥୀଙ୍କୁ ଡିପ୍ଲୋମା ଏବଂ ଅନ୍ୟ ସର୍ଟ-ଟର୍ମ କୋର୍ସ ତଥା ପ୍ରଶିକ୍ଷଣ ଦେଇଥାନ୍ତି । ଏୟାର ଇଣ୍ଡିଆ ଏବଂ ଇଣ୍ଡିଆନ ଏୟାର ଲାଇନସ ଅନ୍ୟୁନ ୧୫୭.୫ ସେଣ୍ଟିମିଟର ଉଚ୍ଚତା ଥିବା ୧୯ରୁ ୨୫ ବର୍ଷ ବୟସର ଯୁବତୀଙ୍କୁ ନିଯୁକ୍ତି ଦେଇଥାନ୍ତି । ଅଧିକାଂଶ ସଂସ୍ଥାନ ଏୟାର ହୋଷ୍ଟେସ ପାଇଁ ଶିକ୍ଷାଗତ ଯୋଗ୍ୟତାର ଅତିକମରେ ଯୁକ୍ତ ଦୁଇ ପାଦ ରଖିଥାନ୍ତି । ତେବେ କିଛି ସଂସ୍ଥାନ ଆପଣଙ୍କୁ ଗ୍ରାଜୁଏସନ ବା ସ୍ନାତକ ଡିଗ୍ରୀ ସମ୍ପର୍କରେ ପଚାରି ପାରନ୍ତି । ଏହାଛଡ଼ା ଏୟାର ହୋଷ୍ଟେସ ହେବାକୁ ଚାହୁଁଥିବା ଯୁବତୀମାନେ ସ୍ମାର୍ଟ, ଗୁଡ଼ଲୁକିଂ ହେବା ସହିତ ଆତ୍ମବିଶ୍ୱାସୀ ହେବା ଦରକାର । ନମ୍ର ଏବଂ ବିନୟୀ ସ୍ୱଭାବ, ଆକର୍ଷଣୀୟ ବ୍ୟକ୍ତିତ୍ୱ ମଧ୍ୟ ଏହି ପେସା ପାଇଁ ଜରୁରୀ ଆବଶ୍ୟକତା । ଯୋଗାଯୋଗରେ ଦକ୍ଷତା, ଉପସ୍ଥିତ ବୁଦ୍ଧି ମଧ୍ୟ ପ୍ରାର୍ଥନୀଙ୍କ ପାଇଁ ପ୍ଲସ ପଏଣ୍ଟ । ପୁଣି ଏହି ପେସା ପାଇଁ ଜଣେ ଅତି କମରେ ଗୋଟିଏ ବିଦେଶୀ ଭାଷାରେ ଦକ୍ଷତା ଅର୍ଜନ କରିଥିବା ଦରକାର । ତେବେ ଏହା ଏକ ଅନିବାର୍ଯ୍ୟ ସର୍ତ୍ତ ନୁହେଁ ।

### ଚାକିରି ସୁଯୋଗ:

ସଫଳତାର ସହିତ ଏୟାର ହୋଷ୍ଟେସ ଟ୍ରେନିଂ ଏବଂ କୋର୍ସ ଶେଷ କରିବା ପରେ ଆପଣ ଏୟାର ଇଣ୍ଡିଆ, ଇଣ୍ଡିଗୋ, ବ୍ରିଟିଶ ଏୟାରୱେଜ ଭଳି ବିଭିନ୍ନ ପବ୍ଲିକ ଏବଂ ପ୍ରାଇଭେଟ ଏୟାରଲାଇନସରେ ନିଯୁକ୍ତି ପାଇପାରିବେ ।



ଭାରତରେ ଅନେକ ଶୈକ୍ଷିକ ସଂସ୍ଥାନ ବା ଶିକ୍ଷାନୁଷ୍ଠାନ ଏୟାର ହୋଷ୍ଟେସ ପେସା ପାଇଁ ଛାତ୍ରୀଙ୍କୁ ଡିଗ୍ରୀ କୋର୍ସ ଦେବା ସହିତ ତାଲିମ ପ୍ରଦାନ କରିଥାନ୍ତି । ଏଭଳି କିଛି ପ୍ରସିଦ୍ଧ ସଂସ୍ଥାନ ଭିତରେ ରହିଛି । ଓ୍ୱାଇଏମସିଏ, ନୂଆଦିଲ୍ଲୀ ସ୍କାଇଲାଇନପ ଏଜୁକେଶନାଲ ଇନଷ୍ଟିଚ୍ୟୁଟ, ହଜଖାସ, ନୂଆଦିଲ୍ଲୀ ଫ୍ରେଙ୍କଫିନ ଇନଷ୍ଟିଚ୍ୟୁଟ ଅଫ ଏୟାର ହୋଷ୍ଟେସ ଟ୍ରେନିଂ, ନୂଆଦିଲ୍ଲୀ ।

## ବାସି ଭାତ ଖାଇବାର ଆବଶ୍ୟକତା

■ବିଶେଷଜ୍ଞ ଦଳ ୯ମାସ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ ବାସି ଭାତରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଥିବାରୁ ତାହା ଆମ ଶରୀରକୁ ଶକ୍ତି ଯୋଗାଇବା ସହ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ ।

■ସପ୍ତାହକୁ ଅତିକମରେ ୩ଦିନ ବାସିଭାତ ଖାଇଲେ ଅଳ୍ପ ପରି ରୋଗରୁ ମୁକ୍ତି ମିଳିବାର ସମ୍ଭାବନା ରହିଥିବାର ଗବେଷକଙ୍କ ମତ । ପ୍ରାୟତଃ ବାସି ଭାତକୁ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରି କିମ୍ବା ସ ଜ ଭାତରେ ମିଶାଇ ଖାଉଥିବା ଲୋକଙ୍କ ତ୍ୱଚାରେ ଚମକ ଆସିଥାଏ ।



■ବାସି ଭାତରେ ଆଇରନ, ପୋଟାସିୟମ, କ୍ୟାଲସିୟମର ପରିମାଣ ଅଧିକ ଥାଏ ।

■ବିଶେଷଜ୍ଞଙ୍କ ମତରେ ନିୟମିତ ଏହା ଖାଇଲେ ଶରୀରର ମେଦ ବୃଦ୍ଧି ହୋଇନଥାଏ ଓ ଜଣେ ଲୋକ ସୁସ୍ଥ ମଧ୍ୟ ରହେ ।

■ବାସି ଭାତ ଖାଉଥିବା ଲୋକଙ୍କୁ ପେଟ ରୋଗ ସହଜରେ ହୋଇନଥାଏ ।

## ଉପକାରୀ ସୋରିଷ ତେଲ




♦ଶୁଦ୍ଧ ସୋରିଷ ତେଲରେ ବିଟାକ୍ୟାରୋଟିନ, ଲୌହ, ଫ୍ୟାଟି ଏସିଡ, କ୍ୟାଲସିୟମ ଓ ମ୍ୟାଗ୍ନେସିୟମ ପରି ତତ୍ତ୍ୱ ମହଜୁଦ ଥିବାରୁ ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା କରିଥାଏ ।

♦ସୋରିଷ ତେଲ ନିୟମିତ ଭାବରେ କେଶରେ ମାଲିସ କଲେ କେଶ ମଜବୁତ ହେବା ସହ ଏହାର ଘନତ୍ୱ ବଢ଼ିଥାଏ ।

♦ବେସନ, ଦହି ଅଳ୍ପ ଲେମ୍ବୁରସ, ଅଧ ଚାମଚ ସୋରିଷତେଲକୁ ମିଶାଇ ଏକ ପ୍ୟାକ କରି ତ୍ୱଚାରେ ଲଗାନ୍ତୁ । ୧୦-୧୫ ମିନିଟ୍ ପରେ ନଖ ଉଷୁମ ପାଣିରେ ତ୍ୱଚା ଧୋଇନେବେ । ତ୍ୱଚାର ରଙ୍ଗ ସଫା ହେବା ସହ ଦାଗ ଦୂର ହୋଇଥାଏ ।

♦ସୋରିଷ ତେଲ ଓ ନଡ଼ିଆ ତେଲ ସମାନ ମାତ୍ରାରେ ନେଇ ତ୍ୱଚାରେ ମାଲିସ କରିବେ । ତ୍ୱଚା କୋମଳ ହେବା ସହ ଉଜ୍ଜ୍ୱଳ ହୁଏ ।

♦ନିୟମିତ ସୋରିଷ ତେଲ ଶରୀରରେ ମାଲିସ କରୁଥିବା ଲୋକଙ୍କୁ ତ୍ୱଚା ସଂକ୍ରମଣ ହୋଇନଥାଏ ।

♦ରାତିରେ ଶୋଇବା ପୂବରୁ ଏହି ତେଲକୁ ତ୍ୱଚାରେ ମାଲିସ କଲେ ମଶା ମଧ୍ୟ କାମୁଡ଼ି ନଥାଏ ।

♦ସୋରିଷ ତେଲରେ ପର୍ଯ୍ୟାନ୍ତ ପରିମାଣର ମ୍ୟାଗ୍ନେସିୟମ ଥିବାରୁ ଶ୍ୱାସ ରୋଗୀଙ୍କ ପାଇଁ ଭଲ ବୋଲି ଗବେଷକଙ୍କ ମତ ।

♦ଏହି ତେଲରେ ଖାଦ୍ୟ ରାନ୍ଧି ଖାଉଥିବା ବ୍ୟକ୍ତିଙ୍କୁ କର୍କଟ ଆକ୍ରାନ୍ତ ହେବାର ଆାଙ୍କା ଯଥେଷ୍ଟ କମ ।

## ଓ୍ୱିଣ୍ଟର ସିଜନ ପାଇଁ ଷ୍ଟାଇଲିସ ଶ୍ରଗ୍

ଋତୁ ପରିବର୍ତ୍ତନ ସହିତ ଆମ ପୋଷାକ ପିନ୍ଧିବା ଶୈଳୀ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଶୀତଦିନେ ଶୀତରୁ ରକ୍ଷା ପାଇବା ସହ ଫ୍ୟାସନେବୁଲ ଦିଶିବା ଭଳି ପୋଷାକ ଚୟନରେ କରିବା ସହଜ ହୋଇନଥାଏ । ନିଜକୁ ଫ୍ୟାସନ ଅପଡେଟ କରାଇବା ପାଇଁ ଅନେକ ଉପାୟ ଆପେଣଇଥାଉ । ତେବେ ଆଜିକାଲି ଫ୍ୟାସନ ଇଣ୍ଡଷ୍ଟ୍ରିରେ 'ଶ୍ରଗ'ର ଚାହିଦା ବଢ଼ିବାରେ ଲାଗିଛି । ଶ୍ରଗକୁ ଆପଣ ଭିନ୍ନ କିମ୍ବା ଲଙ୍ଗ ସ୍କର୍ଟ ସହ ପିନ୍ଧି ପାରିବେ । ଏହା ଆପଣଙ୍କୁ ଷ୍ଟାଇଲିଶ ଓ ଆକର୍ଷକ ଲୁକ ଦେବା ସହ ଶୀତ ଦାଉରୁ ମଧ୍ୟ ଆପଣଙ୍କୁ ରକ୍ଷା କରିଥାଏ । 'ଶ୍ରଗ'ର ରଙ୍ଗ ଆପଣଙ୍କ ଆଉଟଫିଟକୁ ନୂଆ ଲୁକ୍ ଦେବ । ତେବେ ଜାଣନ୍ତୁ ଏପରି କିଛି କ୍ଲାସିକ ଶ୍ରଗ ବିଷୟରେ ଯାହା ଆସୁଥିବା ଋତୁରେ ଆପଣଙ୍କ ପାଇଁ ପୂରା ପରଫେକ୍ଟ ।



***ଟିଲ ବ୍ଲୁ ଏଭରଗ୍ରୀନ ସ୍ଲଗ:*** ଯଦି ଆପଣ ଅଫିସ ପାଇଁ କ୍ଲାସିକ ଲୁକରେ ନଜର ଆସିବାକୁ ଚାହୁଁଛନ୍ତି ତେବେ ଟିଲ ବ୍ଲୁ ଏଭରଗ୍ରୀନ ଶ୍ରଗ କିଣନ୍ତୁ । ଏହା ଆପଣଙ୍କୁ ଡିସେଣ୍ଟ ଲୁକ ଦେବ । ଏହା ଯେ କେବଳ ଅଫିସ ପାଇଁ ପ୍ରଯୁଜ୍ୟ ତାହା ନୁହେଁ ଆପଣ ଜିନ୍ସ ଓ ଟି ସାର୍ଟ ସହ ପିନ୍ଧି ବାହାରକୁ ମଧ୍ୟ ଯାଇପାରିବେ ।

**ପିଙ୍କ ଫ୍ୟାସନେବଲ ଶ୍ରଗ:** ଆଜିକାଲି ଲଙ୍ଗ ଶ୍ରଗ ଫ୍ୟାସନରେ ରହିଛି । ଆପଣ ଅନେକ ସେଲିବ୍ରିଟିଙ୍କୁ ମଧ୍ୟ ଏହି ଶ୍ରଗ ପିନ୍ଧୁଥିବାର ଦେଖିଥିବେ । ଏହି ପିଙ୍କ ଶ୍ରଗ ଲଙ୍ଗ ହୋଇଥିବାରୁ ଯେ ଆକର୍ଷଣୀୟ ଲାଗେ ତାହା ନୁହେଁ ବରଂ ଏହାର ବେଲ ସ୍ଲିଭସ ଓ ଫ୍ଲେୟର୍ଡ଼ ରଙ୍ଗ ଏହାକୁ ଅଧିକ ସୁନ୍ଦର କରିଥାଏ ।

**ବ୍ଲାକ ସ୍ମାର୍ଟ ଶ୍ରଗ୍:** ବ୍ଲାକ ସ୍ମାର୍ଟ ଶ୍ରଗ ଆପଣଙ୍କ ଅଫିସ ଡ୍ରେସ ପାଇଁ ଖୁବ ଭଲ ରହିବ । ତେବେ ଏହାର ସିମ୍ପଲ ସ୍ମାର୍ଟ ଲୁକ ଯୋଗୁଁ ଆପଣ ଖୁବ ସୁନ୍ଦର ଦିଶିବେ । ଅନ୍ୟ ଯେକୌଣସି ଡ୍ରେସ ସହ କମ୍ବାଇନ କରି ଆପଣ ଏହି ଶ୍ରଗ ପିନ୍ଧି ପାରିବେ ।



***ସର୍ଟ ଲୁକ୍ ହ୍ୱାଇଟ ଏଣ୍ଡ ବ୍ଲୁ ଶ୍ରଗ୍:*** ଏହି ସର୍ଟ ଲୁକ ଶ୍ରଗ୍ ଦେଖିବାକୁ ଖୁବ ଷ୍ଟାଇଲିଶ୍ । ଯଦି ଆପଣ ଡାର୍କ ରଙ୍ଗର ଆଉଟଫିଟ ପିନ୍ଧୁଛନ୍ତି ଯେପରିକି ବ୍ଲାକ ରଙ୍ଗର ପ୍ୟାର୍ଟ ଓ ଟି ସାର୍ଟ ତେବେ ଏହା ଆପଣଙ୍କୁ ଖୁବ ମାନିବ ।

## ଖାଦ୍ୟ ସମ୍ପର୍କିତ ସଚେତନତା

♦ କଦଳୀ ଦୈନିକ ଖାଇବା ଭଲ । ହେଲେ ଖାଲିପେଟରେ କଦଳୀ ଖାଇଲେ ପେଟରେ ମ୍ୟାଗ୍ନେସିୟମ, କ୍ୟାଲସିୟମର ପରିମାଣ ବୃଦ୍ଧି ପାଇ ଜ୍ୱଳନ ହୋଇଥାଏ ।

♦ ରାତିରେ ସେଓ ନ ଖାଇବା ଉଚିତ । ସେଓ ଖାଇବା ଦ୍ୱାରା ରାତିବେଳା ଏହା ହଜମ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଉଥିବାର ଗବେଷକଙ୍କ ମତ ।

♦ ସକାଳେ ୧ଗିଲାସ ପାଣି ପିଇବା ପରେ ହିଁ ଗ୍ରୀନ ଟି ପିଇବା ଭଲ । ଖାଲିପେଟରେ ଏହା ପିଇଲେ ଶରୀରରେ ଏସିଡ ମାତ୍ରା ବୃଦ୍ଧିପାଏ ।

♦ ରାତିରେ କଫି ପିଇଲେ ନିଦ ଭଲଭାବରେ ହୁଏ ନାହିଁ । ଏହା ପିଇଲେ ଶରୀରରେ ଜଳର ମାତ୍ରା କମ ହୋଇଥାଏ ।

♦ ହରଡ଼ ଡାଲି, ବୁଟଡାଲି, ମୁଗ ଡାଲି ଇତ୍ୟାଦି ନାନାଦି ପ୍ରକାରର ଡାଲିକୁ ରାତିବେଳା ନ ଖାଇବା ଉଚିତ । ଏହା ଠିକ ଭାବରେ ହଜମ ହୁଏନାହିଁ ।

♦ ଖାଲିପେଟରେ ଖିର ପିଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏଥିରେ ମହଜୁଦ ଥିବା ସ୍ୟାଚୁରେଟେଡ ଫୁଡ ପ୍ରୋଟିନ ଇତ୍ୟାଦି ମାଂସପେଶୀ ଦୁର୍ବଳ କରିଥାଏ ।

♦ ସନ୍ଧ୍ୟାବେଳେ ଅଣ୍ଡା ଖାଇବା ଉଚିତ କିନ୍ତୁ ରାତିରେ ଅଣ୍ଡା ଖାଇଲେ ଏହା ହଜମ ଭଲଭାବେ ହୁଏ ନାହିଁ ।

## ଧୂମପାନ ତ୍ୟାଗର ସରଳ ଉପାୟ

■ ଧୂମପାନ ନୀରବ ଘାତକ ପରିକାମ କରିଥାଏ । ସର୍ବେକ୍ଷଣରୁ ପ୍ରକାଶିତ ଯେ ପ୍ରତି ୨୦ଜଣରେ ୯ଜଣ ଲୋକ ଧୂମପାନ ଅଭ୍ୟାସ ଛାଡ଼ିବା ପାଇଁ କେବଳ ପ୍ରତିଶ୍ରୁତି କରିଥାନ୍ତି, ବାସ୍ତବରେ ଏହି ଅଭ୍ୟାସକୁ ସେମାନେ ତ୍ୟାଗ କରିପାରନ୍ତି ନାହିଁ । ତେବେ ଏଥିରୁ ନିବୃତ୍ତ ହେବା ପାଇଁ ଜନୈକ ବିଶେଷଜ୍ଞ ସରଳ ଉପଚାରମାନ ଏକ ସୋସିଆଲ ସାଇଟ ଜରିଆରେ ସାଧାରଣ ଲୋକଙ୍କୁ ଅବଗତ କରାଇଛନ୍ତି ।

■ ଧୂମପାନ କରିବାକୁ ଇଚ୍ଛା ହେଲେ ଲେମ୍ବୁ ପାଣିରେ ଚିମୁଟାଏ କଳାଲୁଣ ମିଶାଇ ପିଅନ୍ତୁ । ଏଥିରେ ମହଜୁଦ ଥିବା ସଲଫର ଧୂମପାନର ଇଚ୍ଛାକୁ ହ୍ରାସ କରେ । ନିୟମିତ ଭାବରେ ଏହି ଉପାୟ କରିବା ଲାଭପ୍ରଦ ।

■ ଅଁଳା ଖଣ୍ଡକୁ ଲୁଣ ମିଶାଇ କିଛିଦିନ ଖରାରେ ଶୁଖାଇ ରଖିବେ । ଧୂମପାନର ଇଚ୍ଛା ହେଲେ ଏହାକୁ ଚୋବାଇବା ଉଚିତ । ଏଥିରେ ଥିବା ଭିଟାମିନ ସି ଧୂମପାନ କରିବାର ଇଚ୍ଛାକୁ ନିୟନ୍ତ୍ରଣ କରୁଥିବାର ବିଶେଷଜ୍ଞଙ୍କ ମତ ।

■ ସିଗାରେଟ୍ ପିଇବାକୁ ଇଚ୍ଛା ହେଲେ ଡାଲଚିନି ଖଣ୍ଡେ ପାଟିରେ ପକାନ୍ତୁ । ପ୍ରତ୍ୟହ ଏହି ଅଭ୍ୟାସ କଲେ ଧୂମପାନରୁ ଶୀଘ୍ର ମୁକ୍ତି ମିଳେ ।



## କେଶର ଯତ୍ନ

**କେଶର ସମସ୍ୟା ନେଇ ଏବର ଯୁବତୀ ଓ ମହିଳାମାନେ ମାତ୍ରାଧିକ ଚିନ୍ତିତ । କେଶର ସୌନ୍ଦର୍ଯ୍ୟ ଓ ଘନତ୍ୱ ବଢ଼ାଇବା ନିମନ୍ତେ ନାନାଦି ସରଳ ଉପଚାରମାନ କରିହେବ ।**

♦ରୁକ୍ଷ କେଶରେ ଚମକ ଆଣିବା ପାଇଁ ପିଆଜ ରସ, ମେଥି, ମହୁ ମିଶାଇ ଏକ ପାତ୍ରରେ ରାତି ସାରା ରଖିବେ । ସକାଳୁ କେଶରେ ଲଗାଇ ଘଣ୍ଟେ ରଖିବା ପରେ ଶ୍ୟାମ୍ପୁରେ କେଶ ଧୋଇନେବେ । କେଶ ଚମକିବା ସହ ମଜବୁତ ମଧ୍ୟ ହୋଇଯିବ ।

♦କେଶକୁ ମୁଲାୟମ ଓ ଘନତ୍ୱ ବଢ଼ାଇବା ପାଇଁ ୪ଚାମଚ ମେଥିଦାନା(ରାତିରେ ଭିଜାହୋଇଥିବା) ୪ ଚାମଚ ଘି- କୁଆଁରୀ ରସ, କିଛି ଭୃସୁଙ୍ଗ ପତ୍ର ୨-୩ ମନ୍ଦାର ଫୁଲ, ୨ଚାମଚ ମହୁ, ୧ ଚାମଚ ସୋରିଷ ତେଲ ମିଶାଇ ପେଷ୍ଟ ଭାବରେ କେଶରେ ଲଗାଇବେ । ସପ୍ତାହକୁ ଥରୁଟିଏ ଏହି ପ୍ୟାକ ଲଗାଇଲେ କେଶ ମୁଲାୟମ ହେବ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୩ ନଭେମ୍ବର ୨୦୨୦, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଦ୍ୱିତୀୟବାର କରୋନା...

ୟୁରୋପରେ ଏବେ ଶୀତଦିନର ପ୍ରକୋପ ଏବଂ ଏସୀୟ ମହାଦେଶରେ ତାହା ଆରମ୍ଭ ହେବାକୁ ଯାଉଛି । ଜାଡ଼ ଆଉ କିଛି ରୋଗକୁ ସହାୟକ ହେଉ ଅବା ନହେଉ, ବିଶେଷକରି ଏଭଳି ପାଗ ଭୂତାଣୁଜନିତ ରୋଗ ବୃଦ୍ଧି କରିଥାଏ । ଶ୍ୱାସକ୍ରିୟାଜନିତ ରୋଗରେ ଆକ୍ରାନ୍ତ ରୋଗୀଙ୍କ ପାଇଁ ଶୀତଦିନ ସବୁଠାରୁ ଭୟଙ୍କର ସାବ୍ୟସ୍ତ ହୋଇଥାଏ । କରୋନା ମହାମାରୀ ଯେହେତୁ ଭୂତାଣୁବାହିତ ଏକ ରୋଗ, ଏବେ ତାହାର ଦ୍ୱିତୀୟ ପର୍ଯ୍ୟାୟ ୟୁରୋପର ଅନେକ ରାଷ୍ଟ୍ରରେ ଆତଙ୍କ ସୃଷ୍ଟି କରିଛି । ଭାରତ ସମେତ ଏସୀୟ ରାଷ୍ଟ୍ରଙ୍କ ସକାଶେ ଏଭଳି ବିପଦ ଆସିବାକୁ ଆଉ ଅଧିକ ସମୟ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା କରନ୍ତି । ଚଳିତ ବର୍ଷ ମାର୍ଚ୍ଚ, ଏପ୍ରିଲ ଏବଂ ମେ' ମାସରେ ଯେତେବେଳେ ୟୁରୋପର ଇଟାଲି, ସ୍ପେନ, ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ, ବେଲଜିୟମ ଆଦି ରାଷ୍ଟ୍ର କରୋନା ପ୍ରଭାବରେ ପ୍ରଥମେ ଆସିଥିଲେ ସେତେବେଳେ ସେହିସବୁ ଦେଶମାନଙ୍କରେ ଦୈନିକ ଆକ୍ରାନ୍ତଙ୍କ ମୋଟ୍ ସଂଖ୍ୟା ଏକଲକ୍ଷ ଭିତରେ ସୀମିତ ଥିଲା । ଏହି ମହାମାରୀର ଯେତେବେଳେ ଆମେରିକାରେ ପ୍ରଥମ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଥିଲା ସେତେବେଳେ ସେଠାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୩୦ରୁ ୪୦ ହଜାର ମଧ୍ୟରେ ସୀମିତ ଥିଲା । କିନ୍ତୁ ଏହାର ପ୍ରକୋପ ବୃଦ୍ଧି ପାଇବା ସହ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଏକ ସମୟରେ ୮୦ ହଜାର ଛୁଇଁଥିଲା । ଏହି ଧାରା ସେପ୍ଟେମ୍ବର ମାସ ଅଧା ପର୍ଯ୍ୟନ୍ତ କାଏମ ରହିଥିଲା । ଏହାପରେ ଉଭୟ ୟୁରୋପ ଏବଂ ଆମେରିକାରରୁ ଆକ୍ରାନ୍ତଙ୍କ ସଂଖ୍ୟା ଓ ତଦ୍‌ଜନିତ ମୃତ୍ୟୁସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଇଥିଲା । ଏହା କେବଳ ସେହିସବୁ ରାଷ୍ଟ୍ରମାନଙ୍କ ସରକାର ଓ ଜନସାଧାରଣଙ୍କୁ ଆଶ୍ୱସ୍ତ କରିନଥିଲା, କରୋନା ଉପରେ ନିୟନ୍ତ୍ରଣ ଆସିଛି ବୋଲି ମଧ ବୈଜ୍ଞାନିକ ଗୋଷ୍ଠୀ ବିବେଚନା କରୁଥିଲେ । ତେବେ ଏହାପରେ ସେହିସବୁ ରାଷ୍ଟ୍ରମାନଙ୍କରେ ଦ୍ୱିତୀୟ ଦଫା କରୋନା ଲହରୀ ଏବେ ଦେଖାଦେଇଛି । ସ୍ପେନରୁର ଆରମ୍ଭକରି ଏହି ମାତ୍ରା ବୃଦ୍ଧି ଏବେ ବ୍ରିଟେନ, ସୁଇଜରଲାଣ୍ଡ, ନେଦରଲାଣ୍ଡ, ଫ୍ରାନ୍ସ ଏବଂ ନରୱେ ପର୍ଯ୍ୟନ୍ତ ବ୍ୟାପିଥିବା ଜଣାପଡ଼ିଛି । ଆମେରିକାରେ ଏହାର ପଦଧ୍ୱନି ମଧ ଦ୍ୱିତୀୟବାର ଶୁଣାଯାଇଛି । ଅନ୍ୟ ଏକ ଆଶ୍ଚର୍ଯ୍ୟର କଥା ହେଲା, ଇଟାଲିରେର ପ୍ରଥମ ଦଫାରେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିବା ବେଳେ ଦ୍ୱିତୀୟ ଦଫା ସେତେଟା ସଂକଟ ସୃଷ୍ଟି କରିନାହିଁ । ବିଶେଷଜ୍ଞମାନଙ୍କ କହିବା କଥା, କରୋନା ଭୂତାଣୁ କାଳେ ତା'ର କାୟା (ଷ୍ଟ୍ରେନ୍) ବଦଳାଇ ଏଭଳି ତାଣ୍ଡବଲୀଳା ଆରମ୍ଭ କରିଛି । ଏହାକୁ ସେମାନେ ୨୦ଏ.ଇୟୁ୧ ବୋଲି ନାମିତ କରିଛନ୍ତି । ଏହା ସ୍ପେନରେ ପ୍ରଥମ ଜୁଲାଇ ମାସରେ ଲକ୍ଷ୍ୟ କରାଯାଇଥିଲା ଏବଂ ଇତିମଧ୍ୟରେ ତାହା ଅନ୍ୟାନ୍ୟ ରାଷ୍ଟ୍ରକୁ ବ୍ୟାପିସାରିଛି । ଯଦି ଏହାସତ୍ୟ ହୋଇଥାଏ, ତେବେ ପରିସ୍ଥିତି ଯେ ସାଙ୍ଘାତିକ ତାହା ବୁଝିବାକୁ ବାକି ନାହିଁ । ଚିକିତ୍ସାବିଜ୍ଞାନୀମାନେ ଏଭଳି ୟୁରୋପୀୟ ବ୍ୟାପ୍ତିର ଦୁଇଟି ସମ୍ଭାବ୍ୟ କାରଣ ଦର୍ଶାଉଛନ୍ତି । ତାହା ହେଲା, କରୋନା ହ୍ରାସ ପାଇବା ପରେ ସେଠାକାର ଜନସାଧାରଣର ବେପରୁଆ ମନୋଭାବ ଓ ବାହାରେ ବ୍ୟାପକ ଚଳପ୍ରଚଳ ଓ ଛୁଟି ମନାଇବା ଲାଗି ଚାରିଆଡ଼େ ଭ୍ରମଣ । ଦ୍ୱିତୀୟ କାରଣଟି ହେଲା, ଶୀତଦିନେ ଘରେ ଆବଦ୍ଧ ହୋଇ ରହିଥିବାରୁ ପରିବର୍ତ୍ତିତ ଷ୍ଟ୍ରେନ ପ୍ରଭାବରେ ଏହା ସଂକ୍ରମଣ ବୃଦ୍ଧି । ଯଦି ୟୁରୋପରେ ଶୀତଦିନ ଏଭଳି ଭୟଙ୍କର ହୋଇଛି ଭାରତରେ ମଧ ଅନୁରୂପ ପ୍ରଭାବ ଦେଖାଦେବାରେ ବିଚିତ୍ରତା ଥାଇନପାରେ । ଏହାର ସୂଚନା ଦିଲ୍ଲୀରେ ସଂକ୍ରମଣ ବୃଦ୍ଧିରୁ ମଧ ସୂଚୀତ ହୋଇସାରିଲାଣି । ତେଣୁ ଶୀତଦିନ ପାଇଁ ସରକାର ଏବଂ ଜନସାଧାରଣଙ୍କୁ ନିଶ୍ଚିତ ରୂପେ ଅଧିକ ସତର୍କ ରହିବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ଏକଥା ତାଙ୍କ ପ୍ରତ୍ୟେକ ଭାଷଣରେର ଦୋହରାଇ ଚାଲିଛନ୍ତି । ଏବେ ଦେଶରେ କରୋନା ଉପରେ ଯେତିକି ନିୟନ୍ତ୍ରଣ ଆସିଛି ତାହା ପର୍ଯ୍ୟାପ୍ତ ନୁହେଁ । ଏହି ମହାମାରୀ ସମୂଳେ ବିନାଶ ନହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ଦେଶବାସୀ କାୟମନୋବାକ୍ୟରେ ପାଳନ କରିବା ଉଚିତ । କାରଣ ପ୍ରତିଷେଧକ ଟିକା ବାହାରିବା ଏବଂ ବଜାରରେ ଉପଲବ୍ଧ ହେବାକୁ ଆହୁରି ସମୟ ଲାଗିବ । ପୁଣି ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେର ତାହା ସମସ୍ତଙ୍କ ନିକଟରେ ପହଞ୍ଚିବା ମଧ ଆଉ ଏକ ଦୁରୂହ ସମସ୍ୟା । ତେଣୁ ସତର୍କତା ଅବଲମ୍ବନ ଦ୍ୱାରା ଏହି ସଂକ୍ରମଣରୁ ବର୍ତ୍ତିବା ହିଁ ଏକମାତ୍ର ଉପାୟ । ଏଥିରୁ ଅବହେଳା ଘାତକ ସାବ୍ୟସ୍ତ ହୋଇପାରେ ।

# ଶ୍ରୀଜଙ୍ଗ ଗୌରବ ଅଜୟ କୁମାର ଦାସ

**ବିଜୟ କୁମାର ଦାସ**

## (ଗୁରୁଜୀ ଅଜୟ କୁମାର ଦାସଙ୍କ ଏକାଦଶାହ ଉପଲକ୍ଷେ)

କେହି ରହିନାହିଁ ରହିବେ ନାହିଁଟି
ଭବ ରଙ୍ଗ ଭୂମି ତଳେ,
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳ ବଳେ।

- ରାଧାନାଥ ରାୟ

ବାସ୍ତବିକ ଏହି ଦୁନିଆଁ ଏକ ରଙ୍ଗମଞ୍ଚ ସଦୃଶ। ଏଠାରେ ପ୍ରତ୍ୟେକଟି ବ୍ୟକ୍ତି ନିଜ ନିଜର ଅଭିନୟ କରିଚାଲିଥାନ୍ତି। ପୁଣି ଅଭିନୟ ଶେଷପରେ ସମସ୍ତେ ଦିନେ ରଙ୍ଗମଞ୍ଚରୁ ଦୂରେଇ ଯାଇଥାନ୍ତି। ସେହିପରି ଗୁରୁଜୀ (ଅଜୟ କୁମାର ଦାସ) ତାଙ୍କର ଅଭିନୟ ସାରି ଆଜକୁ ଏଗାର ଦିନ ହେବ ଏ ରଙ୍ଗମଞ୍ଚରୁ ଅପସରି ଯାଇଛନ୍ତି। ବିଶ୍ୱାସ ବି ହେଉନି ଗାନ୍ଧିବାଦ ଆଦର୍ଶରେ ଅନୁପ୍ରାଣିତ ଛଅଫୁଟ ଉଚ୍ଚର ଶୀର୍ଣ୍ଣକାୟ ଗୌରବର୍ଣ୍ଣର ମଣିଷଟି ଆଉ ଶ୍ରୀଜଙ୍ଗରେ ନାହାନ୍ତି। ଅଜୟ କୁମାର ଦାସ, ବେଶ ସୁନ୍ଦର ନାଁଟିଏ। ଏକାଧାରରେ ସଂସ୍କୃତି, ଓ ସଂସ୍କାରରେ ପରିପୂର୍ଣ୍ଣ ସରଳ ଜଣେ ମଣିଷ। କର୍ମମୟ ଜୀବନରେ ସେ ଥିଲେ ଆଦର୍ଶ ଶିକ୍ଷକ। ସ୍ୱାଧୀନତା ଦିନ ଆରମ୍ଭ ହୁଏ ତାଙ୍କର ଶିକ୍ଷକତା ଜୀବନ। ୧୯୮୫ ମସିହାରେ ଅବସର। ତୁଡ଼ିଗଡ଼ିଆ, ସାହାଦା, ରସାଳପୁର ଆଦି ସ୍ଥାନରେ (ଶିକ୍ଷକତା ଜୀବନରେ) ସେ ସୃଷ୍ଟି କରିଥିଲେ ଅଗଣିତ ଛାତ୍ରଛାତ୍ରୀ। ସମସ୍ତଙ୍କ ନିକଟରେ ଆଦରଣୀୟ ଗୁରୁଜୀ ଭାବେ ସେ ସୁପରିଚିତ। ତାଙ୍କ ଛାତ୍ର, ଛାତ୍ରୀ ମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ। ତାଙ୍କ ସମସାମୟିକ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ କେହି ନାହାନ୍ତି ଚଳେ। ଅବସର ପରେ ମଧ ସେ ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ କରୁଥିଲେ। ସମ୍ମାନନୀୟ ପୂଜ୍ୟ ଗୁରୁଜୀ ଅଜୟୟ କୁମାର ଦାସ ସାମାଜିକ ଜୀବନରେ ଅଭେଦ ଜ୍ଞାନ ସମଦର୍ଶୀ ଭାବ ନେଇ ଜୀବନ ଯାପନ କରୁଥିଲେ। ନଥିଲା ଆଡ଼ମ୍ବରକି ନଥିଲା ଅହଂକାର। ତାଙ୍କ ଜୀବନ ଥିଲା ଏକାନ୍ତ ସରଳ। ସଦା ହସହସ ମୁଖରେ ଥରକ ସାକ୍ଷାତରେ ସମସ୍ତଙ୍କୁ ଆପଣେଇ ନେଉଥିଲେ। ତାଙ୍କର ଆଳାପ, ଆଲୋଚନା, ଆତିଥ୍ୟ ଏବଂ ସ୍ନେହ ଆଦୌ ଭୁଲିବାର ନୁହେଁ। ତାଙ୍କର ନିର୍ମଳ ଭଲପାଇବାକୁ ସମସ୍ତେ ସ୍ୱୀକାର କରିବେ। ଜାତି, ଧର୍ମ, ସବର୍ଣ୍ଣ ଅସବର୍ଣ୍ଣ, ଛୁଆଁ ଅଛୁଆଁ ଭେଦଭାବରୁ ସେ ଥିଲେ ବହୁ ଉର୍ଦ୍ଧ୍ୱରେ। ସମମସ୍ତ ମଣିଷଙ୍କ ଶରୀରରେ ଈଶ୍ୱର ବିଦ୍ୟମାନ। ତେଣୁ ସମସ୍ତଙ୍କୁ ଭଲପାଅ, ନିଜର କର, ଏହାଥିଲା ତାଙ୍କର ଆଦର୍ଶ। ସେଥିପାଇଁ ସମସ୍ତଙ୍କର ସେ ସମ୍ମାନନୀୟ ଓ ପୂଜନୀୟ ଥିଲେ। ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମ ସ୍ମୃତି ପରିଷଦର ଗୁରୁଜୀ ଥିଲେ ସଭାପତି। ଶ୍ରୀଜଙ୍ଗ ଉଚ୍ଚବିଦ୍ୟାଳୟର ପରିଚାଳନା ସମିତିର ସେ ଥିଲେ ସଭାପତି ଓ ଉପଦେଷ୍ଟା। ଶ୍ରୀଜଙ୍ଗର ବିଭିନ୍ନ ଜନହିତକର କାର୍ଯ୍ୟରେ ସେ ନିଜକୁ ଜଡ଼ିତ କରୁଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ସେ ଥିଲେ ଗୁଣଗ୍ରାହୀ। ବାଲେଶ୍ୱର ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ତାଙ୍କୁ ଯଥେଷ୍ଟ ସମ୍ମାନ କରୁଥିଲେ। ଶ୍ରୀଜଙ୍ଗରେ ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ସେ ଉନ୍ନତି ପାଇଁ ସେ ଭାରତୀୟ ଜନତା ପାର୍ଟି, ଶ୍ରୀଜଙ୍ଗ ପଞ୍ଚାୟତର ସଭାପତି ଥିଲେ। ଭାରତର ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ଓଡ଼ିଶାର "ଶ୍ରୀଜଙ୍ଗ ସତ୍ୟାଗ୍ରହ"ର ମମୁଖ୍ୟ କର୍ଣ୍ଣଧାର ଗୌର ମୋହନ ଦାସଙ୍କର ଗୁରୁଜୀ ଥିଲେ ନାତି। ସେହି ଦେଶସେବାର ରକ୍ତ ତାଙ୍କ ଧମନୀରେ ପପ୍ରବାହିତ ହେଉଥିଲା। ତେଣୁ ସେ ଚାକିରୀ ଜୀବନର ଅବସର ପରେ ସମାଜ ସେବାକୁ ଜୀବନର ବ୍ରତ କରିଦେଇଥିଲେ। ଭଲ ପାଇବାର ଐଶ୍ୱର୍ଯ୍ୟରେ ଜୀବନ ତାଙ୍କର ଥିଲା ପରିପୂର୍ଣ୍ଣ। ସମସ୍ତଙ୍କ ପ୍ରତି ସେ ସମ୍ବେଦନଶୀଳ ହୋଇଉଠୁଥିଲେ। ତାଙ୍କର ବ୍ୟକ୍ତିସତ୍ତା ମଧ୍ୟରେ ଏକ ଆଧାତ୍ମିକ ଫଲ୍‌ଗୁର ଅବିରତ ଧାରା ପ୍ରବାହିତ ହେଉଥିଲା। ତେଣୁ ସେ ସବୁ କଥାରେ ସବୁ ସେହି ଈଶ୍ୱରଙ୍କ ଇଚ୍ଛା କହି ହାତ ଯୋଡୁଥିଲା। ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗକରି ନିତ୍ୟକର୍ମ ସମାପନ କରିବା, ଈଶ୍ୱରଙ୍କୁ ପ୍ରାର୍ଥନା କରିବା, କୁଳଦେବତା ବଂଶୀଧରଙ୍କ ସହ ଗ୍ରାମ ଦେବତୀ ଯୋଗେଶ୍ୱରୀ, ଓ ନୀଳକଣ୍ଠେଶ୍ୱର ଦେବତାଙ୍କ ପାଇଁ ଫୁଲ ତୋଳି ମନ୍ଦିରରେ ଅର୍ପଣ କରିବା, ତଥୈା ପ୍ରାତଃଭ୍ରମଣ ଥିଲା ଗୁରୁଜୀଙ୍କର ପ୍ରତ୍ୟହ ରୁଟିନବନ୍ଧା କାର୍ଯ୍ୟ। ତା'ରି ଭିତରେ ଅନ୍ୟମାନଙ୍କ ଖଦଡ଼ ସସହ ସୁଖ, ଦୁଃଖ, ଦେଶ, ଦୁନିଆଁ ଖବର ଆଲୋଚନା ଚାଲେ। ଧୋବ ଫରଫର ଖଦଡ଼ ଧୋତି, ପାଇଜାମା ନହେଲେ ଧୋତି ଚଦର ପରିହିତ ମଣିଷଟା ହାତରେ ବାଡ଼ିଟି ଧରି ଯେତେବେଳେ ଦାଣ୍ଡରେ ଚାଲନ୍ତି, ଅନେକ ତାଙ୍କୁ ଗାନ୍ଧୀ ବୋଲି କହିଥାନ୍ତି। କାହାକୁ ଅପେକ୍ଷା ନ କରି ଏକା ଏକା ଚାଲିବାକୁ ସେ କହୁଥିଲେ। ସେଥିପଶଇଁ ରବୀନ୍ଦ୍ର ନାଥଙ୍କ ସେହି ଗୀତ ଏକଲା ଚଲୋ, ଏକଲା ଚଲୋ ଗୀତକୁ ସେ ବରାବର ଗାଉଥିଲେ। ଦରିଦ୍ର, ଅସହାୟ , ଦୁର୍ବଳ, ଅନଗ୍ରସର ଲୋକଙ୍କ ପ୍ରତିଥିଲା ତାଙ୍କର ଗଭୀର ଶ୍ରଦ୍ଧାଭାବ। ସେମାନଙ୍କ ପାଇଁ ତାଙ୍କର ହସ୍ତ ସଦାସର୍ବଦା ମୁକ୍ତ ଥିଲା। ତାଙ୍କ ନମ୍ର, କମନୀୟ, ଅହଂକାର ଶୂନ୍ୟ ଉଦାରବ୍ୟକ୍ତିତ୍ୱ ତାଙ୍କୁ ଅଧିକ ମହିମାନିତ୍ୱ କରୁଥିଲା। ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ ଦେଇ ନିଜ କାମ ନିଷ୍ଠା ସହକାରେ କରିଚାଲୁଥିଲେ ନିରବରେ। ପ୍ରକୃତି ପେପ୍ରମୀ ହିସାବରେ ନିଜ ଘର ଭିତରେ ଖୋଲା ଅଗଣାରେ ବିଭିନ୍ନ କିସମର ଫୁଲଗଛ ନିଜେ ଲଗାଇ ତାହାର ଯତ୍ନ ନେଉଥିଲେ। ସେହିପରି ବାଡ଼ିରେ ମଧ ବିଭିନ୍ନ ଫଳଫୁଲଗଛ ଲଗାଉଥିଲେ। ଏହି କର୍ମରୁ ସେ ପାଇଥିଲେ ଅପାର ଶାନ୍ତି। ଗୁରୁଜୀ ସମୟାନୁବର୍ତ୍ତିତା ଓ ନିୟମାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଉଥିଲେ। ପ୍ରତିଟି କାର୍ଯ୍ୟ ତାଙ୍କର ନୀତି ନିର୍ଘଣ୍ଟ ଥିଲା। ନିର୍ଦ୍ଦିଷ୍ଟ ସମୟରେ ଶଯ୍ୟା ତ୍ୟାଗ, ସ୍ନାନ, ଖାଦ୍ୟଗ୍ରହଣ, ଶଯ୍ୟାଗ୍ରହଣ ସବୁକିଛି ରୁଟିନବନ୍ଧା ଥିଲା। ୧୯୨୭ ମାସ ସେପ୍‌ଟେମ୍ବର ୯ ତାରିଖରେ ଗୁରୁଜୀ ଉଦୟ ହୋଇଥିଲେ ଶ୍ରୀଜଙ୍ଗରେ। ତାଙ୍କର ପୁତ୍ର, କନ୍ୟାମାନେ ସମସ୍ତେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ଓ ସୁପ୍ରତିଷ୍ଠିତ। ଶେଷ ବେଳକୁ କରୋନାରେ ଆକ୍ରାନ୍ତ ହୋଇ ଗୁରୁଜୀ ୨୦୨୦ ମସିହା ଅକ୍ଟୋବର ୨୪ ତାରିଖରେ ଅସ୍ତ ହେଲେ ଭୁବନେଶ୍ୱରରେ। ଜାତସ୍ୟ ହି ଧ୍ରୁବ ମୃତ୍ୟୁ। ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। କିନ୍ତୁ କାହିଁ କେଜାଣି ଗୁରୁଜୀ ଆଉ ଇହଧାମରେ ନାହାନ୍ତି, ଏକଥା ସହଜରେ ଗ୍ରହଣ କରି ହେଉନାହିଁ। ଶେଷରେ ତାଙ୍କ ପ୍ରତି ଭକ୍ତି ଅର୍ଘ୍ୟବାଡ଼ି ଏତକ କହିବାକୁ ଚାହୁଁଛି,

ତୁମ୍ଭ ମାଟି ଦେଉ ଗ୍ରାସିଛଇ ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ।

+ ଏଫ୍.ଏମ୍.ନଗର,
ବାଲେଶ୍ୱର
ମୋ:- ୯୯୩୭୫୮୧୨୦

# ବୈବାହିକ ଜୀବନ ଓ ମାନବିକ ମୂଲ୍ୟବୋଧତା

**ପଙ୍କଜ କୁମାର ପାଣିଗ୍ରାହୀ**

ସାମାଜିକ ମାନ୍ୟତା ସହିତ ମସ୍ତିଷ୍କର ପରିପକ୍ୱତା ବୃଦ୍ଧି ହୋଇଥାଏ ବିବାହ ପରେ ! କୃତ, ଅକୃତର ନିର୍ଣ୍ଣାୟକ ନିଷ୍ପତ୍ତି ନେବା କ୍ଷମତା ବୃଦ୍ଧି ପାଇଥାଏ ବିବାହ ପରେ ! ଆଜି କିନ୍ତୁ ଆଉ ଦେଖିବାକୁ ମିଳୁନାହିଁ, କାରଣର ଉତ୍ତର କ'ଣ..... ?

ପ୍ରାଚୀନ ସମୟରୁ ଆଜିକୁ ପ୍ରାୟ ୪୦/୫୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମ ଦେଶରେ ବିବାହର ଯେଉଁ ପରମ୍ପରା ଦେଖିବାକୁ ମିଳୁଥିଲା ଆଜି ସମୟରେ ସେଇଥିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ ଯାହା କୌଣସି ସମୟ ସ୍ରୋତର ଏକ ପ୍ରଭାବ । ସେସମୟରେ ସାଧାରଣତଃ ପୁଅ, ଝିଅଙ୍କ ଯୌବନର ଉନ୍ମାଦନାର ପ୍ରାରଂଭିକ ସମୟରେ ବିବାହ କରିଦିଆଯାଉଥିଲା ଯେଉଁଥିପାଇଁ କୌଣସି ବୟସର ସମୟ ସୀମା ଧାର୍ଯ୍ୟ ନଥିଲା । ଉପଯୁକ୍ତ ସମୟରେ ଶରୀରର ପ୍ରାକୃତିକ ପରିବର୍ତ୍ତନକୁ ଚରିତାର୍ଥ କରାଯିବାରେ ସେମାନଙ୍କ ମାନସିକ ସନ୍ତୁଳନ ଏବଂ ପରିବର୍ତ୍ତନ ଏକ ଭିନ୍ନ ଦିଗରେ ଗତି କରୁଥିଲା ଯାହା ସେମାନଙ୍କ ମଣିଷ ପଣିଆକୁ ଏକ ନୂତନ ଦିଗନ୍ତଗାମୀ କରିବାରେ ଯଥେଷ୍ଟ ସହଯୋଗ ହେଉଥିଲା । ଉପଯୁକ୍ତ ସମୟରେ ବିବାହ କରିବା ପରେ ମଣିଷର ଶାରୀରିକ ଓ ମାନସିକ ସ୍ତରରେ ଅଭୁତପୂର୍ବ ପରିବର୍ତ୍ତନ ଆସିଥାଏ ଯାହା ସେମାନଙ୍କ ଜୀବନ ଶୈଳୀ, ମାନବିକ ମୂଲ୍ୟବୋଧ ତଥା ସାମାଜିକ କର୍ତ୍ତବ୍ୟବୋଧତା ଉପରେ ଏକ ଗଭୀର ପ୍ରଭାବ ପକାଇଥାଏ । ସେସମୟର ଦାମ୍ପତ୍ୟ ଜୀବନଶୈଳୀର କେତେକ ଅଭାବନୀୟ ପରିସ୍ଥିତି ଗୁଡିକୁ ଆଜିସମୟ ସହିତ ତୁଳନା କରି ତାତ୍ପର୍ଯ୍ୟ କରାଯିବା କେତେ ଯୁକ୍ତିଯୁକ୍ତ ନିର୍ଭର କରେ ବ୍ୟକ୍ତିଗତ ବିଚାରଧାରା ଉପରେ । କିନ୍ତୁ ସେତେବେଳର ବିବାହିତଙ୍କ ମାନବିକ ମୂଲ୍ୟବୋଧ ଏବଂ ସାମାଜିକ କର୍ତ୍ତବ୍ୟବୋଧତା ବର୍ତ୍ତମାନ ସମୟରେ ଆଉ ଦେଖିବାକୁ ମିଳୁନାହିଁ ! ଅଧିକନ୍ତୁ ବିବାହ କେବଳ ଶାରୀରିକ ପରିବର୍ତ୍ତନ ଛଡା ମାନସିକ ପରିବର୍ତ୍ତନରେ ଆଦୌ ସାହାଯ୍ୟ କରୁନଥିବା ଏକ ଅଲୌକିକ ବିଷୟ ଯାହା ସାଧାରଣ ଲୋକଙ୍କ ଜ୍ଞାନ / ଭାବ ବହିର୍ଭୂତ ! ବର୍ତ୍ତମାନ ଭାରତୀୟ ସଂସ୍କୃତି ଏବଂ ପାଶ୍ଚାତ୍ୟ ସଭ୍ୟତାର ମିଳନରେ ଏମିତି ଏକ ଭୟାବହ ସାମାଜିକ ସ୍ଥିତି ଦେଖିବାକୁ ମିଳୁଛି ଆମ ଦେଶରେ ଯାହା ତର୍ଜମା କରିବା ଏକ ଜଟିଳ ବିଷୟ ! ଭାରତୀୟ ସଂସ୍କୃତିର କର୍ପୁର ଉଡିଯାଇ କନା ପଡିରହିଥିବାବେଳେ ସେଇଥିରେ ପାଶ୍ଚାତ୍ୟର କିରୋସିନି ମିଶା ଅତର ଭିନ୍ନ ଏକ ଗନ୍ଧ ଦେଉଛି ଯାହା ସାଧାରଣ ଲୋକଙ୍କ ମାନସିକ ଉତ୍ତେଜନାକୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଟାଣିନେଇ ପୁଣି ପୃଥିବୀ ପୃଷ୍ଠାରେ କଚାଡୁଛି ପ୍ରତି ମୁହୂର୍ତ୍ତରେ ! ଭଲ ମନ୍ଦର ବିଚାରଧାରା କେବଳ ରାବଣର ହୁଙ୍କାର ନାଦ ସ୍ୱରରେ ପ୍ରକାଶ କରାଯାଉଅଛି ! ସମସ୍ତଙ୍କ ଜ୍ଞାନର ସୀମାରେଖା ନଭଶୂନ୍ୟୀ ଭଳି ଅନୁଭୂତ ହେଉଛି ! କିନ୍ତୁ ନିଜ ଦୈନନ୍ଦିନ ଜୀବନ ଶୈଳୀରେ ପ୍ରାତଃରୁ ରାତ୍ର ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡୁଛି କାହାର ମନ୍ତବ୍ୟ ଉପରେ ! କହିବାକୁ ଗଲେ ଦୃଷ୍ଟିକୋଣ ପ୍ରଖର ହୋଇପଡିଥିବା ବେଳେ ବ୍ୟକ୍ତିଗତ ଅନୁଭୂତି, ମାନବିକ ମୂଲ୍ୟବୋଧ ଶୂନ୍ୟ ମଣିଷ କେବଳ ଅହଂକାର ବ୍ୟତୀତ କେତେକ ରଙ୍ଗୀନ କାଗଜ (ଟଙ୍କା) ପଛରେ ପଡି ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଜଂଜାଳ ଗ୍ରସ୍ତ କରି କାହାପାଖରେ ଜଳାଳି ଦେଇ ଦୁର୍ଲଭ ମଣିଷ ଜୀବନକୁ ପଶୁ ସଦୃଶ୍ୟ ପାଳନ କରିବାରେ ତିଳେହେଲେ ଦ୍ୱିଧା ଅନୁଭବ କରୁନାହାନ୍ତି ! ଭାରତୀୟ ସାଂସ୍କୃତିକ ବିବାହ ବନ୍ଧନ ଆଉ ହେଉନାହିଁ । କେବଳ ଶାରୀରିକ ସମ୍ପର୍କ ବନ୍ଧନ ହେଉଛି ଯାହାର ସ୍ୱାଦ ସରିଗଲେ ନୂତନର ଅନୁସନ୍ଧାନ କରିବାରେ ନିମଗ୍ନ ପ୍ରାୟ ସବୁ ମଣିଷ ଦେଖିବାକୁ ମିଳୁଛନ୍ତି ଆଜିର ଯୁବ ପିଢ଼ି । ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ସମାଜକୁ ଦେଖାଣିଆ ଭାବେ ସମ୍ପାଦନ କରାଗଲେ ମଧ ପାଶ୍ଚାତ୍ୟ ଢାଞ୍ଚାରେ ପୁଣି ଅଦାଲତରେ ପଂଜିକୃତ ବିବାହ କରାଯାଉଅଛି ଯେଉଁଥିରେ ପୁରୁଣାକୁ ତ୍ୟାଗକରି ନୂତନର ଆଗମନ ବ୍ୟବସ୍ଥା ରହିଥାଏ ! ଏହିସବୁ ବ୍ୟବସ୍ଥା ଯୁବ ପିଢିଙ୍କୁ ଏକ ନୂତନ ମାର୍ଗରେ ପରିଚାଳିତ କରୁଥିବା ଦେଖିବାକୁ ମିଳୁଛି । ନିଜସ୍ୱ ବ୍ୟକ୍ତିଗତ ସମ୍ମାନ, ପାରିବାରିକ ମର୍ଯ୍ୟାଦା, ସାମାଜିକ, ଜାତିଗତ ସଂସ୍କାରର କିଛି ମହତ୍ୱ ବୁଝିବା କ୍ଷମତା ବହିର୍ଭୂତ ମଣିଷ ଆଜି ସମଗ୍ର ମଣିଷ ସମାଜ ଆଗରେ ନିଜର ମଣିଷତ୍ୱକୁ ଜଳାଳି ଦେଇ ନିଜର କାମନାର ଚରିତାର୍ଥ କରିବା ସହିତ ପାରିବାରିକ ମର୍ଯ୍ୟାଦାକୁ ରସାତଳଗାମୀ କରିବାରେ ଆଦୌ ପଛଘୁଞ୍ଚା ଦେଉନାହାନ୍ତି । କୌଣସିମତେ କିଛି ସାମାଜିକ ସମ୍ବେଦନଶୀଳତା ବଜାରରୁ କିଣି ସ୍ୱଇଚ୍ଛାରେ ନିଜର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିପାରୁଥିବା ମଣିଷ ନିଜର ପାରିବାପାଣିଆ ଦେଖାଇବାକୁ ଯାଇ ବାସ୍ତବିକ ସମସ୍ତଙ୍କ ହୃଦୟର ଘୃଣାର ପାତ୍ର ହେଉଥିଲେ ମଧ ଅଲାଜୁକ ମୁହଁ ବହଳିଆ ଭଳି କୌଣସି ଲଜ୍ଜା ସରମ ଲାଗୁନାହିଁ ସେମାନଙ୍କୁ ! କାରଣ ସେମାନଙ୍କ ପୂର୍ବଜଙ୍କ ଜିନଗତ ଚରିତ୍ରର ଚରିତାର୍ଥ, ନା ସେମାନଙ୍କୁ କୌଣସି ପ୍ରଭାବ ପକାଉଛି କି ସେମାନଙ୍କ ପରିବାର ବନ୍ଧୁ ଜନଙ୍କୁ କିଛି ପ୍ରଭାବ ପକାଉଛି ! ତେଣୁ କାହାର କୌଣସି ଆପତ୍ତି ନଥିବା ହେତୁ ଆଜିକାଲି ଆଶାତୀତ ଛାଡ଼ପତ୍ର ତଥା ବିବାହ ଖଣ୍ଡନ ଶପଥ ପାଠ ସହିତ ବୈବାହିକ ଜୀବନର ଅନେକ ସମସ୍ୟ ନେଇ ମାନ୍ୟବର ଅଦାଲତଙ୍କ ଅଭିଯୋଗ ପୁସ୍ତକ ଉଛୁଳିବାରେ ଲାଗିଛି ! ନିଲଜ୍ଜଙ୍କୁ କହି ଶୁଣାଇ ଯଦି ବଦଳାଇ ଯାଇପାରିଥା'ନ୍ତା ତାହେଲେ ସେମାନେ ପ୍ରଥମରୁହିଁ ଏମିତି କାର୍ଯ୍ୟ କରିନଥା'ନ୍ତେ ! ବିବାହ ବନ୍ଧନ ନାରୀ-ପୁରୁଷର ଏକ ଆନ୍ତରିକ ମିଳନ ଯାହା ଜୀବନ ଶେଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବା ଥିଲା ଭାରତୀୟ ସଂସ୍କୃତିର ମୂଳ ମନ୍ତ୍ର । ସେହି ପବିତ୍ର ବନ୍ଧନରେ ଥରେ ବନ୍ଧା ହେବାପରେ ଦୁଇଟି ଅପରିଚିତ ହୃଦୟ ରକ୍ତସମ୍ପର୍କ ଭଳି ପ୍ରେମମୟ କରିଦେଉଥିଲା ସେସମୟରେ । ଆଜି କେବଳ ନିଜର କାମନାର ଚରିତାର୍ଥ କରିବା ଉଦେଶ୍ୟରେ ବିବାହ କରୁଥିବା ମଣିଷ ବାସ୍ତବିକ ପ୍ରେମ କ'ଣ ବୁଝିବା ଅସମର୍ଥ ସେହି ଯାନ୍ତ୍ରିକ ମଣିଷଙ୍କ ଠାରୁ ଅଧିକା କିଛି ଆଶା କରାଯାଇ ନପାରେ । ତେଣୁ ଆସନ୍ତା ସମୟରେ ପ୍ରାୟତଃ ଏହି ରୋଗ ସମସ୍ତ ପରିବାରକୁ ସଂକ୍ରମଣ କରିବ ଯାହା କୌଣସି ମାସ୍କ କିମ୍ବା ସାନିଟାଇଜର ଦ୍ୱାରା ପ୍ରତିରୋଧ କରିବା ସମ୍ଭବ ହେବନାହିଁ ! ତେଣୁ ବେଳ ଥାଉ ବାଳ ବାନ୍ଧି ନିଜ ସନ୍ତାନ ମାନଙ୍କୁ ଉପଯୁକ୍ତ ସଂସ୍କାର ଶିକ୍ଷା ନଦେଲେ ଉତ୍ତମ ସାମାଜିକ ମର୍ଯ୍ୟାଦା ଥିବା ପରିବାର ମଧ ଏହି ସମସ୍ୟାର ସମ୍ମୁଖୀନ କରିବାରେ କାହାର ସହଭାଗିତା ରହିବା ଆଶା କରାଯିବା ନିରର୍ଥକ । ଆମର ଲକ୍ଷ ଏକ ସଂସ୍କାରୀ ସମାଜ ! ଆପଣ ମାନଙ୍କ ସହମତି ଥିଲେ ଆମକୁ ସହଯୋଗର ହାତ ବଢ଼ାଇ ଏକ ନବନିର୍ମିତ ସଂସ୍କୃତ ଭାରତ ସୃଷ୍ଟି କରିବାରେ ଆଗେଇ ଆସିବାକୁ ଅନୁରୋଧ ପୂର୍ବକ ଆପଣ ମାନଙ୍କ ମତାମତ କିମ୍ବା ଜିଜ୍ଞାସା ଅପେକ୍ଷାରେ...............

ଧନ୍ୟବାଦ ।

+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୦୩୨୪୯୧୭.

## କବିତା କୋଣାର୍କ

# ଆସିଛି କାର୍ତ୍ତିକ ମାସ...

**ସୁଧାକର ରାଉତ**

ଅଶିଣ ମାସ ଶେଷରେ
କାର୍ତ୍ତିକ ଆସେ ଧରାରେ
ଧରମ ମାସ ଟି ଅଟେ ବୋଲି ଏହା
କେ ଏ କଥା ଭୁଲି ପାରେ ।

ପ୍ରାତଃ କାଳୁ ଶଯ୍ୟା ତେଜି
ମନ୍ଦିରକୁ ସର୍ବେ ଯାଆନ୍ତି ଭକ୍ତିରେ
ଈଶ୍ୱରଙ୍କୁ ମନେ ହେଜି ।

ଘଣ୍ଟି ଘଣ୍ଟା ହରିବୋଲ
ହୁଳହୁଳି ଓ ମାର୍ଦ୍ଦଳ
ଶବଦେ କମ୍ପଇ ସାରା ପରିବେଶ
ଅପୂର୍ବ ଏ କୋଳାହଳ ।

ସ୍ପର୍ଶ ନ କରି ଆମିଷ
ନୀଳାଚଳ ଧାମେ ହବିଷ୍ୟାଳି ଭାବେ
କାଟନ୍ତି ଏ ସାରା ମାସ ।

ଲକ୍ଷ୍ମୀ ପୂଜା, କାଳୀ ପୂଜା
ଦୀପାବଳୀର ବି ମଜା
ଆବାଳ ବୃଦ୍ଧ ବନିତା ସର୍ବେ ମିଳି ନିଅନ୍ତି
କରି ଦୀପେ ଗୃହ ସଜା ।

ଧନ୍ୟ ଆମର ସଂସ୍କୃତି
ପରମ୍ପରା, ରୀତିନୀତି
ଉତ୍କଳର ଏ ନିଆରା ମାସଟି
ଆସହେ କୋମଳ ମତି
ହୋଇ ସର୍ବେ ଏକ ମତି
ମାନବ ସେବା ମାଧବ ସେବା ଭାବି
କରିବା ଟି ନିତିନିତି ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

## କବିତା କୋଣାର୍କ

# ସରଗ ସୁନ୍ଦରୀ...



**ଧ୍ରୁବ ଚରଣ ବେହେରା**

ଜହ୍ନଠାରୁ ତୁମେ ଦିଶୁଛ ସୁନ୍ଦର
ଲାଗୁଅଛ ଅପସରୀ
ଗୋରା ବଦନରୁ ଝଲସଇ ଶୋଭା
ଉପମା ପଡୁଛି ଝରି ॥

କେଉଁ ବିଧାତାର ପୁଣ୍ୟ କାରିଗରେ
ଗଢ଼ିଛି ତୁମକୁ ନାରୀ
ଯେତେ ଦେଖୁଥିଲେ ଲାଗୁଅଛ ନୂଆ
ସତେ ତୁମେ ସୁନା ଗୋରୀ ॥

ଗୋଲାପି ଓଠରେ ଫଗୁଣ ହସୁଛି
ସଜାଇ ରଙ୍ଗ ରୋଷଣି
ଶୃଙ୍ଗାର କଳାର ପ୍ରୀତି ମଞ୍ଜୁବାଳା
ସ୍ନେହମୟୀ ରାଧାରାଣୀ ॥

ଆଖିରର ଚାହାଁଣି କହଇ କାହାଣୀ
ଅତୀତ ସ୍ୱପ୍ନ ସାଉଁଟି
ଚାଲିରେ ତୁମର ଚହଟେ ଶେଫାଳୀ
ଲକ୍ଷେ ପଦ୍ମ ଉଠେ ଫୁଟ ॥

ପାଦର ନୂପର ଗାଆଇ ସଂଗୀତ
ଅଭିସାର ରାତି ଚାହିଁ
ନୀଳ ବସନରେ ଘେରା ସ୍ନିଗ୍ଧ ତନୁ
ଲାଗଇ ପଖଳା କଇଁ ॥

ହସି ଦେଲେ ତୁମେ ମୁକୁତା ଝରଇ
ରାଗିଲେ ରୁଷଇ ଜହ୍ନ
ବେଳା ଓଠ ଛୁଇଁ ସାଗର ମାତଇ
ପ୍ରୀତିରେ ହୋଇ ନିମଗ୍ନ ॥

ଭାବନା ରାଇଜ ରାଜ କୁମାରୀ ଗୋ
ପରୀ ରାଇଜର ରାଣୀ
ତୁମ ଛଇ ଲାଗେ ସରଗ ସୁନ୍ଦରୀ
ରୂପସୀର ରୂପ ମଣି ॥

+ ସୁଭାଷ ନଗର, ଅଠରବାଟିଆ
ବାଲୁଗାଁ, ଖୋର୍ଦ୍ଧା ।

# ଅଫେରା ଅତୀତ

**ସରୋଜ କୁମାର ମଲ୍ଲିକ**

ଅଫେରା ଅତୀତ
ମତେ ଦିଏ ଜାଳି
ସଳିତାଟେ ପରି
ତୁମ ସ୍ମୃତିର ନିଆଁରେ,
ତୁମେ କି ବୁଝିବ
ମାୟା ସଂସାରରେ
କେତେ ଯେ ପୁଳକ
ତୁମ ଲାଗି ଜଳିବାରେ ॥

ହଜିଲା ଅତୀତେ
ତୁମ ପାଇଁ କେତେ
ଆଖି ଆକାଶରୁ
ଲୁହ ଯାଇଥିଲା ଝରି,
ତୁମରି ମଙ୍ଗଳ
କାମନା କରି ମୁଁ
ଭାରି ସୁଖ ପାଏ
ଆଖି ଲୁହ ଢାଳି କରି ॥

ଲିଭିଲା ଅତୀତେ
ତମେ ଛାଡ଼ିଥିବା
ପଥେ ମୁଁ ଚାଲୁଛି
ସୁଖ ଦୁଃଖ ସବୁ ଭୁଲି,
ଆସେ ଯେତେ ସବୁ
ଭୟର ଆତଙ୍କ
ସମ୍ମୁଖୀନ ହୁଏ
ଜିଇବାକୁ ମନ ଖୋଲି ॥

ଅଫେରା ଅତୀତ
ମତେ କି ବୁଝିବ
କେତେ ଯେ ଆନନ୍ଦ
ତୁମ ପାଇଁ ହଜିବାରେ,
ଦୁଃଖ କରିବନି
ହଜେ ଯଦି ସ୍ମୃତି
ଲିଭେ ଯଦି ଚିହ୍ନ
ମୋ ଜୀବନ ପାରାବାରେ ॥

+ ଦାଣ୍ଡହରିପୁର, ବାଲେଶ୍ୱର

# ଝଲସୁଥିବା ସବୁ ଧାତୁ କ'ଣ ସୁନା !



## ଇଂ. ବିଦ୍ୟାଧର ପଣ୍ଡା

ଝଲସୁଥିବା ସବୁଧାତୁ କ'ଣ ସୁନା ! ଆଦୌ ନୁହେଁ। ସେମିତି ମୁଣ୍ଡରେ ଜଟ୍ଟାରଖି ଗେରୁଆ କୌପିନି ମାରି ମଥାରେ ଚିତାଚୈତନ କାଟି କମଣ୍ଡଳୁ ଧରିଥିଲେ ଯେ ସିଏ ମହର୍ଷି ବିଶ୍ୱାମିତ୍ର କି କପଟି ରାବଣ ଜାଣିବା କଷ୍ଟକର କଥା। ଆଜିକାଲିର ପୂଜାବଜାରରେ ବହୁତ ନକଲି ବାବାଙ୍କର ଜନ୍ମହେବା ସ୍ୱାଭାବିକ୍ କଥା। ଦୁର୍ଗାପୂଜା ପରେ ଲକ୍ଷ୍ମୀପୂଜା ଏବଂ ଶେଷରେ କାଳୀପୂଜା। ଏହି ମାସକ ଭିତରେ ବାବାମାନେ ବିଭିନ୍ନ ବହୁରୂପୀ ବେଶରେ ଆବିର୍ଭାବ ହୋଇ ସରଳ ଜନସାଧାରଣଙ୍କୁ ଭଲଭାବରେ ଚୂନା ଲଗାଇବାର ଉଦାହରଣ ଦେଖିବାକୁ ମିଳିଥାଏ। ତେଣୁ ବେଶଭୂଷାରୁ ଦେଖି ଜଣଙ୍କୁ ସିଦ୍ଧପୁରୁଷ ଭାବିବା କଦାପି ଠିକ୍ ନୁହେଁ। ରୋଲଗୋଲ୍ କି ସୁନାପାଣିଦିଆ ସିଲଭର୍‌ରେ ତିଆରି ଗହଣାଗୁଡା ମଧ୍ୟ ସୁନାପରି ଚିକିମିକି କରେ ବୋଲି ସେଗୁଡାକୁ ସୁନା ଦାମରେ କିଣିବା ! ବଣିଆ ପାଖକୁ ନେଲେ କଷଟିପଥରରେ ଦୁଇତିନିଟା ଗାରଟାଣି ସେଗୁଡାକୁ ନାଳକୁ ଫୋପାଡି ଦେବ। ବାବାମାନଙ୍କର ଚେହେରା ଦେଖି ସେମିତି ତାଙ୍କର ଶରଣ ଯିବା ବୋକାମିର ପରିଚୟ ଦେବା ସହ ସମାନ। ଏସବୁ ବାବାମାନେ ସରଳିଆ ଗାଉଁଲି ଗରିବ ଲୋକମାନଙ୍କୁ ସହଜରେ ନିଜ କପଟଜାଲରେ ଛନ୍ଦି ପାରିଁ। କାହାର ନ୍ୟାୟାଳୟରେ ମାଲିମକଦ୍ଦମାରେ ଜୟଯୁକ୍ତ କରିବା, ବୟସ୍କ ଝିଅଟିର ବାହାଘର ପକ୍କା କରିଦେବା ଏବଂ ସ'ାନ ସ'ତି ହେଉ ନଥିଲେ ସେସବୁ ପୂଜା ମାଧ୍ୟମରେ କରେଇଦେବାର ଠିକା ନିଅଁ। ଚିକ୍କଣ ଭାଷାରେ କୁହଁ ପୂଜାଟିରେ ମାତ୍ର ପଚିଶ ତିରିଶ ହଜାର ଟଙ୍କା ଖର୍ଚ୍ଚ। ମୋ ପାଇଁ କିଛି ଦରକାର ନାହିଁ, କାମ ହେଲେ ତୁମ ମନ ଶାଁରେ ଯାହା ଦେଲେ ମୋର ଚଳିବ। ଏମିତି ସବୁ ବାଇଗଣ ବିକି ଶେଷରେ ପୂଜାଦ୍ରବ୍ୟ ଭିତରେ କିଛି ଏମିତି ଦ୍ରବ୍ୟ ଲେଖେଇବେ ଯାହା କି କେବଳ ସେହିମାନଙ୍କ ପାଖରେ ହିଁ ମିଳିବ। ତେଣୁ ବେପାର ହେଲା। ସେହି ଦ୍ରବ୍ୟ ପଇସାରେ ନିଜର ନବେ ପ୍ରତିଶତ ମୁନାଫା ଥିବାବେଳେ ଆଉ ପୂଜା ଦକ୍ଷିଣା କ'ଣ ପାଇଁ ମାଗିବେ ! ସେଥିପାଇଁ କେବଳ ସତର୍କ ରହିଲେ ହିଁ ଏମାନଙ୍କ କବଳରୁ ରକ୍ଷା ପାଇପାରିବେ। ଲୋକମାନଙ୍କର ଭୁଲିଯିବା ସ୍ୱଭାବ। ଯଦି କିଛି ଲୋକ ଭୁଲି ଯାଇଛନ୍ତି, ଆସନ୍ତୁ କିଛି ବାବାଙ୍କର କଳା କାରନାମାର ପୋଥିଖୋଲି ଏହି ଠିକ୍ ସମୟରେ ଜନ ସଚେତନତା ଜାଗ୍ରତ ହେବାରେ ଟିକେ ସାହାଯ୍ୟ କରିବା।

ପ୍ରଥମେ ଆମ ଦେଶ ଭିତରେ ପ୍ରସିଦ୍ଧବାବାଙ୍କର ପୋଥି ଖୋଲିବା। ସର୍ବ ପ୍ରଥମେ ସବୁଠାରୁ ଭାରି ପୋଥିବାଲା ଆଶାରାମ ବାପୁ। ଯାହାର ନାଁ ଥିଲା ଆଶୁମଲ୍ଲ ସିରୁମାଲାନି। ଯୁବାବସ୍ଥାରେ ମଥୁରାରୁ ବୃନ୍ଦାବନ ଘୋଡାଗାଡିରେ ଯାତ୍ରୀ ନେବାଆଣିବା କରି ପେଟ ପୋଷୁଥିଲା। ସେଇଠି ଜଣେ ବାବାଙ୍କର ଶିଷତ୍ୱ ନେଇ ହରିଦ୍ୱାର ଚାଲିଗଲା। ସେଠାରୁ ଆସି ଅହମଦାବାଦ୍‌ରେ ସାବରମତି ଆଶ୍ରମ ନାଁରେ ନିଜର ବେପାର କେନ୍ଦ୍ର ଖୋଲିଲା। ଏ ଲେଖକ ଅଧମ ମଧ୍ୟ ୧୯୯୯ରେ ସେହି ଆଶ୍ରମକୁ ବାବାଙ୍କ ଦର୍ଶନ ପାଇଁ ଯାଇ ତାଙ୍କର ଏବଂ ତାଙ୍କ ଝିଅର ସାକ୍ଷାତ ଦର୍ଶନ ପୂର୍ବକ ଅମୃତ ବଚନମାନ ଶୁଣିବାର ସୌଭାଗ୍ୟ ପାଇଛି। ଏବେ ଭାବିଲାବେଳକୁ ଲଜ୍ଜା ଲାଗୁଛି ଏବଂ ନିଜକୁ ଧିକ୍କାର କରିବାକୁ ଇଚ୍ଛା ହେଉଛି। ମୁଁ ତ ମୁଁ, ମୋର ସର୍ବୋଚ୍ଚ ଅଧିକାରୀ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ ବାବାଙ୍କର ଫଟୋ ନିଜ ଅଫିସଗୃହର ସାମ୍ନାକାନ୍ଥରେ ରଖି ନିୟମିତ ଅଗରବତୀ ସହ ପୂଜାଅର୍ଚ୍ଚନା କରୁଥିଲେ। ଯାହାହେଉ ବାବାଙ୍କର ଚୋରି ଧରାପଡିଲା ୨୦୧୩ମସିହାରେ। ସେତେବେଳେ ବାବାଙ୍କର ବୟସ ୭୬। ଛସ୍ତରି ବୟସ୍କ ଜଣେ ବୃଦ୍ଧ ପାଚିଲା ଦାଢିରେ ଯଦି ଜଣେ ନାବାଳିକାକୁ ଧର୍ଷଣ କରିବାକୁ ଉଦ୍ୟମ କରିପାରେ, ତା'କୁ ମଣିଷ କହିବ ! ଛି। ମୁଖ୍ୟମନ୍ତ୍ରୀ କେଇଟା ଯେତେବେଳେ ବାବାଙ୍କର କଠଉ ଉଠାଉଥିଲେ ସେତେବେଳେ ତାଙ୍କ ବରୁଦ୍ଧରେ ଏପରି ଅଭିଯୋଗ କରିବାକୁ ସାହସ କରିବା ସାଧାରଣ ଲୋକ ପକ୍ଷରେ କାଠିକର ପାଠ। ଯାହାହେଉ ସେ ନାବାଳିକାଟି ସାହସ କଲା ଏବଂ ପରେପରେ ବାବାଙ୍କର ମୁଖା ପରସ୍ତପରସ୍ତ କରି ଚୋପାଛାଡି ବାହାରିଲା ପରେ ଅସଂଖ୍ୟ ମହିଳା ଧିରେ ଧିରେ ମି ଠୁ ପରି ଅଭିଯୋଗ କଲେ। ବାବା ସେବେଠାରୁ ଭିତରେ ଅଛନ୍ତି। ତା'ଙ୍କ ପରେ ଜଣେ ସୁନ୍ଦରୀ ମାତା ହେଲେ ରାଧେ ମା। ପ୍ରକୃତ ନାଁ ହେଲା ସୁଖବିନ୍ଦର କୌର। ଘର ପାବ। ପାବରୁ ମୁମ୍ବେଇର ବୋରିଓ୍ୱାଲି ପହଁଚି ରାଧେ ମା ଆଶ୍ରମ ଗଢି ନିୟମିତ ପୂଜାଖଟି କଲେ। ମୁମ୍ବେଇ ଭକ୍ତମାନଙ୍କ ଭକ୍ତି ବି ନିଆରା। ମାଆଙ୍କୁ ହାତରେ ଉଠେଇ ନାଚିବାକୁ ହୁଏ। ଜଣେ ଭଦ୍ରଲୋକ ପ୍ରଥମେ ଏସବୁ ବିଷୟକୁ ଉଲ୍ଲେଖ କରି ୨୦୧୫ରେ ନ୍ୟାୟାଳୟରେ ଆମ ଚିରାଚରିତ ପୂଜାର ବ୍ୟତିକ୍ରମ ହେଉଛି ବୋଲି କେସ୍‌ଟିଏ ଦାଖଲ କଲେ। ପରେପରେ ମୁମ୍ବେଇ ନିବାସୀ ନିକି ଗୁପ୍ତା ରାଧେ ମା'ଙ୍କ ବଳପାଇ ତା'ଙ୍କ ଶଶୁରଘର ଯୌତୁକ ମାଗୁଛନ୍ତି ବୋଲି କେସ୍ ଦାୟର କଲାପରେ ପୋଲିସ୍ ରାଧେମା' ଆଶ୍ରମ ଯାଇ ସବୁ ଭିତିରି କଥା ଜାଣିଗଲେ। ଏହିପରି ଆଉଜଣେ ବାବାହେଲେ ସଚ୍ଚିଦାନନ୍ଦ ଗିରି ଓରଫ୍ ସଚ୍ଚିନ୍ ଦତ୍ତା। କେହିକେହି ୟାଙ୍କୁ ବିଲଡର୍ ବାବା ବୋଲି ମଧ୍ୟ କହୁଥିଲେ। ସବୁ ବିଲଡର୍ ମାନଙ୍କ ସାଙ୍ଗରେ ୟାଙ୍କର ବସାଉଠା କମିଶନି ବ୍ୟବସାୟ ଥିଲା। ୟାଙ୍କୁ ଦିଲ୍ଲୀର ନୟଡା ଆର୍ଥୀକ ଅପରାଧ ଶାଖା ପୋଲିସ ବାନ୍ଧିଲେ। ଏ ବାବା ଗୋଟିଏ ଫ୍ଲାଟ୍‌କୁ ଦୁଇ ତିନିଜଣଙ୍କୁ ବିକି ଟଙ୍କା ଆଣିଥିଲେ ଏବଂ କୋର୍ଟପେପରରେ ମାଲିକାନା ମଧ୍ୟ ହସ୍ତା'ର କରି ଦେଉଥିଲେ।

ଆଉଜଣେ ସୁପ୍ରସିଦ୍ଧ ରଙ୍ଗିଲା ବାବା ହେଲେ ରାମ ରହିମ୍। ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ୍ ସିଂ। ପାବୀମାନଙ୍କର ଧର୍ମଗୁରୁ ପରି ନିଜକୁ ଆପେଆପେ ଜଣେ ଧର୍ମଗୁରୁ ଘୋଷଣା କରି ସେହିଭଳି ରଙ୍ଗିନ୍ ବେଶପୋଷାକରେ ପ୍ରବଚନ ଦେଇ ଚାଲିଲେ। ବହୁତ ଦାନ ଧର୍ମ ଟଙ୍କା ଆସିବାରୁ ଆଶ୍ରମର କଲେବର ବଢିଲା। ପୁଅମାନଙ୍କ ଅପେକ୍ଷା ଝିଅ ଭକ୍ତ ବେଶୀ ଆସି ଆଶ୍ରମ ଭିତରେ ରହିଲେ। ତାଙ୍କପାଇଁ ଛାତ୍ରୀନିବାସ ପରି ମହିଳା ଭକ୍ତ ନିବାସ ଓ କନ୍ୟା ଭକ୍ତନିବାସ ମାନ ଗଢାହେଲା। ସବୁ କନ୍ୟାଶ୍ରମ ଏବଂ ମହିଳା ନିବାସର ସଭାକକ୍ଷରୁ ବାବାଙ୍କର କୋଠରୀକୁ ସୁଡଙ୍ଗ କରାଗଲା। ଭଗବାନ ଭକ୍ତଙ୍କ ମିଳନ ଇଚ୍ଛାକଲେ ସେହି ସୁଡଙ୍ଗ ଦେଇ ଯିବାଆସିବା କରି ପାରିଁ। ଅନ୍ୟମାନେ ଦେଖିଲେ କଥା ଖରାପ ହେବ, ସେଥିପାଇଁ ବହୁଅର୍ଥ ଶ୍ରାଦ୍ଧ କରାଯାଇ ଏପରି ସୁଡଙ୍ଗ ତିଆରି କରାଯାଇଥିଲା। ବାବା ସିନେମା ବି କଲେ, ହୀରୋ ହେଲେ। ଦୁଇଜଣ ମହିଳା ବଳତ୍କାର ଅଭିଯୋଗ କଲାପରେ ପୋଲିସ ପହଁଚି ବାବାଙ୍କର ପାପପେଡି ଗୋଟିଗୋଟି କରି ଖୋଲିଦେଲା। ଏବେ କୋଡିଏ ବର୍ଷ ବନ୍ଦୀଗୃହରେ ରହିବା କଥା ହୋଇଛି, ଆଗକୁ ବଢିପାରେ। ରାମରହିମକୁ ଗିରଫ କରି ତାଙ୍କର ଆଶ୍ରମକୁ ଯାଂଚ୍ କଲାଦିନ ତାଙ୍କର ଭକ୍ତମାନେ ବସ୍ ଓ ରେଳ ସ୍ଥାନକ ମାନଙ୍କରେ ଭଙ୍ଗାରୁଜା ଜଳାପୋଡା ଆଦି କଲେ। ଆଶ୍ରମ ଭିତରେ ଦୁଇଟି ଅବୈଧ ବାଣ କାରଖାନା ସହିତ ଏକେ -୪୭ ବନ୍ଧୁକ ବି ମିଳିଲା। ଅନ୍ୟଏକ ବହୁରୂପୀ ବାବା ହେଲେ ସ୍ୱାମୀ ଓଁ। ପ୍ରକୃତ ନାଁ ବିନୋଦାନନ୍ଦ ଝା। ତାଙ୍କର ସାନଭାଇ ପ୍ରମୋଦ ଝା ତାଙ୍କ ନାଁରେ ଅଭିଯୋଗ କରି ତାଙ୍କୁ ଧରେଇଦେଲେ ବୋଲି ଅନେକ ଭକ୍ତ ଠକାମିରୁ ବଂଚିଗଲେ। ତାଙ୍କର କଳାକାରନାମା ଭିତରେ ସନ୍ତ୍ରାସବାଦ ଭଳି ସମ୍ବେଦନଶୀଳ ଅଭିଯୋଗ ବି ପ୍ରମାଣିତ ହେଲା। ଅନ୍ୟ ଏକ ଅଦ୍ଭୁତ ବାବା ହେଲେ ତୃତୀୟନୟନର ଅଧିକାରୀ ନିର୍ମଳ ବାବା। ସମାରୋହକୁ ହଜାରହଜାର ଲୋକଡାକି ଦୁଇଦୁଇ ହଜାରଟଙ୍କା ଆଦାୟ କରି ପ୍ରତ୍ୟେକ ସମସ୍ୟାର ସମାଧାନ ଦେଉଥିଲେ। ତ୍ରୀଛକିରେ କାଳିଆଷଣ୍ଢକୁ ଭିଜାବିରି ଖୋଇଲେ ତୁମ ପୁଅର ପାଠ ଭଲହେବ। ସାଇବାବାଙ୍କ ଦର୍ଶନ କରି ସେଠି ଜଣେ ଭିକାରିକୁ ବସ୍ତ୍ରଦାନ କଲେ ତୁମ ସ୍ତ୍ରୀର ରିଷ୍ଟ ଖଣ୍ଡନ ହେବ ଏବଂ ପକ୍ଷଘାତ ରୋଗରୁ ମଧ ମୁକ୍ତି ମିଳିବ। ଶନିବାର ଦିନ ଅଟାଗୁଳା ନେଇ ମାଛମାନଙ୍କୁ ଖୁଆଅ, ଶନିଦଶା କଟିଯିବ। ଏମିତି କପୋଳ କଳ୍ପିତ ମିଛ ବାହାନା କଥାକହି କିଛି ତୃତୀୟ ନୟନ ଦ୍ୱାରା ଲୋକଙ୍କୁ ଠକୁଥିଲେ। ପ୍ରାୟୋଜିତ କିଛିଭକ୍ତଙ୍କୁ ମିଛ ଅନୁଭୂତି କହିବା ପାଇଁ ଯୋଗାଡ କରି ନୂଆଭକ୍ତଙ୍କୁ ବୋକା ବନେଇ ବେଶୀ ଆକର୍ଷଣ କରୁଥିଲେ। ସେ ଝାଡଖଣ୍ଡ ନିବାସୀ ଥିଲେ ଏବଂ ଜଣେ ମହିଳା ଭକ୍ତଙ୍କର ଅଭିଯୋଗ ପରେ ବାବାଙ୍କର ବେପାରରେ ବହୁତ ଘାଟା ହେଲା। ପୋଲିସ ବି ବାନ୍ଧିଲେ। ଫେଶବୁକ୍‌ରେ ବାବା ଲାଇଭ୍ ଦର୍ଶନ ଦେଇ ବି ପିଡା ହରଣ କରିନେଉଥିଲେ ବୋଲି ବହୂଳ ପ୍ରଚ୍ଚର ହୋଇଥିଲା। କିନ୍ତୁ ସବୁ ଏବେ ଫସର ଫାଟିଗଲା, ଶେଷରେ ସମସ୍ତଙ୍କ ସମସ୍ୟା ସମାଧାନ କରୁଥିବା ବାବାଙ୍କର ନିଜି ସମସ୍ୟା ବାବାଙ୍କୁ ବହୁତ ପିଡା ଦେଉଛି। ଆଉଜଣେ ହେଲେ ଇଚ୍ଛାଧାରୀ ଭିମାନନ୍ଦ। ୟା'ଙ୍କର ପ୍ରକୃତ ନାଁ ଶିବମୁକ୍ତି ଦ୍ୱିବେଦୀ। ୨୦୧୦ରେ ଯୌନ ବ୍ୟବସାୟ କାର୍ଯ୍ୟକଳାପରେ ଅଭିଯୁକ୍ତ ହୋଇ ଗିରଫ ହେଲେ। ଭବିଷ୍ୟତରେ ବଡ ରାଜନେତା ହେବାକୁ ଅଭିଳାସ ରଖିଥିବା ମଣିଷ ଏବେ ବନ୍ଦୀ ଗୃହର ଚାରିକାନ୍ଥ ଭିତରେ ନିଜର ଦିନ ଗଣୁଛି।

ସେମିତି ଆଉ ଜଣେ ସ୍ୱାମୀ ଅସୀମାନନ୍ଦ। ସେ ଦକ୍ଷିଣପନ୍ଥି ଧାର୍ମୀକ ବ୍ୟକ୍ତି ଜଣେ। ୨୦୦୭ମସିହାର ଆଜମେର ବିସ୍ଫୋରଣରେ ସ୍ୱତନ୍ତ୍ର କଚେରୀ ଦୋଷୀ ସାବ୍ୟସ୍ତ କଲାପରେ ଗିରଫ ହୋଇଥିଲେ। କିନ୍ତୁ ତା'ଙ୍କ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ଅଭାବରୁ ସେ ଯଦିଓ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ତଥାପି ଦାଗ ଛାଡିନି। ଆଶାରାମ ବାପୁର ପୁଅ ନାରାୟଣ ସାଇ ବି କିଛି କମ କଳାକାର ନୁହଁନ୍ତି। ତାଙ୍କ ବାପାଙ୍କ ପଛେପଛେ ଦୁଇଜଣ ମହିଳା ତା'ଙ୍କ ବିରୁଦ୍ଧରେ ବଳତ୍କାର ଅଭିଯୋଗ ଆଣିବା ପରେପରେ କନ୍ୟା ଏବଂ ମହିଳାମାନଙ୍କ ଅଭିଯୋଗ ଫର୍ଦ୍ଦ ଦିନକୁ ଦିନ ବଢିବାରେ ଲାଗିଲା। ଆଶ୍ରମରେ ରହୁଥିବା ଅନେକ ମହିଳାଭକ୍ତଙ୍କୁ ନାରାୟଣ ସାଇ ବଳତ୍କାର କରିଥିବା ସ୍ୱୀକାର କଲାପରେ ସିଏ ବି ମାମୁଁଘରକୁ ଚାଲିଗଲେ। ହରିୟାଣା ହିସାରରେ ୨୦୧୪ମସିହାରେ ଅନ୍ୟ ଏକ ବାବା ରାମପାଲ ଆଶ୍ରମରୁ ପାଂଚଟି ଶବ ଗଳିତ ଅବସ୍ଥାରେ ଠାବ କରାଗଲା। କୋର୍ଟ କଚେରୀକୁ ଅବମାନନା କରି ବାବା ଗାୟେବ ହୋଇଗଲେ। ଆଶ୍ରମର ଅଂେବାସୀ ଓ ପୋଲିସ ଦଳଙ୍କ ଭିତରେ ଖଣ୍ଡଯୁଦ୍ଧ ହେଲା। ଜଣେ ଭକ୍ତ ଏହି ଲଢେଇରେ ପ୍ରାଣତ୍ୟାଗ କଲେ। ରାମପାଲ ନିଜକୁ ପଂଚଦଶ ଶତାବ୍ଦୀର ବିଶ୍ୱ ପ୍ରସିଦ୍ଧ କବି କବିରଙ୍କର ପୂର୍ନଜନ୍ମ ବୋଲି କହୁଥିଲା। ଏହିପରି ବାବାଙ୍କ ସଂଖ୍ୟା ଆମ ଦେଶରେ ବହୁତ। କିନ୍ତୁ ଦୁଃଖର ବିଷୟ ଏ ସମସ୍ତ ଦାଗି ବାବାଙ୍କର ଏବେ ବି ହଜାରହଜାର ଭକ୍ତ ତା'ଙ୍କ ନାଁରେ ମାଳା ଜପ କରୁଛନ୍ତି। ସେପରି ଆଉ କେତେକ ବାବାଙ୍କ ଭିତରେ ପ୍ରମୁଖ ହେଲେ ବୃହସ୍ପତି ଗିରି ଓରଫ ଓଁ ନମ ଶିବାୟ ବାବା, ଆଚାର୍ଯ୍ୟ କୁଶମୁନି ସ୍ୱରୂପ, ମାଲଖନ୍ ସିଂ ଇତ୍ୟାଦି।

ଆମଦେଶ ଭାରତ ପରି ଓଡିଶାରେ ମଧ ଏହାର ନମୁନା କିଛି କମ ନାହିଁ। ସର୍ବ ପ୍ରଥମେ ଆମ କୃଷ୍ଣାବତାରୀ ଆଣ୍ଠୁଆ ଗୋପାଳ ପ୍ରିୟ ସାରଥୀ ବାବା ଓରଫ ସଂୋଷ ରାଉଳ। ମାନ୍ୟବର ! ମାନ୍ୟବର ! ମାନ୍ୟବର ! ମାନ୍ୟବର ! ଈଶ୍ୱର ଦେଖ୍, ସଂସାର ଦେଖ୍, ଶରୀର ଦେଖ୍। ତା'ଙ୍କ ବାବା ଗାମ ଜିଲ୍ଲାରୁ କେନ୍ଦ୍ରାପଡା ମିହିପାଳରେ ଆସି ମିଟରରିଡିଂ କାମ କରୁଥିବାରୁ ସେହିଠାରେ ସ୍ଥାୟୀ ଭାବରେ ସେମାନେ ରହିଗଲେ। ଗୁଲନଗର ହାଇସ୍କୁଲ୍ ଏବଂ କେନ୍ଦ୍ରାପଡା ମହାବିଦ୍ୟାଳୟର ଛାତ୍ରଜୀବନ କାଳରେ ସେମିତି କିଛି ଚମତ୍କାର କେହି ତା'ଙ୍କଠାରେ କେବେ ଦେଖି ନଥିଲେ। ୧୯୮୫ମସିହାରୁ ୧୯୯୨ମସିହା ଯାଏ ଅଦୃଶ୍ୟ ରହି ହଠାତ୍ ଦିନେ ବାରିମୂଳା ଉପକଣ୍ଠରେ ପଦାର୍ପଣ କରି ପ୍ରବଚନ ଆରମ୍ଭ କଲେ। ପରେ ଭକ୍ତଙ୍କ ସହାୟତାରେ ଚାଳ ନଡାଛପର ଛୋଟ କୁଡିଆ ଆଶ୍ରମଟିଏ ନିର୍ମାଣ କଲେ। ତାପରେ ଭବ୍ୟ ମନ୍ଦିର। ସାରଥୀ ପାଦରୁ ମହୁ ଏବଂ ହାତରୁ ବିଭୁତି ବାହାରିବା କଥା ଅଗଣିତ ଭକ୍ତ ନିଜ ଆଖିରେ ଦେଖିଛନ୍ତି ବୋଲି ନିୟମ କରି ଗାଁ ଗଣ୍ଡା ବୁଲି କହିଲେ। ତୁଣ୍ଡ ବାଇଦ ସହସ୍ର କୋଷ। ବାବାଙ୍କର ଆଶୀର୍ବାଦ ପାଇଁ ବଡବଡ ରାଜନେତା ଓ ଅଭିନେତାଙ୍କର ସୁଅ ଛୁଟିବା ଦେଖି ଓଡିଶାର କୋଟିଏ ପାଖାପାଖି ସରଳ ବିଶ୍ୱାସୀ ଲୋକ ବାବାଙ୍କ ପାଦୁକା ବେକରେ ବାନ୍ଧିକି ବୁଲିଲେ। ଏତେ ମହିମା ବଢିଗଲା ପରେ ବାବା ତୁଳସୀପତ୍ର ପାଦରେ ଚଢେଇଲେ ଓ ପୁରୀ ବଡଦାଣ୍ଡରେ ରଥଯାତ୍ରା କଲେ। ଶଙ୍କରାଚାର୍ଯ୍ୟଙ୍କର କଥା ମାନିଲେନି। ଗର୍ବ ଅହଂକାର ସୀମା ଟପିଲାବେଳକୁ ବଜ୍ରକୀଳା ପଛରେ ଲାଗିଗଲା। ଶତପଥୀ ପୁଅ ପ୍ରମେୟକୁ ଧରି ବାବାଙ୍କୁ ଖିଅର କରିଦେଲା ଯେ ସେ ହାଇଦ୍ରାବାଦ୍ ଗୋଲ୍କୁଣ୍ଡା ହୋଟେଲ ଭିତରେ ନାରୀସୁରା ପ୍ରିୟ କାଣ୍ଡକାରଖାନା ଯୋଗୁଁ ସଂୋଷ ରାଉଳ ସିଧା ଚୌଦ୍ୱାର ଜେଲ୍ ଯାଇ ରହିଲେ। ଏବେ ଅବଶ୍ୟ କଲିକତା ସହରରେ ଏକା' ବାସରେ ଦିନ କାଟୁଛନ୍ତି, ହେଲେ ସେ ଅବତାର ରୂପ ଓ ଆଣ୍ଠୁଆଗୋପାଳ ସେବାରୁ ବଂଚିତ ହେବାକୁ ବାଧ ହେଉଛନ୍ତି। ତାପରେ ନେମାଳ ପୋଥି ହାତେଇ ପ୍ରସିଦ୍ଧି ଲାଭ କରିଥିବା ବାଳକାଟି ଝିଂଇଟି ଶାସନ ମୁଖ୍ୟ ସୁର ବାବା। ଓଡିଶା ସାରା ଶାଖା ଓ ଏଜେଂଟ ନିଯୁକ୍ତି ସାରି ରାଜ୍ୟ ବାହାରକୁ ଯିବାକୁ ଯୋଜନା କଲାବେଳକୁ ପୋଲିସ ବାନ୍ଧି ଭିତରେ ପୁରେଇ ବଦନାମ କରିଦେଲା। ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବାପ ସୁର ଏବଂ ଦୁଇପୁଅ ସମସ୍ତେ ବନ୍ଧା ହେଲେ। ତାପରେ କୋଣାର୍କର ଦର୍ଶନିବ' କଟକର ଭଗବାନ ବାନାବାବା ବନ୍ୟ ଜୀବଜଗତ ପାଇଁ ସୁରକ୍ଷିତ ଥିବା ଅଭୟାରଣ୍ୟର ୧୯.୬ମାଣ ଜମିକୁ ଜବର ଦଖଲ କରି ଆଶ୍ରମ କରିଥିବା କଥା ଲୋକଲୋଚନକୁ ଆସିବା ପରେ ସିଏ ବି ଭଙ୍ଗା ହେଲା। ସେହି ସମୟରେ ଶହେ ଉପରେ ଏପରି ଅନୈତିକ ଉପାୟରେ ଅବୈଧ କବଜା କରି ଅନେକ ଭଣ୍ଡବାବାଙ୍କୁ ପୋଲିସ ଧରି ତା'ଙ୍କର ବେପାର ବନ୍ଦ କରିଦେଲା। ହେଲେ ଏମାନଙ୍କର ସମ୍ପୂର୍ଣ୍ଣ ବିନାଶ ଅସମ୍ଭବ। ୟା'ଙ୍କର ଏହି ପୂଜାପର୍ବଣ ଦିନଗୁଡାରେ ବେଶୀ ଭଲ ସଂଖ୍ୟାରେ ଗରାଖ ମିଳିଁ। ସରଳିଆ ଲୋକଗୁଡାଙ୍କୁ ଏମାନଙ୍କୁ ବିଭିନ୍ନ ପୂଜାପୂଜି ନାଁରେ ଠକିବାକୁ ସୁବିଧା ହୁଏ। ତେଣୁ ଏସବୁ ପାଖଣ୍ଡି ବାବାଙ୍କୁ ଭଲରେ ଚିହ୍ନିନେଲେ ନିଜର ମଙ୍ଗଳ ହେବା ସଙ୍ଗେସଙ୍ଗେ ସମାଜର ବି ମଙ୍ଗଳ ହେବ।


+ ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯, (ମୋ) ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧


# (ବ୍ୟଙ୍ଗାତ୍ମକ) ଆପଣା ହସ୍ତେ ଜିହ୍ୱା ଛେଦି



## ପ୍ରଦୀପ୍ତ ଆଚାର୍ଯ୍ୟ

ସକାଳୁ ସକାଳୁ ଉଷ୍ମ ଚା କପରେ ଚୁମ୍ବନ ଦେଇ ଖବର କାଗଜ ପୃଷ୍ଠା ଲେଉଟାଇବାର ଆନନ୍ଦ ଉପଭୋଗ କରିବା ବେଳକୁ ଗୋଟିଏ ଉଷ୍ମ ଲେଖା ଉପରେ ନଜର ପଡିଗଲା, (ମୁଖ୍ୟମନ୍ତ୍ରୀ ମହୋଦୟ ଦୟାକରି ଶୁଣନ୍ତୁ)। ବାଲେଶ୍ୱର ଜିଲ୍ଲା କୁଆଁଳ ପଂଚାୟତ ମହିଳା ମାନଙ୍କର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ନିକଟରେ ଆବେଗଭରା ନିବେଦନ, ଅନ୍ୟ କେତେକ ରାଜ୍ୟପରି ଆମ ରାଜ୍ୟରେ ମଧ୍ୟ ମଦ ବିକ୍ରୟ ବନ୍ଦ କରି ଦିଅନ୍ତୁ।ଆପଣ ଚାହିଁଲେ ସମ୍ଭବ ହୋଇପାରିବ।ନିବେଦନ ସାଙ୍ଗକୁ ମୃତ୍ୟୁ ଧମକ ମଧ୍ୟ ଥିଲା, ଆଗ ମଦ ବନ୍ଦ କରନ୍ତୁ , ତାପରେ ଆମ ପାଖକୁ ଭୋଟ ମାଗିବାକୁ ଆସିବେ। ଏ ଲେଖାଟି ପଢିବା ପରେ ମୋର ଗୋଟିଏ କଥା ମନେ ପଡିଗଲା। ଦିନେ ବଜାରରୁ ଫେରିବା ବେଳେ ବାଟରେ ଦେଖିଲି, ଜଣେ କଂସେଇ ମାଂସ ବିକ୍ରି କରି ସାରି ଆନନ୍ଦ ମନରେ ପଇସା ଗଣୁଛି। ତାର ଖୁସି ଦେଖି, ମୁଁ ସେଠି ଟିକିଏ ଅଟକି ଗଲି। ସେ ମୋତେ ଦେଖି କହିଲା ଆଜ୍ଞା ସରିଗଲାଣି, ଆଉ ଟିକିଏ ଆଗରୁ ଆସିଲେନି। ମୁଁ କହିଲି ନାଇଁ ବାବୁ, ମାଂସ ନେବିନି, ତୁମକୁ ଗୋଟିଏ କଥା ପଚାରିବି। ତୁମେ ଏ ନିରୀହ ପଶୁ ଗୁଡାକୁ ମାରି କାହିଁକି ଏତେ ପାପ ଅର୍ଜନ କରୁଛ। ତତ୍‌କ୍ଷଣାତ୍ ସେ ଉତର ଦେଲା, ବାବୁ ଆପଣତ ଜ୍ଞାନୀ ଶିକ୍ଷିତ ଲୋକ, ଆପଣଙ୍କୁ କଣ ବୁଝାଇବାକୁ ପଡିବ ? ଲୋକମାନେ ଖାଉଥିବାରୁ ମୁଁ ମାରୁଛି, ଯଦି କେହି ନଖାଆନ୍ତେ, ତେବେ ମୁଁ ନିରୀହ ପଶୁ ଗୁଡାକୁ କାହିଁକି ମାରନ୍ତି, ତେଣୁ ଖାଇଲା ବାଲାର ପାପ। ମୁଁତ ମୋ ପରିବାର ପ୍ରତିପୋଷଣ ପାଇଁ ଏ ବୃତିକୁ ଆପଣାଇଛି। ତାପରଦିନ ମୋର ଜଣେ ମାଂସାହାରୀ ବନ୍ଧୁଙ୍କୁ ଏଇକଥା କହିଲି,ସେ କହିଲା ତୁମେ ପାଗଳ ନା କଣ, ସେ ଯଦି ମାରୁ ନଥାନ୍ତା, ତେବେ ଆମେ କଣ ଏ ଛେଳି ମେଣ୍ଢା ଗୁଡାକ ନିଜେ ମାରି ଖାଇ ପାରନ୍ତୁ, ତେଣୁ ସଂପୂର୍ଣ୍ଣ ପାପ ତାର। ଜୀବେ ଦୟା ପରମ ଧର୍ମ, ଜୀବହତ୍ୟା ମହାପାପ। କିନ୍ତୁ ବିଡମ୍ବନା କେହି ପାପ କରିନାହାନ୍ତି ବୋଲି, ପରସ୍ପର ମୁଣ୍ଡରେ ଦୋଷ ଲଦି ଆତ୍ମ ସନ୍ତୋଷ ଲାଭ କରୁଛନ୍ତି। ତେଣୁ ସରକାର ରାଜ୍ୟ ଚଳାଇବା ନିମନ୍ତେ ଅର୍ଥ ଆଣିବେ କେଉଁଠୁ ? ଖର୍ଚ୍ଚତ କିଛି କମ୍ ନାହିଁନା। ଜନନୀ କଲ୍ୟାଣ ଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା, ମାଗଣା ଚାଉଳ ଠାରୁ ଆରମ୍ଭ କରି କାଳିଆ ଯୋଜନା। ତେଣୁ ଏ ଅଞ୍ଚ ନିରୀହ ମହିଳା ମାନେ ବୋଧେ ଜାଣିନାହାନ୍ତି, କାଳିଆ ଯୋଜନାର ହିତାଧୀକାରି ହେବା ପାଇଁ ଗୋଟିଏ ଘରୁ ବାପା ମାଆ, ପୁଅ ବୋହୁ, ସାବାଳକ ନାତି ନାତୁଣୀ, ସେତେବେଳେ ସମସ୍ତେ ଚାଷୀ ହୋଇଗଲେ। ମାଗଣା ଚାଉଳ ପାଇବା ଆଶାରେ, ବହୁ ଥିଲାବାଲା ଘର ଲୋକେ, ବି.ପି.ଏଲ୍ କାର୍ଡ ଖଣ୍ଡିଏ ହାତେଇବା ପାଇଁ ସରପଂଚଙ୍କ ଦୁଆରେ କି ଦୟନୀୟ ଅବସ୍ଥାର ସମ୍ମୁଖୀନ ହୋଇଥିଲେ। ଏବେ ନିର୍ବାଚନ ରଣାଙ୍ଗନରେ ଜିତିବା ପାଇଁ, ଖଣ୍ଡିଏ ଖଣ୍ଡିଏ ଭୋଟ ପାଇଁ ପ୍ରାର୍ଥୀ ମାନଙ୍କୁ କେତେ ଅର୍ଥ ଶ୍ରାଦ୍ଧ କରିବାକୁ ପଡୁଛି,ତାହା ଏ ମହିଳା ମାନେ ନିଶ୍ଚୟ ଜାଣିଥିବେ। ତେଣୁ ଏ ସବୁ ଅର୍ଥ ଖର୍ଚ୍ଚ କରିବା ପାଇଁ, ସରକାର ଅବକାରୀ ବିଭାଗକୁ ଏକ ଦୁହାଁଳିଆ ଗାଈ ଭାବରେ ବ୍ୟବହାର କରୁଛନ୍ତି। ସରକାର ଚାଉଳ କିଣି ଲୋକମାନଙ୍କୁ ମାଗଣାରେ ବାଂଟୁଛନ୍ତି, ଲୋକେ ସେ ଚାଉଳ ବିକି ମଦ କିଣି ପିଉଛନ୍ତି। ହାତରୁ ବିଶେଷ ଖର୍ଚ୍ଚ କରିବାକୁ ପଡୁନାହିଁ। ତେଣୁ ଅସୁବିଧା ରହିଲା କେଉଁଠି ? ସରକାର କହୁଛନ୍ତି, ଆମେ ଯଦି ମଦ ଦୋକାନ ନଖୋଲିବୁ, ତେବେ ଏ ଲୋକ ମାନେ ବହୁତ ହଇରାଣ ହୋଇଯିବେ। ତାହା ମଧ୍ୟ ପ୍ରମାଣ ହୋଇଛି ଲକ୍‌ଡାଉନ ଉଠିବା ପରେ ପ୍ରଚଣ୍ଡ ରୌଦ୍ରତାପରେ ମଦ୍ୟ କ୍ରୟ ନିମନ୍ତେ ଲୋକ ମାନଙ୍କର ଲମ୍ବା ଧାଡି ଏବଂ ବ୍ୟାକୁଳତା ଠେଲାପେଲା ସ୍ପଷ୍ଟ କରିଦେଇଛି ଏ କଥାକୁ। ତେଣୁ ସରକାରଙ୍କର ରାଜସ୍ୱ ଆୟ ସାଙ୍ଗକୁ, ଲୋକମାନଙ୍କୁ ଏକ ପ୍ରକାର ସେବା ଯୋଗାଇ ଦିଆଯାଉଛି। ପ୍ରକୃତରେ ଲୋକମାନେ ଯଦି ନପିଅନ୍ତେ, ତେବେ ସରକାର ଦୋକାନ ଖୋଲନ୍ତେ କାହିଁକି ? ମହିଳା ମାନଙ୍କର ଅଭିଯୋଗ ସରକାର ଦୋକାନ ଖୋଲିବାରୁ ଆମ ସ୍ୱାମୀ ପୁଅ ମାନେ ମଦ ପିଉଛନ୍ତି। ଅଗ୍ନିର ତିବ୍ରତା ଜାଣି ମଧ୍ୟ ପତଙ୍ଗ ସେଥିରେ ପୋଡି ହେବା ପରି, ମଦ୍ୟପାନ ଦ୍ୱାରା ଶାରୀରିକ ଆର୍ଥିକ କ୍ଷତି ଜାଣି ମଧ୍ୟ ଯଦି ଆମେ ମଦ୍ୟପାନ କରିବା, ସେଥିରେ ସରକାରଙ୍କର ଦୋଷ କଣ ?ସରକାରତ ଆମମାନଙ୍କୁ ଟଙ୍କା ବାଂଟିବା ପାଇଁ, ଏ କାର୍ଯ୍ୟ କରୁଛନ୍ତି। ମଦ ଅଧିକ ବିକ୍ରୟ ହେଲେ ସେଥିରୁ ଟିକସ ଆୟ ଏବଂ ମଦ୍ୟ ପାନକଲେ ଜୋରିମାନା, ଏକାଥରକେ ଦୁଇଟି ଆୟ ହୋଇପାରୁଛି। ତେଣୁ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଗୁହାରୀ କଲେ କଣ ହେବ ? କହ କହ କେଉଁ ଜାତି, ଲଭିଛି ମୁକତି, କରି ହୁରି ହାରି ଗୁହାରୀ ?ମଦ୍ୟପାନକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାର କ୍ଷମତା ସେଇମାନଙ୍କର ଅଛି,ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କାକୁତି ମିନତୀ ହେଉଛନ୍ତି। ସାରା ବିଶ୍ୱରେ ପୁରୁଷ ମାନେ ନାରୀ ମାନଙ୍କ ଇଚ୍ଛାରେ ପରିଚାଳିତ ହେବା ଏକ ପ୍ରାକୃତିକ ନିୟମ। ଖାଲି ମହିଳା ସଶକ୍ତିକରଣ ନାରା ଦେଲେ ଚଳିବ ନାହିଁ। ସେମାନଙ୍କୁ ଅବତୀର୍ଣ୍ଣ ହେବାକୁ ପଡିବ ରାଧା ଓ ମୀରା ଭୂମିକାରେ। ସ୍ନେହ ଶ୍ରଦ୍ଧା ମାଧ୍ୟମରେ ଅସଫଳ ହେଲେ ଅବତୀର୍ଣ ହେବାକୁ ପଡିବ ଦୁର୍ଗା ଓ କାଳୀ ଭୂମିକାରେ। ସାଜିବାକୁ ପଡିବ ଶ୍ରୀମତୀ ସମ୍ମାର୍ଜନୀ। ସେଦିନ ଫକୀରମୋହନଙ୍କ ମଦ୍ୟପ ଜମିଦାର ଚନ୍ଦ୍ରମଣି ବାବୁ, ସୁଲୋଚନା ଦେବୀଙ୍କର ପେଟେଂଟ୍ ମେଡିସିନ ପ୍ରୟୋଗ ଦ୍ୱାରା ମଦ୍ୟପାନରୁ ସମ୍ପୂର୍ଣ୍ଣ ନିବୃତ ହୋଇପାରିଥିଲେ। ନିଜର ସ୍ୱାମୀ ମାନଙ୍କୁ ନିଜର ବୁଦ୍ଧିବିଦ୍ୟା ବଳରେ ଆୟତ କରିବାକୁ ଚେଷ୍ଟା କରନ୍ତୁ। ମଦ ଦୋକାନ ସବୁଦିନ ପାଇଁ ତାଲା ପଡିଯିବ। ସ୍ନେହ, ଶ୍ରଦ୍ଧା, ଅଭିମାନ, ରାଗ ଓ ସର୍ବଶେଷରେ ପେଟେଂଟ୍ ମେଡିସିନକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରନ୍ତୁ। ମହିଳାମାନେ ନିଜର ଶୁପ୍ତ ଶକ୍ତିକୁ ଜାଗ୍ରତ କରନ୍ତୁ। ଗାଁ ଗାଁରେ ପରିବେଷଣ କରନ୍ତୁ ଫକୀରମୋହନଙ୍କ ଶ୍ରୀମତୀ ସମ୍ମାର୍ଜନୀ ନାଟକ। ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ମହିଳା ମାନଙ୍କର ଆତ୍ମପ୍ରତ୍ୟୟ ଓ ଇଚ୍ଛାଶକ୍ତି ଦୃଢ କରାନ୍ତୁ ଏବଂ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ। ନିଜେ ଚେଷ୍ଟା ନକରି କାହାରିକୁ ଅନୁରୋଧ କରିବା ଏକ ବ୍ୟର୍ଥ ପ୍ରୟାସ।ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ ! କେବଳ ମହିଳା ମାନେ ଚେଷ୍ଟା କଲେହିଁ,ଏକ ମଦମୁକ୍ତ ସମାଜ ଗଠନ ହୋଇପାରିବ,ଏହା ନିଃସନ୍ଦେହ।


+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଇଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦


# ନମସ୍କାରର ମାହାତ୍ମ୍ୟ



ଆମ ହିନ୍ଦୁ ପରମ୍ପରାରେ ନମସ୍କାରର ତାତ୍ପର୍ଯ୍ୟ ଖୁବ୍ ଅଧିକ । ପ୍ରାଚୀନ କାଳରୁ ରାଜପରିବାରଠାରୁ ଆରମ୍ଭ କରି ସାଧାରଣ ବର୍ଗର ଲୋକଙ୍କ ମଧ୍ୟରେ ଏହି ପରମ୍ପରାର ସ୍ପର୍ଦ୍ଧା ଖୁବ୍ ଅଧିକ ଥିଲା । ସମୟକ୍ରମେ ପିଢ଼ି ପରେ ପିଢ଼ି ଲୋକେ ପାଶ୍ଚାତ୍ୟ ସଭ୍ୟତାରୁ ଅନୁକରଣ କରି ହାତ ବିଲାଇବା କିମ୍ବା ଆଲିଙ୍ଗନକୁ ଅଧିକ ପସନ୍ଦ କରୁଛନ୍ତି । ବିଦେଶରେ କିନ୍ତୁ ଆମ ନମସ୍କାର ପରମ୍ପରାକୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ ଦିଆଯାଉଛି । ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ଗତ କିଛି ବର୍ଷ ହେଲା ସମସ୍ତ ଛାତ୍ରଛାତ୍ରୀ ପ୍ରଧାପକ ଓ ଅଧାପକଙ୍କୁ ନମସ୍କାର ଜଣାଇ ସ୍ୱାଗତ କରୁଛନ୍ତି । ଆମ ପରମ୍ପରା ଅନୁସାରେ, ହାତ ଯୋଡ଼ି ନମସ୍କାର କରିବା ଓ ଆଣ୍ଠୁ ମାଡ଼ି ନମସ୍କାର କରିବାରେ ଜଣେ ବ୍ୟକ୍ତିର ଉତ୍ତମ ସଂସ୍କାର ପ୍ରତୀୟମାନ ହୋଇଥାଏ। ମାସାଚୁସେଟସ୍‌ର ଗବେଷକ ଷ୍ଟିଫେନ୍ ହେନ୍ ନମସ୍କାର ପରମ୍ପରା ଉପରେ ଗବେଷଣା କରିବା ପରେ ଅନେକ ତଥ୍ୟ ପ୍ରକାଶ କରିଛନ୍ତି ।

ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ମଥା ସମୀପରେ ଦୁଇ ହାତକୁ ରଖି ନମସ୍କାର କଲେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଶକ୍ତିର ପ୍ରବାହ ହୋଇଥାଏ । ଆମ ଦୁଇ ହାତ ଭିତରେ କେଶ ନଥାଏ । ଏଣୁ ଏହି ଶକ୍ତିଉତ୍ପନ୍ନ ହେଉଥିବାର ପ୍ରକାଶ। ନମସ୍କାର କରାଯାଇ ଅନେକ ଯୋଗ ମଧ କରାଯାଏ । ଏଣୁ ନମସ୍କାରର ମାହାତ୍ମ୍ୟ ଓ ଉପକାରିତା ରହିଛି ।

ଛୋଟ ପିଲାଙ୍କୁ ଯଥା ସମୟରୁ ହିଁ ନମସ୍କାର ଶିଖାଇବା ଦରକାର । ସେମାନେ ଏପରି ଭାବେ ବଡ଼ମାନଙ୍କ ଆର୍ଶୀବାଦ ସ୍ୱତଃ ମିଳିଥାଏ ।

## କେନାଲ ରାସ୍ତା ମରାମତି ଦାବି

ଜୟପୁର,୦୨।୧୧ (ନି.ପ୍ର): କୋରାପୁଟ ଜିଲା ଜୟନ୍ତିଗିରି ଠାରୁ ଜୟପୁର ଛକ ମେନ୍ କେନାଲ ରାସ୍ତା ମରାମତି ଦାବି କରି ଗ୍ରାମବାସୀ ମାନେ ସମାଜସେବି ବି. ହରି ରାଓ ଙ୍କ ନେତୃତ୍ୱରେ ଉପର କୋଲାବ ପ୍ରୋଜେକ୍ଟ ଅଧିକାରିଙ୍କ ନିକଟରେ ପହଂଚି ଏ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଜୟନ୍ତିଗିରି ଠାରୁ ଗାନ୍ଧୀ ଛକ କେନାଲ ରାସ୍ତା ମରଣ ଯନ୍ତା ପାଲଟିଛି । ଏହି ରାସ୍ତାରେ ଜୟନ୍ତୀଗିରି, ପୁଜାରିପୁଟ, ରାଣୀଗଡ, କେବିଡି, କୁମୁଲିପୁଟ, ରଣ୍ଡାପାଲ୍ଲି ଏବଂ ଗଡପଦର ପଚାଂୟତର ଗ୍ରାମବାସୀ ମାନେ ଯିବା ଆସିବା କରନ୍ତି । ଜାତୀୟ ରାଜପଥ ଜାମ ରହୁଥିବାରୁ ଗ୍ରାମବାସୀ ସୁରକ୍ଷିତ ଭାବେ ଏହି ରାସ୍ତା ଦେଇ ଯିବାକୁ ଚାହୁଁଥିବା ବେଳେ କିନ୍ତୁ ଏହି ରାସ୍ତା ଲୋକଙ୍କ ପାଇଁ ବିପଦ ଆଣିଦେଇଛି । ତେଣୁ ବିଭାଗ ତୁରନ୍ତ ରାସ୍ତା ମରାମତି କରିବାକୁ ନବିନ ମାଦଳା, ବଲ୍ଲଭ ମୁଦୁଲି ପ୍ରମୁଖ ଦାବୀ କରିଛନ୍ତି ।

## ଓୟୁଜେ କାର୍ଯ୍ୟକାରିଣୀର ପ୍ରସ୍ତୁତି ବୈଠକ

ଭଦ୍ରକ, ୨/୧୧ (ହି.ସ.) - ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ଭଦ୍ରକ ଶାଖାର କାର୍ଯ୍ୟକାରିଣୀ ବୈଠକ ଚଳିତ ମାସ ୮ ତାରିଖରେ ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ଠାରେ ଅନୁଷ୍ଠିତ ହେବ । ଏନେଇ ଆଜି ସ୍ଥାନୀୟ ଐତିହାସିକ ଗାନ୍ଧି କର୍ମମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପସଭାପତି ହେମନ୍ତ ସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ଡ଼ଃ. ହରିହର ନାୟକ, କାର୍ଯ୍ୟକାରୀ ସଭାପତି ପ୍ରିୟଦର୍ଶନୀ ବୋଇତି, ସାଧାରଣ ସମ୍ପାଦକ ଗୌରହରି ନାୟକ, ସାମ୍ବାଦିକ ଅକ୍ଷୟ ସିଂହ, ଜିତେନ୍ଦ୍ର ଶତପଥୀ, ବିଶ୍ୱନାଥ ସିଂହ, ପ୍ରଦ୍ୟୁମ୍ନ ପୁହାଣ, ହରିନାରାୟଣ ମହାନ୍ତି, ଅକ୍ଷୟ ଦାସ, ରମେଶ ପତି, ସୁକାନ୍ତ ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସୁସ୍ଥ ସମାଜ ଗଠନରେ ସାମ୍ବାଦିକ ମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହ ବରିଷ୍ଠ ସାମ୍ବାଦିକ ପରମାନନ୍ଦ ଦାସ, ନାରାୟଣ ଚନ୍ଦ୍ର ବାରିକ, ଅନୀଲ ନାୟକ, କିସାନ ରାଉତ, ବନମାଳୀ ବାରିକଙ୍କ ସମେତ ବରିଷ୍ଠ ନାଗରିକ ତଥା କରୋନା ଯୋଦ୍ଧା କୈଳାସ ଚନ୍ଦ୍ର ଧଳ, ଇଂ ମଧୁସୂଦନ ସାହୁ, ଡା. ଦିପକ କୁମାର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଟିପୁର ସରପ ସତ୍ୟବାନ ଦାସ, ଯୁବ ସଙ୍ଗଠକ ଗୋପାଳକୃଷ୍ଣ, ଦାଶ, ଦୁଃଖନ ପେଡ଼ି, କୈଳାସ ଧଳ, ବିଜୟ ମହତାବ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରାହ୍ମଣ ସମାଜ ପ୍ରୋତ୍ସାହନ ପୁରସ୍କାର ସମାରୋହ

ଜୟପୁର,୦୨।୧୧ (ନି.ପ୍ର): କୋରାପୁଟ ଜିଲା ବ୍ରହ୍ମଣ ସମାଜ ତରଫରୁ ଶ୍ରୀ ବୈଦ୍ୟନାଥ ମିଶ୍ର ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ବ୍ରାହ୍ମଣ ମେଧା ପ୍ରୋତ୍ସାହନ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଗୀତା ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଉପେନ୍ଦ୍ର ନାଥ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନରେଶ ନାଥ ନାୟକ, ଶ୍ରୀନାଥ ମିଶ୍ର, ବିଷ୍ଣୁ ପ୍ରସାଦ ପାତ୍ର, ଯୁଗଳ କିଶୋର ମିଶ୍ର, ରମେଶ ଚନ୍ଦ୍ର ତ୍ରିପାଠି, ରାମ କୃଷ୍ଣ ସାବତ, ବିଜୟ କୁମାର ଭଞ୍ଜ ଭବନା ଶଙ୍କର ଆଚାର୍ଯ୍ୟ, ଉପସ୍ଥିତ ରହି ମେଧାବୀ ଛାତ୍ର ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାଂଗଠନିକ ସଂପାଦକ ନରସିଂହ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର ବାହିନିପତି ଅତିଥି ଆମନ୍ତ୍ରଣ କରିଥିଲେ । ରାଧାନାଥ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ । ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମେଧାବି ଛାତ୍ର ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ଦେବାଶିଷ ସାହୁ, ଅରବିନ୍ଦ ପୁଣ୍ଡାଙ୍ଗ ଶିକ୍ଷାକେନ୍ଦ୍ରର ଶ୍ରୀଧର ଶତପଥୀ ଓ ଶିଶୁ ବିଦ୍ୟାମନ୍ଦିରର ଶିବାଶିଷ ମିଶ୍ର ଙ୍କୁ ବ୍ରହ୍ମଣ ମେଧା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆ, ନଳସିଂହ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ



ବାରିପଦା,୦୨।୧୧ (ନି.ପ୍ର): ସ୍ଥାନୀୟ ତକଟପୁର ସ୍ଥିତ ଗ୍ରାମିଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ଦଶ ଦିନିଆ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ବ୍ଲକର ଚାଷୀମାନଙ୍କୁ ନେଇ ଗତ ୧୦ଦିନ ଧରି ପ୍ରଶିକ୍ଷଣ ଶିବିର ଚାଲୁ ରହିଥିଲା । ଉକ୍ତ ଛତୁ ଚାଷ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ ବାସ୍କେ, ସ୍କିଲ ଶିକ୍ଷକ ସତୀଶ ଚନ୍ଦ୍ର ମହା' ପ୍ରମୁଖ ଉପସ୍ଥିତ ରହି ଚାଷୀମାନେ କିପରି ଛତୁ ଚାଷ କରି ନିଜର ଆୟ ବୃଦ୍ଧି କରିପାରିବେ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ତଥା ବେରୋଜଗାର ଥିବା ଯୁବକ ମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବାବଦରେ ଆଲୋଚନା କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରଶିକ୍ଷକ ତଥା ସଫଳ ଛତୁ ଚାଷୀ ଶିଶିର କୁମାର ମହା' ଯୋଗ ଦେଇ ବିଭିନ୍ନ ବ୍ଲକରୁ ଆସିଥିବା ଆଗ୍ରହୀ ଚାଷୀମାନଙ୍କୁ ଛତୁ ଚାଷର ତାଲିମ ଦେବା ସହ କିପରି ଅଧିକ ଲାଭ କରିହେବ ଅଧିକ ଅମଳ କରାଯିବପାରିବ ଏବଂ ଏଥିପାଇଂ ରହିଥିବା ସରକାରୀ ସୁବିଧା ସୁଯୋଗ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉଦ୍‌ଯାପନୀ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ ବାସ୍କେ ସଭାପତିତ୍ୱ କରିଥିଲେ ।

## ଅବସର ନେଲେ କାର୍ଯ୍ୟାଳୟ ଅଧିକ୍ଷକ ଦିଲ୍ଲୀପ ଦାସ

ବାରିପଦା,୦୨।୧୧ (ନି.ପ୍ର): କର୍ମ ହିଁ ଭଗବାନ । କର୍ମ କ୍ଷେତ୍ରରେ ସମୟ ସହ ଲଢେଇ କରି ହାରି ନାହାଁନ୍ତି ସେ । ଜୀବନର ଦୀର୍ଘ ସମୟ ଅକ୍ଳାନ୍ତ ପରିଶ୍ରମ, ପୋଲିସ ସେବା କ୍ଷେତ୍ରରେ ଦୀର୍ଘ ୩୬ ବର୍ଷ ୧୦ ମାସରୁ ଉର୍ଦ୍ଧ ସମୟର ଜୀବନର ଅନେକ କିଛି ମୁହୂର୍ତ୍ତ ହରାଇ ଏକ ମାଇଲ ଖୁଂଟ ସ୍ଥାପନ କରିବା ପରେ ଚଳିତ ବର୍ଷ ଅକ୍ଟୋବର ୩୧ (କୁମାର ପୂର୍ଣ୍ଣିମା)ରେ ନୂଆପଡା ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଅଧିକ୍ଷକ ଭାବରେ କର୍ମ କ୍ଷେତ୍ରରୁ ଅବସର ନେଇଛନ୍ତି ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରର ୱାର୍ଡ ନଂ ୨୭ ତକତପୁର ଅଧିବାସୀ ଦିଲ୍ଲୀପ କୁମାର ଦାସ । ବାଲେଶ୍ୱର ଜିଲ୍ଲା ସରଡ଼ିହା ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ଦାସ ଓ ସରସ୍ୱତୀ ଦାସଙ୍କ ସନ୍ତାନ କହିଲେ ଚାରି ପୁତ୍ର ଓ ଜଣେ ଝିଅ । ତେବେ ସନ୍ତାନ ମଧ୍ୟରେ ଜ୍ୟେଷ୍ଠ ପୁତ୍ର ହେଉଛନ୍ତି ଦିଲ୍ଲୀପ । ୧୯୬୦ ମସିହା ଅକ୍ଟୋବର ୧୪ ତାରିଖରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସରଡ଼ିହା ଗ୍ରାମରେ ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଦିଲ୍ଲୀପ । ଖୁସିରେ ସାଙ୍ଗମାନେ 'କଟି' ବୋଲି ଡାକୁଥିଲେ । ବାପା ଚାଷୀ ଓ ମାତା ଗୃହିଣୀ । ବାପା ଚାଷ କରି ପରିବାରର ୭ କୁଟୁମ୍ବକୁ ପ୍ରତିପୋଷଣ କରିବା କଷ୍ଟ ସାଧ ଥିଲା । ଛୋଟ ବେଳୁ ପରିବାରର ବୋଝକୁ ନିଜ ଜୀବନର ଅଂଶ ଭାବରେ ଗ୍ରହଣ କରିଥିଲେ ଦିଲ୍ଲୀପ । ପିଲାଟି ଦିନରୁ ବିଲରେ କାମ କରିବା ସହ ଗାଁ ଚାଟଶାଳୀରେ ଶିକ୍ଷା ଲାଭ କରିଥିଲେ । ସରଡିହା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରି ଶାଳବଣି ଉଚ୍ଚ ବିଦ୍ୟାଳୟରେ ଏପ୍ରିଲ ୧୯୭୮ ମସିହାରେ ମ୍ୟାଟ୍ରିକ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇ ବାରିପଦାରେ ଉଚ୍ଚ ଶିକ୍ଷାଲାଭ କରିଥିଲେ । ବାରିପଦାରେ ଘରୋଇ ଶିକ୍ଷକତା କରି ତକତପୁର ଶିକ୍ଷ ତାଲିମ କେନ୍ଦ୍ରରୁ ଷ୍ଟେନୋଗ୍ରାଫିରେ ଶିକ୍ଷା ଲାଭ କରିଥିଲେ । ନିଜେ ଉଚ୍ଚ ଶିକ୍ଷିତ ହେବା ସହ ପରିବାରର ଅନ୍ୟ ଭାଇ ଭଉଣୀଙ୍କୁ ଉଚ୍ଚ ଶିକ୍ଷିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଏକ ଛପା ଖବରକାଗଜରେ ସାମ୍ବାଦିକତା ସହ ବିଦ୍ୟୁତ ବିଭାଗରେ ଇଲେକ୍ଟ୍ରିମ୍ୟାନ ଭାବରେ ଅସ୍ଥାୟୀ ଚାକିରି ଆରମ୍ଭ କରିଥିଲେ । ୧୯୮୩ ମସିହା ଡିସେମ୍ବର ୨୦ ତାରିଖରେ ରାଜ୍ୟ ସରକାରଙ୍କ ପୋଲିସ ବିଭାଗରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ସହ କ୍ଷିପ୍ରଲେଖକ ଭାବରେ ସ୍ଥାୟୀ ଯୋଗ ଦାନ କରିଥିଲେ । ପଛକୁ ଫରି ଦେଖି ନାହାନ୍ତି । ବିଭିନ୍ନ ସମୟରେ ଓଡ଼ିଶାର କଟକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଭଳି ବିଭିନ୍ନ ଜିଲ୍ଲାରେ ପୋଲିସ ବିଭାଗରେ ଅସାଧାରଣ ଚାହିଦାକୁ ସମ୍ପୂର୍ଣ୍ଣ କରୁ କରୁ ୨୦୨୦ ମସିହା ଅକ୍ଟୋବର ୩୧ରେ ବୟସର ଅସ୍ତ ସମୟରେ ଅବସର ଘୋଷଣା କରିଛନ୍ତି ସରକାର । ତେବେ ମୟୂରଭଞ୍ଜ ଜିଲ୍ଲାରେ କର୍ମମୟ ଜୀବନ ଆରମ୍ଭ କରିଥିବା ବେଳେ ନୂଆପଡା ଜିଲ୍ଲାରେ ଅବସର ନେଇଛନ୍ତି । ବିଦାୟ ସମ୍ବର୍ଦ୍ଧନାରେ ଦିଲ୍ଲୀପଙ୍କ ନିକଟରେ ଥିଲେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁନୀଲ କୁମାର ଆଚାର୍ଯ୍ୟ, ଡେପୁଟି ଏସ୍ପି ଏମ୍ ବି କିଷାନ, ବରିଷ୍ଠ କିରାଣୀ ଡି. ଚନ୍ଦ୍ର ଶେଖର ରାଓ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଜୀବନ ହସ ଖୁସିରେ କାଟିବା ପାଇଁ ଭଗବାନଙ୍କ ନିକଟରେ ପ୍ରାଥନା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଦିଲ୍ଲୀପଙ୍କ ସେବା କ୍ଷେତ୍ରରେ ଦୀର୍ଘ ଦିନର ଯୋଗଦାନକୁ ଉଚ୍ଚ ପ୍ରସଂଶା କରିଥିଲେ । ତେବେ ବର୍ତ୍ତମାନ ପରିବାର କହିଲେ ଦିଲ୍ଲୀପଙ୍କ ସହଧର୍ମିଣୀ ଭାରତୀ ଦାସ ଓ ଚାରି ପୁଅ ଝିଅ । ୧୯୮୩ ମସିହା ଜୁଲାଇ ୧୩ ତାରିଖ, ଜୀବନରେ ଦ୍ୱିତୀୟ ପାହାଚରେ କୁଳିଅଣା ବ୍ଲକ ଆଡ଼ସିଳି ଗ୍ରାମର ସ୍ୱର୍ଗତ ଗଣେଶ ଚନ୍ଦ୍ର ଦାସ ଓ ରୁକ୍ମଣୀ ଦାସଙ୍କର ସର୍ବକନିଷ୍ଠା ଝିଅ ଭାରତୀ ଦାସଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ସୁଖଦୁଃଖର ପରିବାର ମଧ୍ୟରେ ବାପା ମାଆଙ୍କ ସହ ଦିଲ୍ଲୀପ, ଭାରତୀ ବଡ଼ ଝିଅ ଦୀପ୍ତିମୟୀ ଦାସ, ବଡ଼ ପୁଅ ସୁବ୍ରତ କୁମାର ଦାସ, ସାନ ଝିଅ ତୃପ୍ତିମୟୀ ଦାସ ଓ ସାନ ପୁଅ ଦେବବ୍ରତ ଦାସ । ଦୁଇ ଝିଅ ବିବାହ ହୋଇ ଶାଶୁ ଘରକୁ ଯାଇଥିବା ବେଳେ ପାଖରେ ଏବେ ଦୁଇ ପୁଅ ଅଛନ୍ତି । ଜୀବନରେ କର୍ମମୟ ଜୀବନ ହେଉ ବା ପାରିବାରିକ ଜୀବନ ହେଉ କୌଣସି କାର୍ଯ୍ୟରେ ନ ହାରି, ସଚ୍ଚୋଟ, ସତ୍ୟ, ନ୍ୟାୟ, ନିଷ୍ଠାପର, ସ୍ୱାଭିମାନ ସହ ବଂଚିବା ଶିଖିଛନ୍ତି ସେ । ପାରିବାରିକ ଜୀବନରେ ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ସହ ନିଜ ଜୀବନର ଆଦର୍ଶ ଅନେକ ଲୋକଙ୍କୁ ଅନୁପ୍ରାଣିତ କରିଛନ୍ତି ।

## ଜୁଆଆଡ୍ଡା ଚଢାଉ ବେଳେ ପୋଲିସକୁ ଆକ୍ରମଣ : ଥାନା ଅଧିକାରୀ ଆହତ ଭାଙ୍ଗିଲା ଗାଡି

**ଘଟଣାରେ ୪ ମହିଳାଙ୍କ ସହ ୬ ଗିରଫ**

କନ୍ଧମାଳ,୦୨।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାମହଣିଗାଁ ଥାନା ଅଂଚରେ ପୋଲିସର ରାତ୍ରିକାଳୀନ ପାଟ୍ରୋଲିଙ୍ଗ ବେଳେ ଏକ ଜୁଆ ଆଡ୍ଡାରେ ଚଢାଉ କରିବାରୁ ପୋଲିସ ଉପରେ ଆକ୍ରମଣ କରିବବା ସହିତ ପୋଲିସ ଗାଡିକୁ ଭାଙ୍ଗାରୁଜା କରି ବ୍ରାହ୍ମଣିଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ଦୃବୃତ ମାନେ । ଆଜି ସେହି ଘଟଣାରେ ପୋଲିସ ସେହି ଗ୍ରାମର ୪ ଜଣ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ସୁଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ବ୍ରାହ୍ମଣିଗାଁ ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଙ୍ଗ କରୁଥିବାବେଳେ ଏକ ଜୁଆଆଡ୍ଡା ଉପରେ ଚଢାଉ କରିବା ସମୟରେ ସେଠାର ଲୋକେ ପୋଲିସ ଅଧିକାରୀଙ୍କ ଉପରକୁ ଢେଲାପଥର ମାଡ କରିବା ସହିତ ପୋଲିସ ଗାଡିକୁ ମଧ୍ୟ ପଥର ମାଡ କରିଥିଲେ । ଫଳରେ ଥାନା ଅଧିକାରୀ ଗୁରୁତର ଭାବରେ ଆହତ ହେବା ସହିତ ଗାଡିଟିର କାଚ ମଧ୍ୟ ଭାଙ୍ଗିଯାଇଛି । ଏହି ଆକ୍ରମଣ ଫଳରେ ସେଠାରେ ଡିଉଟିରେ ଯାଇଥିବା ୮ ଜଣ ପୋଲିସ କର୍ମଚାରୀ ଗାଡିକୁ ଛାଡି ସେଠାରୁ ଚାଲିଆସିଥିଲେ । ଆଜି ସକାଳୁ ବାଲିଗୁଡା ଏସଡିପିଓ ମାନସରଞ୍ଜନ ବାରିକ ଏବଂ ଦାରିଙ୍ଗବାଡି ଥାନା ଅଧିକାରୀ କୌଶିକ ମାଝି ସେଠାରେ ସଦଳବଳେ ପହଂଚି ସେଠାରୁ ଗାଡିକୁ ଉଦ୍ଧାର କରିବା ସହିତ ଏହି ସଂକ୍ରନ୍ତରେ ଏକ ମାମଲା ୮୯/୨୦୨୦ ରୁଜୁ କରି ସେଠାରୁ ୪ ଜଣ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ସେମାନେ ମେରାମାହା ଗ୍ରାମର ହାଡି ବିଷୋଇ, ନିଳତମା ବିଷୋଇ, ଭାବାନୀ ବିଷୋଇ, କନ୍ଦୁଣି ବିଷୋଇ, ମହେଶ୍ୱର ବିଷୋଇ ଏବଂ ଦଶରଥ ବିଷୋଇ ବୋଲି ଜଣାପଡିଛି । ସୁଚନା ଯୋଗ୍ୟ ଗତ ଶନିବାର ରାତିରେ ବ୍ରାହ୍ମଣିଗାଁ ର ମେରାମାହା ଅଂଚଳରେ ଅସାମାଜିକ କାର୍ଯ୍ୟକଳାପକୁ ରୋକିବାକୁ ସେହି ଅଂଚଳରେ ପୋଲିସ ପାଟ୍ରୋଲିଙ୍ଗ କରାଯାଉଥିଲା । ସେଠାରେ ଏହିଗ୍ରାମାର ଲୋକେ ପୋଲିସ ଉପରେ ଆକ୍ରମଣ କରିବାରୁ ସେଠାରୁ ପ୍ରାୟ ୫ କିମି ବାଟ ପୋଲିସ କର୍ମଚାରୀ ମାନେ ଗୋଟିଏ ଆଟୋରେ ଏବଂ ପରେ ଅନ୍ୟ ଏକ ପୋଲିସ ଗାଡିରେ ଆସି ରାତି ବାରଟା ବେଳେ ବ୍ରାହ୍ମଣିଗାଁ ଥାନାରେ ପହଂଚିଥିଲେ । ଆଜି ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଭୟରେ ସେହି ଅଂଚଳର ଲୋକେ ଗାଁ ଛାଡି ନିକସ୍ଥା ପାହାଡ ଭିତରେ ଯାଇ ଲୁଚିଥିବାରୁ ମେରାମାହା ଅଂଚଳ ପୁରୁଷ ଶୁନ୍ୟ ହୋଇଥିବା ଜଣାପଡିଛି ।

## ଏନଓୟୁ ମୁକ୍ତଶାଖା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବାରିପଦା,୦୨।୧୧ (ନି.ପ୍ର): ବାରିପଦା ତଖତପୁରସ୍ଥିତ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ମୁକ୍ତଶାଖା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ସ୍ମୃତିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅନଲାଇନ ମାଧ୍ୟମରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏନଏସଏସ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଶୁଭେନ୍ଦୁ ଦାସ ଉପସ୍ଥିତ ସମସ୍ତ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଏକତା ଦିବସରେ ଶପଥପାଠ କରାଇଥିଲେ । ଏହାପରେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଉପସଚିବ ଯୋଗ ଦେଇ ବିଶ୍ୱ ଇତିହାସରେ ଲୌହମାନବ ବଲ୍ଲଭଭାଇ ପଟେଲଙ୍କୁ ଜଣେବିରଳ ବ୍ୟକ୍ତିତ୍ୱର ଅଧିକାରୀ ଏବଂ ନିଜ ଜୀବନକୁ ଦେଶସେବା କ୍ଷେତ୍ରରେ ଉତ୍ସର୍ଗ କରାଇ ଅନ୍ୟମାନଙ୍କ ନିମନ୍ତେ ଏକକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ବୋଲି ପ୍ରକାଶ କରିଥିଲେ । ସେହିପରି ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ , କବି ଓ ସୁସାହିତ୍ୟିକ ଅଭୟ ଦାସ ରାଷ୍ଟ୍ରୀୟ ଏକତା ଦିବସର ତାତ୍ପର୍ଯ୍ୟ, ଗୁରୁତ୍ୱ ଓ ଆମର କର୍ତବ୍ୟ ଉପରେ ତାତ୍ୱିକ ଆଲୋଚନା କରିଥିଲେ । ଅନ୍ୟତମ ବକ୍ତା ଏବଂ ଆବାହିକା ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନଏସଏସ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଉଷା ଶତପଥୀ ଭାରତର ଶାନ୍ତି, ମୈତ୍ରୀ ତଥା ପ୍ରଗତି ନିମନ୍ତେ ଆମେ ସମସ୍ତେ ସଂକଳ୍ପ ନେବା ସହ ମହାମାନବ ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିବା ସମୟରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଏମ୍ ହିମାବିନ୍ଦୁ, ବାଲେଶ୍ୱର ଜିଲ୍ଲା ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ମୁକ୍ତଶାଖାର ପୁରାତନ ସ୍ୱେଚ୍ଛାସେବୀ ଅନୁପ ଦାସ ପ୍ରସଙ୍ଗ ଭିତିକ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ମୁକ୍ତଶାଖାର କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମୁକ୍ତଶାଖାର ସ୍ୱେଚ୍ଛାସେବୀ ଭାନୁପ୍ରିୟା ମହାନ୍ତ, ପଙ୍କଜ ମାହାନା ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିବା ସମୟରେ ଅଧ୍ୟାପିକା ଉଷା ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## କଳପଡା ପୋଲ ଉପରେ ଦୁର୍ଘଟଣା, ଯୁବକଙ୍କ ମୃତ ଦେହ ଉଦ୍ଧାର

କେନ୍ଦ୍ରାପଡ଼ା,୦୨।୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ସଦର ଥାନା ଅଧିନ ଲୁଣା ନଦୀର କଳପଡା ପୋଲ ଉପରୁ ପଡି ରହିଥିବା ଏକ ମୃତ ଦେହକୁ ଉଦ୍ଧାର କରାଯାଇଛି । ଶନିବାର ବିଳମ୍ବିତ ରାତିରେ ଖବରପାଇ ପରିବାର ଲୋକଙ୍କ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ । ତେବେ ଏହି ଯୁବକ ଜଣକ ଗରଦପୁର ବ୍ଲକ ଅନ୍ତର୍ଗତ ଯଅଁପଡା ପଂଚାୟତ ଗଉଡଗାଁର ପ୍ରଶନ୍ନ କୁମାର ରାଉତ ବୋଲି ଜଣାପଡିଛି । ଯୁବକ ଜଣକ ବାଇକରେ ଯାଉଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି । ତେବେ ତାଙ୍କ ନିକଟରେ ତାଙ୍କ ବାଇକଟି ପଡି ରହିଥିବାରୁ ଏହି ଘଟଣାଟି ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ଆଶଙ୍କା କରାଯାଉଛି ।

## ମଦ୍ରାସାରେ ମୌଲବୀ ବିବାଦକୁ ନେଇ କାର ଓ ୩ ମଟର ସାଇକେଲ ପୋଡିଲେ ଦୁର୍ବୃତ

କେନ୍ଦ୍ରାପଡ଼ା,୦୨।୧୧ (ନି.ପ୍ର): ଜଣେ ବିବାଦୀୟ ମଦ୍ରାସା ଶିକ୍ଷକ (ମୌଲବୀ)ଙ୍କ ପୁନଃ ନିଯୁକ୍ତି ନେଇ ଦେଖା ଦେଇଥିବା ବିବାଦରେ ଜଣେ ବ୍ୟକ୍ତିଙ୍କ ୩ଟି ଦୁଇ ଚକିଆ ଯାନ ଓ ଗୋଟିଏ କାର କୁ ଦୁର୍ବୃତ ମାନେ ନିଆଁ ଲଗାଇ ପୋଡି ଦେଇଛନ୍ତି । ଘଟଣା ମୁତାବକ ଟାଉନ ଥାନା ଅଧିନ ରଣପଡା ଗ୍ରାମରେ ଜଣେ ଶିକ୍ଷକଙ୍କ ଘରେ ଶନିବାର ବିଳମ୍ବିତ ରାତି ରେ ଏହି ଅଗ୍ନିକାଣ୍ଡ ଘଟିଛି । ସେହି ଗାଁରେ ରହୁଥିବା ସେକ ଲିଆକତ ଅଲ୍ଲୀଙ୍କ ଘରେ ରଖା ଯାଇଥିବା ଗୋଟିଏ ବୁଲେଟ ମଟର ସାଇକେଲ, ୨ଟି ଗ୍ଲାମୋର ମଟର ସାଇକେଲ ଓ ଗୋଟିଏ ଇଣ୍ଡିଗୋ କାରକୁ କେହି ଦୁର୍ବୃତ ପେଟ୍ରାଲ ପକାଇ ନିଆଁ ଲଗାଇ ଦେଇଥିଲା । ନିଆଁ ଲାଗିବା ପରେ ଟାଙ୍କି ଫାଟି ଯିବାରୁ ଏହି ଅଗ୍ନିକାଣ୍ଡ ଗୁରୁତର ଅବସ୍ଥା ସୃଷ୍ଟି କରିଥରଲା । ଟାଙ୍କି ବିସ୍ଫୋରଣ ଶବ୍ଦରେ ସ୍ଥାନୀୟ ଲୋକେ ଉଠିପଡି ଅର୍ଗ୍ନିଶମ ବିଭାଗକୁ କବର ଦେଇଥିଲେ । ତେବେ ଗାଡି ନିକଟରେ ପେଟ୍ରୋଲ ବୋତଲ ଓ କିଛି କାଗଜ ଗୁଣ୍ଡ ପଡିଥିବା ଦେଖା ଯାଇଥିଲା । ତେବେ ଜଣେ ନିଲମ୍ବିତ ବିବାଦୀୟ ମୌଲବୀଙ୍କ ଘଟଣାକୁ ନେଇ ଏହି ଅଗ୍ନିକାଣ୍ଡ ଘଟିଛି ବୋଲି ଘର ମାଲିକ ଲିଆକତ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଅର୍ଗ୍ନିକାଣ୍ଡର ତଦନ୍ତ କରାଯାଇଛି ।

## ବ୍ରାହ୍ମଣୀଗାଁ ଥାନା ଅଧିକାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣା : ୬ ଗିରଫ

କନ୍ଧମାଳ,୦୨।୧୧ (ନି.ପ୍ର): ବ୍ରାହ୍ମଣୀଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ଉପରେ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ପକ୍ଷରୁ ୬ ଜଣଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ମିଳିଛି । ଗତକାଲି ରାତିରେ ଥାନା ଅଧିକାରୀ ଏହି ଥାନା ଅନ୍ତର୍ଗତ ମେରାମାହା ଅଂଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ ପାଇଁ ଯାଇଥିବା ବେଳେ କିଛି ଲୋକ ତାଙ୍କୁ ସେଠାରେ ମିଳିତ ଭାବେ ଆକ୍ରମଣ କରିଥିଲେ । ପୋଲିସ ଗାଡିକୁ ଭଙ୍ଗାରୁଜା କରିଥିଲେ । ଘଟଣାରେ ଥାନା ଅଧିକାରୀ ମଧ ସାମାନ୍ୟ ଆହତ ହୋଇଛନ୍ତି । ଘଟଣା ପରେ ସମ୍ପୃକ୍ତ ଅଂଚଳରେ ପୋଲିସର ସୁରକ୍ଷ । ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ଗିରଫଦାରୀ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇପଡିଛି ।

## ସହରର ରାସ୍ତା କଡରୁ ମହିଳାଙ୍କ ମୃତଦେହ ଠାବ

କେନ୍ଦୁଝର,୦୨।୧୧ (ନି.ପ୍ର): କେନ୍ଦୁଝର ସହରରେ ଆଜି ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ସକାଳୁ ସକାଳୁ ସହରର ବଡବିଲ ବସଷ୍ଟାଣ୍ଡ ନିକଟରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ସହରର ବଡବିଲ ବସଷ୍ଟାଣ୍ଡ ନିକଟରେ ରାସ୍ତା କଡରେ ରହିଥିବା ଛୋଟ ଛୋଟ ଗଛ ରହିଥିବା ନଟି ବୁଦାରେ ଏହି ମହିଳାଙ୍କ ମୃତଦେହ ପଡି ରହିଥିବା ଠାବ କରାଯାଇଥିଲା । ସ୍ଥାନୀୟ ଲୋକମାନେ ଆଜି ସକାଳେ ଦେଖିବାକୁ ପାଇଥିଲେ । ମହିଳାଙ୍କ ପରିଚୟ ଜଣା ପଡି ନଥିବା ବେଳେ ମୃତ୍ୟୁର କାରଣ ମଧ ଅସ୍ୱଷ୍ଟ ରହିଛି । ମହିଳା ଜଣକ କେଉଁ ଅଂଚଳର, ଏଠାକୁ କିପରି ଆସିଲେ କିମ୍ବା କେହି ତାଙ୍କୁ ହତ୍ୟା କରିବା ପରେ ଠୋରେ ଫୋପାଡି ଦେଇ ଚାଲି ଯାଇଛି ତାହା ସନ୍ଦେହ ଘେରରେ ରହିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହ ଜବଦ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ମୃତ୍ୟର କାରଣ ଖୋଜିବା ଆରମ୍ଭ କରିଛି ।

## କେନ୍ଦୁଝର ସଦର ରେଞ୍ଜକୁ ଧସେଇ ପଶିଲେ ଝାରଖଣ୍ଡି ହାତୀ ପଲ: ଏକାଧିକ ଗାଁରେ ପଶି ସୃଷ୍ଟି କଲେ ଆତଙ୍କରାଜ

କେନ୍ଦୁଝର,୦୨।୧୧ (ନି.ପ୍ର): କେନ୍ଦୁଝରରେ ଗଜରାଜଙ୍କ ଗୁଣ୍ଡାରାଜ । କେନ୍ଦୁଝରର ସଦର ରେଞ୍ଜକୁ ଧସେଇ ପଶିଛନ୍ତି ୧୩ ଟିକିଆ ଝାରଖଣ୍ଡି ହାତୀ ପଲ । ଏହି ହାତୀ ପଲ ରେ ଅଛନ୍ତି ଚାରୋଟି ଦନ୍ତା ଏବଂ ୬ ଟି ମାଈ ହାତୀ ସହ ତିନୋଟି ଛୋଟ ଛୁଆ ହାତୀ । ଗତକାଲି ତଥା ଶନିବାର ରାତିରେ ଏହି ହାତୀ ପଲ ସଦର ରେଞ୍ଜ୍ ର ହରିହରପୁର ଓ ବାଘୁଆ ସାହୀ ବାଟେ ହୋଇ ଆସି କେରୀ ଗାଁକୁ ଧସେଇ ପଶିବା ସହ ଗ୍ରାମ ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି । ଏହି ହାତୀ ପଲ ଗତ ପ୍ରାୟ ଦୁଇ ମାସରୁ ଉର୍ଦ୍ଧ ସମୟ ହେବ ହରିହରପୁର, ଡାବରଚୁଆ, ନୂଆଗାଁ, କ୍ଷୀରେଇଟାଙ୍ଗରୀ ଓ ମଇଦାଲକେଲ ଆଦି ଗାଁ ର ବିଲକୁ ଧସେଇ ପଶିବା ସହ ଏକର ଏକର ଚାଷ ଜମିର ଧାନ ଫସଲ ଓ ପନିପରିବା ଖାଇ ଯିବା ସହ ପାଦରେ ଦଳି ଚକଟି ନଷ୍ଟ କରି ପକାଉଛନ୍ତି । ବନ ବିଭାଗ ପକ୍ଷରୁ ହାତୀ ପଲଙ୍କ ଉପରେ କଡା ନଜର ରଖାଯାଉଥିବା କୁହାଯାଇଛି । ବିଭାଗୀୟ କର୍ମଚାରୀ ଓ ଗ୍ରାମ ଲୋକେ ହାତୀ ତଡିବାକୁ ଚେଷ୍ଟା କରି ସୁଦ୍ଧା ବିଫଳ ହୋଇଛନ୍ତି । କିନ୍ତୁ ହାତୀକୁ ତଡିବା ବେଳେ ହାତୀ ମଧ ସ୍ୱାଭାବିକ ହିଂସ୍ର ହୋଇ ଲୋକଙ୍କୁ ମାରିବାକୁ ଗୋଡାଉଛି । ଏହି ଝାରଖଣ୍ଡି ହାତୀ ପଲ ଏବେ କେରୀ ଗ୍ରାମ ନିକଟରେ ଥିବା ଶିବ ମନ୍ଦିର ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି । ଫଳରେ ଏହାର ଆଖପାଖ ଗ୍ରାମର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ହଜାର ହଜାର ସଂଖ୍ୟା ରେ ଲୋକେ ହାତୀପଲଙ୍କୁ ଚାରିଆଡୁ ଘେରି ରହିଛନ୍ତି । ଏହି ହାତୀ ପଲ ଗତ କିଛି ଦିନ ହେବ ସଦର , ଚମ୍ପୁଆ ଓ ପାଟଣା ରେଞ୍ଜ ର ବିଭିନ୍ନ ଗାଁରେ ପଶି ଆତଙ୍କ ଖେଳାଉଥିଲେ ଓ ଗତ କିଛି ଦିନ ହେବ ସଦର ରେଞ୍ଜକୁ ଧସେଇ ପଶି ଆତଙ୍କ ସୃଷ୍ଟି କରି ଚାଲିଛନ୍ତି । ସେପଟେ ବନ ବିଭାଗ ହାତୀ ପଲଙ୍କ ଉପରେ ନଜର ରଖିବା ସହ ହାତୀ ପଲ ଙ୍କୁ ଗ୍ରାମ ଠାରୁ ଦୂରେଇ ରଖିବାକୁ ଚେଷ୍ଟା ଜାରି ରଖିଛନ୍ତି । ତା ସହ ଲୋକ ମାନେ ମଧ ହାତୀଙ୍କୁ ଟେକା ପଥର ନମାରି ଉତେଜିତ ନ କରିବାକୁ ବନ ବିଭାଗ ଲୋକଙ୍କୁ ସଚେତନ କରାଯାଉଛି ।

## ସମ୍ବଲପୁର ମଣ୍ଡଳରେ ତରେକେଲା - ଲାଖନ ସେକ୍ସନରେ ସୁରକ୍ଷା ଜନିତ ଆଧୁନିକୀ-କରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବା ବାତିଲ ଓ ଗନ୍ତବ୍ୟ ସ୍ଥଳ ପୂର୍ବରୁ ବାତିଲ

ସମ୍ବଲପୁର,୦୨।୧୧ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳର ଟିଟିଲାଗଡ଼-ରାୟପୁର ସେକ୍ସନ୍ ମଧ୍ୟରେ ତୁରେକେଲା-ହରିଶଙ୍କର-ଲାଖନା ସେକସନରେ ସୁରକ୍ଷା ଜନିତ ଆଧୁନିକୀକରଣ କାର୍ଯ୍ୟ ଓ ଦୋହରୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସଂଖ୍ୟା ୦୨୯୭ ବିଶାଖାପାଟନମ୍-ନିଜାମୁଦ୍ଦିନ୍ ସ୍ପେଶାଲ ଏକ୍ସପ୍ରେସ୍ ଆସନ୍ତା ୩.୧୧.୨୦୨୦ରୁ ୮.୧୧.୨୦୨୦ ମଧ୍ୟରେ ବାତିଲ ରହିବ । ସେହିପରି ଟ୍ରେନ୍ ସଂଖ୍ୟା ୦୨୩୮ ନିଜାମୁଦ୍ଦିନ୍-ବିଶାଖାପାଟନମ୍ ସ୍ପେଶାଲ ଏକ୍ସପ୍ରେସ୍ ଆସନ୍ତା ୨.୧୧.୨୦୨୦ରୁ ୭.୧୧.୨୦୨୦ ମଧ୍ୟରେ ବାତିଲ ରହିବ । ଟ୍ରେନ୍ ସଂଖ୍ୟା ୦୮୪୨୫ ପୁରୀ-ଦୁର୍ଗ ସ୍ପେଶାଲ ଏସ୍କପ୍ରେସ୍ ୨.୧୧.୨୦୨୦ ରୁ ୮.୧୧.୨୦୨୦ ମଧ୍ୟରେ ଟିଟିଲାଗଡ଼ ପର୍ଯ୍ୟନ୍ତ ଚଳାଚଳ କରିବ । ସେହିପରି ୦୮୪୨୬ ଦୁର୍ଗ-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ ୩.୧୧.୨୦୨୦ ରୁ ୯.୧୧.୨୦୨୦ ମଧ୍ୟରେ ଟିଟିଲାଗଡ଼ରୁ ପୁରୀ ଅଭିମୁଖେ ଯାତ୍ରା କରିବ । ୦୮୪୨୫ ଓ ୦୮୪୨୬ ସ୍ପେଶାଲ ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱୟ ଉଭୟ ପାର୍ଶ୍ୱକୁ ଟିଟିଲାଗଡ଼ ଦୁର୍ଗ ମଧ୍ୟରେ ୧୩.୧୧.୨୦୨୦ ରୁ ୧୯.୧୧.୨୦୨୦ ମଧ୍ୟରେ ବାତିଲ ରହିବ ବୋଲି ସ୍ଥିର କରାଯାଇଛି ।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୯ ଟି ମାମଲା, ୮୨ଗିରଫ

ଭୁବନେଶ୍ୱର,୨ା୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୯ ଟି ମାମଲା ରୁଜୁ ହୋଇଛି । ଏହି ସମୟ ମଧ୍ୟରେ ୮୨ ଜଣ ଗିରଫ ହୋଇଛନ୍ତି । ୬୫୧ ଟି ବାହନକୁ ଜବତ କରା ଯାଇଛି । ୧୮,୮୦,୬୫୦ଜୋରିମାନା ଆକାରରେ ଆଦାୟ କରା ଯାଇଛି । ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ଡେଲାଙ୍ଗରେ ଦୁର୍ନୀତି ନିବାରଣ ସଚେତନତା ଅଭିଯାନ




ଡେଲାଙ୍ଗ,୨ା୧୧ (ନି.ପ୍ର): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଅଗ୍ରଣୀ ମିଡିଆ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡିଆ ପରିବାର ପକ୍ଷ୍ୟରୁ ଦୁର୍ନୀତି ନିବାରଣ ସଚେତନତା ଅଭିଯାନ-୨୦୨୦ ରାଧାମୋହନ ଦେବ ଉଚ୍ଚ ବିଦ୍ୟାପୀଠ, ଗଙ୍ଗପୁରପାଟଣା ପରିସରରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ବିଶ୍ୱ ମହାମାରୀ କରୋନା ସଂକ୍ରମଣରେ ମୃତ୍ୟୁ ବରଣ କରିଥିବା କରୋନା ଯୋଦ୍ଧା, ସାମ୍ବାଦିକ, ପ୍ରଶାସକ, ପୋଲିସ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନାଓାଡି କର୍ମୀ,ଆଶାଦିଦି ଓ ଜନସାଧାରଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା । ସମସ୍ତ ପ୍ରକାର କୋଭିଡ ନିୟମ ପାଳନ କରି ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସଂଜୟ କୁମାର ଦାସ, ଘୋରଡିଆ ନୋଡାଲ ହାଇ ସ୍କୁଲ ର ପ୍ରଧାନ ସୁଦର୍ଶନ ପରିଡା,କୃପାସିନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବିଡିପୁର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପଲେଇ,କ୍ରିଡାଶିକ୍ଷକ ଆର୍ତ୍ତତ୍ରାଣ ମହାନ୍ତି,ଗୋପବନ୍ଧୁ ସାସମଲ ପମୁଖ ଅତିଥିମାନେ ଯୋଗ ଦେଇ ସମସ୍ତେ ଦୁର୍ନୀତି ବିରୋଧରେ ସ୍ୱରଉତୋଳନ କରି ଏକ ସୁସ୍ଥ,ସ୍ୱଚ୍ଛ.ସୁନ୍ଦର ଓ ବିକାଶଶୀଳ ଭାରତ ରାଷ୍ଟ୍ର ଗଠନ କରିବାକୁ ପରମର୍ଶ ଦେଇଥିଲେ । ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡିଆ ,ଦୁର୍ନୀତି କରିବା ନାହିଁ କି ଦୁର୍ନୀତି କୁ ପ୍ରଶୟ ଦେବା ନାହିଁ ଏବଂ ସ୍ୱଚ୍ଛତା ରକ୍ଷା କରିବା ନେଇ ସମସ୍ତଙ୍କୁ ଶପଥ ପାଠ କରାଇବା ସହ ଦୁନର୍ଫାତି ହଟାଅ ଦେଶ ବଚାଅ ବୋଲି ଆହ୍ୱନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଚିତରଂଜନ ଜେନା, ବିନୟ ଭୁଷଣ ମିଶ୍ର, ପବିତ୍ର ମୋହନ ସାହୁ,ରବିନ୍ଦ୍ର ସାହୁ,ଆଲୋକ ହରିଚନ୍ଦନ ଗଦାଧର ଛୋଟରାୟ,ବାବୁରାମ ଦାସ,ସମେତ କିଛି ସ୍ୱେଚ୍ଛାସେବୀ ଏବଂ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ପରିଶେଷରେ ସାମାଜିକ କର୍ମୀ ବେଣୁଧର ମଙ୍ଗରାଜ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜ...

'ପଥର ଖସୁଛି ବଡ଼ ଦେଉଳୁ', 'ସାଗର ଗଙ୍ଗା', 'ରୂପା ଗାଁର ସୁନାକନିଆଁ', 'ଲକ୍ଷ୍ମୀର ଅଭିସାର', 'ସତମିଛ', 'ସିଂହବାହିନୀ', 'ହରି ଭାଇ ହାରେନା' ଏବଂ 'ଜୀବନ ମୃତ୍ୟୁ'। ଏହାଛଡ଼ା 'ଏଇ ଆମ ସଂସାର' ଓ 'ଜଗା ହାତରେ ପଘା' ଭଳି ସିନେମାର ସିନେମାଟୋଗ୍ରାଫର୍ ଦାୟିତ୍ୱ ନେଇଥିଲେ ରାଜୁ ମିଶ୍ର। ସଙ୍ଗୀତକାର ଭାବେ ସେ 'ଉଲକା', 'ସତମିଛ' ଓ 'ରୂପା ଗାଁର ସୁନାକନିଆଁ' ଆଦି ସିନେମାରେ ସ୍ୱରସଂଯୋଜନା କରିଥିଲେ। ସେ କେତୋଟି ଓଡ଼ିଆ ମେଗା ଧାରାବାହିକର ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ। ରାଜୁ ମିଶ୍ର ନିକଟରେ ସୁଟିଂ ସରିଥିବା ଓଡ଼ିଆ ଛବି 'କୋଟିଏରେ ଗୋଟିଏ ମନ'ର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଲେଖିବା ସହିତ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ବି ଦେଇଥିଲେ। ଖାଲି ସେତିକି ନୁହେଁ ସେ ଏହାର ଚିତ୍ରୋତଳନ ଦାୟିତ୍ୱ ବି ବହନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସାମଗ୍ରିକ ଅବଦାନ ଲାଗି ତାଙ୍କୁ ରାଜ୍ୟ ସରକାର ଚଳଚ୍ଚିତ୍ର କ୍ଷେତ୍ରର ସର୍ବୋଚ୍ଚ ପୁରସ୍କାର 'ଜୟଦେବ ସମ୍ମାନ'ରେ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ଏକାଧିକ ବାର ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ଚିତ୍ରୋତଳକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପାଇଛନ୍ତି।

# ତିର୍ତୋଲ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଆଜି

ଜଗତସିଂହପୁର, ୨ ନଭେମ୍ବର (ହି.ସ.)- ଆସନ୍ତା କାଲି ତିର୍ତୋଲ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ । ଏନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଭୋଟ୍ ଦାନ ନିମନ୍ତେ ମୋଟ୍ ୩୭୩ ଟି ବୁଥ୍ ରହିଛି । ତନ୍ମଧ୍ୟରୁ ୧୫୧ଟି ବୁଥ୍ ସମ୍ବେଦନଶୀଳ ରହିଛି । ପୋଲିସ ପ୍ରଶାସନ ଏହା ଉପରେ ମଧ କଡ଼ା ନଜର ରଖିଛି । କିପରି ଶୃଙ୍ଖଳିତ ଭୋଟ୍ ଗ୍ରହଣ ସାଙ୍ଗକୁ କୋଭିଡ୍ କଟକଣାକୁ ପାଳନ କରାଯିବ ସେନେଇ ପ୍ରଶାସନ ତତ୍ପର ହୋଇଉଠିଛି । ମତଦାନକୁ ପରିଚାଳନା ନିମନ୍ତେ ବିଭିନ୍ନ ବୁଥରେ ୪୦ ଜଣ ମାଇକ୍ରୋ ଅବଜରଭର ଓ ପ୍ରତ୍ୟେକ ବୁଥରେ ଜଣେ ଜଣେ ଆଶା କର୍ମୀ ଓ ସ୍ୱେଚ୍ଛାସେବୀ ରହିବେ । ଏହିପରି ମୋଟ୍ ୮୦୦ ଜଣଙ୍କୁ ନିୟୋଜିତ କରାଯାଇଛି । ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ଫୋର୍ସ ମୁତୟନ ରହିବେ । ପୋଲିସର ବରିଷ୍ଠ ଅଧିକାରୀ ଓ ମାଜିଷ୍ଟ୍ରେଟ୍ ଏହାର ତଦାରଖ କରିବେ ।

## ରାସ୍ତା ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର : ବାଲେଶ୍ୱର ସ୍ଥାନାନ୍ତର

ଜଳେଶ୍ୱର, ୨/୧୧ (ନିପ୍ର) : ଗତକାଲି ରାତ୍ରିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇ ବାଲେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ଢାପୁଆ ଅଂଚଳର ଅମରେଶ ପରିଡା ନାମକ ଜଣେ ଅବସରପ୍ରାପ୍ତ କର୍ମଚାରୀ ନିଜ ଡବ୍ଲୁ-୩୪ଏନ୍-୫୦୦୪ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଏଲ୍ଆଇସି ଅଫିସ୍ ସମ୍ମୁଖରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ସେ ଚେତାଶୂନ୍ୟ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ତାଙ୍କୁ ଜିକେ ଭଟ୍ଟର ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଇ ଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବିଭିନ୍ନ ସମୟରେ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ପୁଲିସ୍ ପେଟ୍ରୋଲିଂକୁ କଡାକଡି କରାଯିବାକୁ ସାଧାରଣରେ ଦାବି ହେଉଛି ।

# ବିଏସଏନଏଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର,୨ା୧୧ (ନି.ପ୍ର): ସ୍ଥାନୀୟ ବିଏସଏନଏଲ ଭବନ ପରିସରରେ ବିଏସଏନଏଲ, ଓଡ଼ିଶା ସର୍କଲ ପକ୍ଷରୁ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳିତ ହୋଇଯାଇଛି। ଏହି ଅବସରରେ ବିଏସଏନଏଲର ମୁଖ୍ୟ ମହାପ୍ରବନ୍ଧକ ଡ. ଉଦୟ ଶଙ୍କର ପଣ୍ଡା ଯୋଗ ଦେଇ ସମସ୍ତ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ଲାଗି ଶପଥ ପାଠ କରାଇଥିଲେ। ଏହି ଉପଲକ୍ଷେ ବିଏସଏନଏଲ କର୍ମଚାରୀମାନଙ୍କ ମଧ୍ୟରେ ସମ୍ମିଳନୀ କକ୍ଷ ପରିସରରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ସତର୍କ ଭାରତ, ସମୃଦ୍ଧ ଭାରତ'। ଶେଷରେ ଅପରାହ୍ଣରେ ଆୟୋଜିତ ଉଦଯାପନୀ ସମାରୋହରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ସର୍କଲ ଉପମହାପ୍ରବନ୍ଧକ (ଭିଜିଲାନ୍ସ) କାର୍ତ୍ତିକ ଚରଣ ପତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଡିଜିଏମ (କୋର-ଏନ/ଡବ୍ଲୁ) ଶ୍ରୀମତୀ ଅଲିଭା ମହାପାତ୍ର ପ୍ରଥମ ପୁରସ୍କାର, ଡିଜିଏମ (ଏସଆଣ୍ଡପି) ଶୈଳେଶ ମହାପାତ୍ର ଦ୍ୱିତୀୟ ପୁରସ୍କାର ଏବଂ ଏଓ (ସିଏସସି) ଅପ୍ରମେୟ କର ତୃତୀୟ ପୁରସ୍କାର ହାସଲ କରିଥିଲେ।

# ଭୁବନେଶ୍ୱରରେ ସାଇବର କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ ପୋଲିସ ମହା ନିର୍ଦ୍ଦେଶକ

## ସାଇବର ଅପରାଧ ମୁକାବିଲା ଆମ ପାଇଁ ଚ୍ୟାଲେଞ୍ଜ: ଅଭୟ

ଭୁବନେଶ୍ୱର,୨ା୧୧ (ନି.ପ୍ର): ଓଡିଶା ପୋଲିସର ମହା ନିର୍ଦ୍ଦେଶକ ଅଭୟ ସୋମବାର ଦିନ ଭୁବନେଶ୍ୱରରେ ନବନିର୍ମିତ ସାଇବର କମ୍ପ୍ଲେକ୍ସକୁ ଉଦଘାଟନ କରିଛନ୍ତି । କଟକରେ ଅବସ୍ଥାପିତ ସାଇବର ଥାନା ଏବେ ଏଠାରେ ଚାଲିବ । ଏହି ଅବସରରେ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଗଣମାଧମକୁ ସୂଚନା ଦେଇ କହିଛନ୍ତି, ସାଇବର ଅପରାଧ ମୁକାବିଲା ଏବେ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ । ସେ କହିଛନ୍ତି ଯେ ରାଜ୍ୟରେ ଯେଉଁଭଳି ସାଇବର୍ ଅପରାଧ ହେଉଛି ତାହାର ମୁକାବିଲା ଲାଗି ପୁଲିସ କର୍ମଚାରୀଙ୍କର ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି । ସେ କହିଛନ୍ତି ଯେ ଅନ୍ତତଃ ଗୋଟିଏ ଥାନାରେ ଜଣେ କର୍ମଚାରୀ ସାଇବର ଅପରାଧର ତଦନ୍ତ କରିବାକୁ ଯେପରି ସକ୍ଷମ ହେବେ ତାହା ଉପରେ ଧ୍ୟାନ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ପୁଲିସ କର୍ମଚାରୀଙ୍କ ତାଲିମ ପାଇଁ ଜାତୀୟ ପୁଲିସ ଏକାଡେମି ସହ ଆଲୋଚନା ହୋଇଛି । ଜାତୀୟ ପୁଲିସ ଏକାଡେମିରେ ଥିବା ନ୍ୟାସନାଲ୍ ଡିଜିଟାଲ୍ କ୍ରାଇମ୍ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ ସେଂଟର(ଏନଡିସିଆରଟିସି) ପକ୍ଷରୁ ଏହି ତାଲିମ ପ୍ରଦାନ କରାଯିବ । ୮ଟି ପର୍ଯ୍ୟାୟରେ ତାଲିମ ଦିଆଯିବାକୁ ଲକ୍ଷ ରଖାଯାଇଛି ବୋଲି ପୁଲିସ ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଅନେକ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଦୋକାନ ବଜାର ସମ୍ମୁଖରେ ସାମାଜିକ ଦୂରତାକୁ ଖୋଲାଖୋଲି ଉଲଂଘନ

ପୁରୀ,୨ା୧୧ (ନି.ପ୍ର): ଅନଲକ୍-୫ ଖୋଲିଯିବା ପରେ କରୋନା କଟକଣାକୁ ହାଲୁକା କରିଥିବା ଯୋଗୁଁ ସହରରେ କରୋନା କଟକଣାକୁ ଲୋକମାନେ ସଠିକ ଭାବେ ପାଳନ କରୁନଥିବା ଦେଖାଯାଏ। ପ୍ରତ୍ୟେକ ବ୍ୟକ୍ତି ମାସ୍କ ପିନ୍ଧିବା ଓ ସାମାଜିକ ଦୂରତାା ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲେ ମଧ ସହରରେ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ, ଦୋକାନ ବଜାର, ପରିବା ମାର୍କେଟ, ମାଛ ମାର୍କେଟ ଆଦିକୁ ଆସୁଥିବା ଗ୍ରାହକମାନେ ସାମାଜିକ ଦୂରତା ରକ୍ଷା କରୁନଥିବା ଦେଖାଯାଏ। ସେହିପରି ଅଧିକାଂଶ ଲୋକ ମାସ୍କ ମଧ ବ୍ୟବହାର ନ କରି ଗହଳି ସ୍ଥାନରେ ବୁଲୁଥିବା ଦେଖାଯାଉଛି। କେତେକ ବ୍ୟକ୍ତି ମାସ୍କକୁ ନାମକୁ ମାତ୍ର ନାକ ତଳେ ଲଗାଇ ଯାଉଥିବା ଦେଖାଯାଏ। ସେହିପରି ସହରକୁ ବିଶେଷ ପର୍ଯ୍ୟଟକ ନ ଆସିଥିଲେ ମଧ ବେଳାଭୂମିରେ ଗହଳି ଚହଳି ଆରମ୍ଭ ହୋଇଯାଇଛି। ଏବଂ ବେଳାଭୂମିରେ ଚୌକି ପକାଇବା ଓ ରଙ୍ଗ ବେରଙ୍ଗର ଛତା ଲଗାଇ ଲୋକମାନଙ୍କ ଠାରୁ ପଇସା ଆଦାୟ କରି ବସାଉଥିବା ମଧ ଅଭିଯୋଗ ହେଉଛି। ମାଳ ମାଳ ଛତା ଓ ଚୌକି ପକା ଯାଉଥିବା ଯୋଗୁଁ ବେଳାଭୂମି ନିକଟରେ ଛିଡ଼ା ହୋଇ ପର୍ଯ୍ୟଟକମାନେ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବେଳାଭୂମିରେ ମଧ ଲୋକମାନେ ଦଳ ଦଳ ହୋଇ ଏକତ୍ରିତ ବୁଲୁଥିବା ଦେଖାଯାଉଛି। ଆସନ୍ତା ଶୀତ ସମୟରେ ସଂକ୍ରମଣର ଅଧିକ ଆଶଙ୍କା ଥିବା ଡାକ୍ତରମାନେ ପରାମର୍ଶ ଦେଉଥିଲେ ମଧ ସାଧାରଣ ଲୋକ ଉକ୍ତ ପରାମର୍ଶ ପ୍ରତି ସଚେତନ ଦେଉନଥିବା ଦେଖାଯାଏ। ବର୍ତ୍ତମାନ ପୁରୀ ଜିଲ୍ଲାରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିବା ମଧ ଲକ୍ଷ୍ୟ କରାଯାଇଛି। କିନ୍ତୁ ଯଦି ଲୋକମାନଙ୍କ ମଧରେ ସଚେତନତା ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ଏହା ନିଶ୍ଚିତ ଭାବେ ଜନସାଧାରଣଙ୍କ ପାଇଁ ଦୁଃଖଦାୟକ ହେବ ତାହା କୁହାଯାଇନପାରେ। ଜିଲ୍ଲା ପ୍ରଶାସନ ବିଭିନ୍ନ ଗହଳି ସ୍ଥାନଗୁଡ଼ିକରେ ଲୋକମାନଙ୍କ ମଧରେ ଅଧିକ ସଚେତନତା ସୃଷ୍ଟି କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ସ୍ଥାନରେ ମାଳ ମାଳ ହୋଇ ଫାଷ୍ଟଫୁଡ଼ ଦୋକାନ ଓ ଠେଲା ଗାଡ଼ିଗୁଡ଼ିକରେ ଖାଦ୍ୟପଦାର୍ଥ ବିକ୍ରି ହେଉଥିବା ମଧ ଦେଖାଯାଏ। ଦୋକାନଗୁଡ଼ିକ ସମ୍ମୁଖରେ ଅଧିକ ଲୋକଙ୍କୁ ଏକସଙ୍ଗେ ଏକତ୍ରିତ କରିବା ପାଇଁ ବାରଣ ରହିଥିଲେ ମଧ ତାହା ପାଳନ ହେଉନଥିବା ଅଭିଯୋଗ ହେଉଛି।

## ଡେଲାଙ୍ଗରେ ଆଜି ଜଣେ ପଜଟିଭ ଚିହ୍ନଟ

ଡେଲାଙ୍ଗ,୨ା୧୧ ,ଡେଲାଙ୍ଗ ରେ ଆଜି ଜଣେ କରୋନା ରେ ଆକ୍ରାନ୍ତ । ଅରିଶଲ ଗ୍ରାମର ଜଣେ କରୋନାରେ ସଂକ୍ରମିତ ହୋଇଥିବା ଜଣା ପଡିଛି ,ତାଙ୍କୁ ସ୍ୱଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେବା ପାଇଁ ପରାମର୍ଶ ଦିଆଯାଇଛି । ଆଜି ସୁଧା ଡେଲାଙ୍ଗ ବ୍ଲକରେ ସମୁଦାୟ ୬୮୮୮ଜଣଙ୍କ ସ୍ୱାବ ଟେଷ୍ଟ ପରିକ୍ଷା କରାଯାଇଛି, ସେଥିମଧ୍ୟରୁ ୩୬୦ ଜଣ କୋଭିଡରେ ଆକ୍ରାନ୍ତ ହୋଇଥିବା, ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବିପିଏମ ଦିଲ୍ଲିପ କୁମାର ପରିଡାଙ୍କ ଠାରୁ ସୂଚନା ମିଳିଛି ।

# ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗରେ ସଂସ୍କୃତି ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨ା୧୧ (ନି.ପ୍ର): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୁ ମିଶ୍ରଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଗଭୀର ଶୋକପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଏକ ଶୋକବାର୍ତ୍ତାରେ ସ୍ୱର୍ଗତ ମିଶ୍ରଙ୍କୁ ଜଣେ ଆଗଧାଡ଼ିର ଚଳଚ୍ଚିତ୍ର ନିର୍ଦ୍ଦେଶକ, ଅଭିନୟ କଳା ପ୍ରତି ଏକ ସମର୍ପିତ ପ୍ରତିଭା ଏବଂ ସୃଜନଶୀଳ ବ୍ୟକ୍ତିତ୍ୱର ଅଧିକାରୀ ବୋଲି କହିଛନ୍ତି । ପୁଅ ମୋର କଳା ଠାକୁର, ମମତା ମାଗେ ମୂଲ, ସାଗର ଗଙ୍ଗା, ସତମିଛ, ଉଲ୍‌କା, ପଥର ଖସୁଛି ବଡ଼ ଦେଉଳୁ, ରୂପା ଗାଆଁ ସୁନା କନିଆ ଭଳି ଅନେକ ଲୋକପ୍ରିୟ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇ ସେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଋଦ୍ଧିମନ୍ତ କରିପାରିଛନ୍ତି। ଏଥି ସହିତ ସଂସ୍କୃତି ବିଭାଗର ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାରରେ ତାଙ୍କୁ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ମାନିତ କରାଯାଇଛି । ତାଙ୍କର ବିୟୋଗ ସିନେମା ଜଗତ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ବିୟୋଗଜନିତ କ୍ଷତକୁ ସହ୍ୟ କରିବାକୁ ଈଶ୍ୱର ତାଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ।

# ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଡିଜିଟାଲ୍ ଉତ୍ପାଦନରେ କୃତ୍ରିମ ବୁଦ୍ଧି ଏବଂ ମେସିନ୍ ଲେରନିଂର ପ୍ରୟୋଗ ସମ୍ପର୍କରେ କର୍ମଶାଳା

ଗୁଣୁପୁର,୨ା୧୧ (ନି.ପ୍ର): ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ରେ ଡିଜିଟାଲ୍ ଉତ୍ପାଦନରେ କୃତ୍ରିମ ବୁଦ୍ଧି ଏବଂ ମେସିନ୍ ଲେରନିଂର ପ୍ରୟୋଗ ଉପରେ ଦୁଇ ସପ୍ତାହ ଅନଲାଇନ ଅଧ୍ୟାପକ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ ଆଜି ଅନ ଲାଇନ ମାଧ୍ୟମରେ ଉଦଘାଟନ ହୋଇଯାଇଛି। ଏ.ଆଇ.ସି.ଟି. ଇ, ନୂଆଦିଲ୍ଲୀ ଏବଂ ଜିଆଇ.ଇ.ଟି. ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକ ଇଂଜିନୀୟରିଂ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟର ପ୍ରତି-ଉପ କୁଳପତି ପ୍ରଫେସର ସୁରେଶ କୁମାର ଗର୍ଗ ଯୋଗ ଦେଇ ଶୁଭ ଉଦଘାଟନ କରି କୃତ୍ରିମ ବୁଦ୍ଧି ଏବଂ ମେସିନ୍ ଲେରନିଂର ଚାହିଦା ଓ ଉପଯୋଗିତା ବିଷୟରେ ଆଲୋକପାତ କରିଥଲେ। ଏଥିରେ ଜି ଆଇ.ଇ ଟି ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଗୌତମ ଘୋଷ, ରେଜିଷ୍ଟ୍ରାର ପ୍ରଫେସର ଏନ.ଭି. ଜେ. ରାଓ, ଡ଼ିନ ଏକାଡେମୀକ୍ସ ପ୍ରଫେସର ଏ. ଭି.ଏନ.ଏଲ.ଶର୍ମା,ଡିନ ଅନୁସନ୍ଧାନ ଏବଂ ବିକାଶ ଜେ.ବି. ଭି.ଶୁଭ୍ରମନ୍ୟମ, ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକ ବୃନ୍ଦ ଏବଂ ସର୍ବଭାରତୀୟ ସ୍ତରର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଏବଂ ଉଦ୍ୟଗରୁ ପାର୍ଥ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଯାନ୍ତ୍ରିକ ବିଭାଗର ପ୍ରଫେସର କାଳି ଚରଣ ରଥ ସଂଯୋଜନା କରିଥିଲେ।

# ସଙ୍ଗଠନର ମାର୍ଗଦର୍ଶକ ପ୍ରଦୀପ ଭାଇଙ୍କ ଶ୍ରଦ୍ଧାଞ୍ଜଳି ସଭା



ଗୁଣପୁର,୨ା୧୧ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଶିଶୁ ମନ୍ଦିର ଠାରେ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ଶତପଥୀଙ୍କ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଗୁଣପୁର ସହରର ବିଭିନ୍ନ ସଂଗଠନର ମାର୍ଗଦର୍ଶକ ପ୍ରଦୀପ ଶତପଥିଙ୍କ ବିୟୋଗ ଉଦ୍ଦ୍ୟେଶରେ ଶ୍ରଦ୍ଧାଳି ସଭା ଆୟୋଜିତ ହୋଇଯାଇଛି । ଗୋବର୍ଦ୍ଧନ ମଠ ପୁରୀ ପୀଠାଧିଶ୍ୱର ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ମହାରାଜଙ୍କ ନେତୃତ୍ୱରେ ପରିଚାଳିତ ଆଦିତ୍ୟ ବାହିନୀ ଦକ୍ଷିଣ ଓଡ଼ିଶାର ସଂଗଠନ ସଚିବ ଶ୍ରୀ ପ୍ରଦୀପ କୁମାର ଶତପଥୀଙ୍କ ଅକାଳ ବିୟୋଗ ସମଗ୍ର ଓଡ଼ିଶାର ପୀଠ ପରିଷଦ, ଆଦିତ୍ୟ ବାହିନୀ ତଥା ଆନନ୍ଦ ବାହିନୀର କାର୍ଯ୍ୟକର୍ତ୍ତାଙ୍କୁ ମର୍ମାହତ କରିଅଛି ।ସେ ମହାନ୍ ଆତ୍ମା ଏକାଧାରରେ ଧାର୍ମିକ, ଭଗବତ୍ ଭକ୍ତ, ସମାଜ ସେବୀ, ଜ୍ୟୋତିଷ ଶାସ୍ତ୍ର, ବିଶାରଦ, କୃଷି ବିଶାରଦ, ଶିକ୍ଷାବିତ୍, ତଥା ବରିଷ୍ଠ ସଂଗଠକ ଥିଲେ ।ମହର୍ଷି ଗୁରୁକୁଳ କଲେଜ୍ ଗୁଣପୁରର ପ୍ରତିଷ୍ଠିତ ସଦସ୍ୟ ଥିଲେ ।ତାଙ୍କ କାର୍ଯ୍ୟ କାଳ ସମୟରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଶତାଧିକ ଆଦିତ୍ୟ ବାହିନୀ ଶାଖା ଗ୍ରାମ ତଥା ନଗରାଞ୍ଚଳ ରେ ପ୍ରତିଷ୍ଠିତ ହୋଇଅଛି ।ବନବାସୀ କ୍ଷେତ୍ର କୁ ବାରମ୍ବାର ପ୍ରବାସ କରି ବନବାସୀ ଭାଇଭଉଣୀଙ୍କ ମଧ୍ୟରେ ସେବା ତଥା ଧାର୍ମିକ ଭାବନା ପ୍ରତିଷ୍ଠା କରିବା ନିମନ୍ତେ ଅନବରତ ପ୍ରୟାସ ଜାରି ରଖିଥିଲେ । ଶ୍ରଦ୍ଧାଳି ସଭାରେ ଆଦିତ୍ୟ ବାହିନୀର ତ୍ରିପଥୀ ମହାନ୍ତି, ସରସ୍ୱତୀ ଶିଶୁ ମନ୍ଦିରର ସୋମନାଥ ଗୌଡ, ପ୍ରଫୁଲ୍ଲ ଶତପଥି, ଆରଏସଏସର ପ୍ରଭାତ ମହାପାତ୍ର, ନନ୍ଦି ଚୌଧୁରୀ, ଅମ୍ବିକା ମହାପାତ୍ର, ସନ୍ତୋଷ ରଥ, ଦିଲୀପ ପଣ୍ଡା, ଏବିଭିପିର ଶେଷ ସାଇ ସେନାପତି, ଉମା ଶଙ୍କର ଦାସ, ଚିନ୍ମୟ ପାଣିଗ୍ରାହୀ, ବିଷ୍ଣୁ ଗୁରୁଙ୍କ ସମେତ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ରହି ଦିବଙ୍ଗତ ପ୍ରଦୀପ ଶତପଥୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ତୁତିଚାରଣ କରିଥିଲେ ।

# ଯୁକ୍ତ ୨ କଲେଜରେ ପାଠପଢା ଆରମ୍ଭ ନେଇ ଜିଲ୍ଲା ପ୍ରଶାସନ ଓ ଅଧକ୍ଷଙ୍କ ବୈଠକ



ଭଦ୍ରକ,୨ା୧୧(ହି.ସ): ରାଜ୍ୟ ସରକାର ଆଗାମୀ ୧୬ ତାରିଖରୁ ରାଜ୍ୟରେ ଥିବା ସ୍କୁଲ କଲେଜରେ ୯ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନିମିତ୍ତ ପାଠପଢା ଆରମ୍ଭ କରିବାକୁ ଚିନ୍ତା କରୁଥିବା ବେଳେ ଜିଲ୍ଲାରେ ଏହା କିପରି ସଫଳ ହୋଇ ପାରିବ ସେ ନେଇ ଜିଲ୍ଲାପାଳମାନେ ଏକ ଖସଡା ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାରେ ଥିବା ଯୁକ୍ତ ୨ କଲେଜ ଗୁଡିକରେ ପାଠପଢା ଆରମ୍ଭ କରିବାକୁ ଚିନ୍ତା ନେଇ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ ଆଜି ଯୁକ୍ତ ୨ କଲେଜର ଅଧକ୍ଷମାନଙ୍କ ସହ ଏକ ବୈଠକରେ ବିସ୍ତୃତ ଆଲୋଚନା କରିଥିଲେ। ପାଠପଢା ଆରମ୍ଭ କରିବାକୁ ସମସ୍ତ ଅଧକ୍ଷ ବୈଠକର ମତ ପ୍ରକାଶ କରିଥିଲେ। ଏ ନେଇ କଲେଜ ମାନଙ୍କରେ କୋବିଡ଼ ସୁରକ୍ଷା ବନ୍ଦୋବସ୍ତ କିପରି କରାଯିବ ସେ ନେଇ ଏକ ଖସଡା ପ୍ରସ୍ତୁତ କରି ଆସନ୍ତା ୭ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନକୁ ଦେବାକୁ ଜିଲ୍ଲାପାଳ ଡ. ଦାସ ଅଧକ୍ଷମାନଙ୍କୁ କହିଥିଲେ। କଲେଜ ଖୋଲିବା ପାଇଁ ହେଲେ ପ୍ରତିଟି କଲେଜର ପରିଚାଳନା ବିଭାଗ ଦ୍ୱାରା କଲେଜ ପରିସରକୁ ନିୟମିତ ବ୍ୟବଧାନରେ ସାନିଟାଇଜ କରିବେ, ଛାତ୍ରଛାତ୍ରୀ କ୍ଲାସରୁମ୍‌ରେ ବସିବା ସମୟରେ ଯେପରି ସାମାଜିକ ଦୂରତ୍ୱ ବଜାୟ ରହିବ, କଲେଜ ହତା ମଧକୁ ପ୍ରବେଶ ସମୟରେ କୋବିଡ଼ ଗାଇଡ ଲାଇନ ଅନୁଯାୟୀ ସମସ୍ତଙ୍କ ଆନୁସଂଗିକ ପରୀକ୍ଷା କରାଯାଇ ପ୍ରବେଶ କରିବାକୁ ଦିଆଯିବ, ଏହାର ପରିଚାଳନା ପାଇଁ କଲେଜ ପକ୍ଷରୁ ଜଣଙ୍କୁ କୋବିଡ଼ ପରିଚାଳନା ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯିବ, କଲେଜ ମଧରେ ଛାତ୍ରଛାତ୍ର ଯେପରି ସାମାଜିକ ଦୂରତ୍ୱର ଉଲଂଘନ ନ କରନ୍ତି ସେଥିପ୍ରତି କଡା ନଜର ରଖାଯିବ, ପ୍ରତ୍ୟେକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ସମସ୍ତେ ବାଧ୍ୟତାମୂଳକ ଭାବେ ମାସ୍କ ପିନ୍ଧିବେ, କଲେଜ ପରିସର ଓ ଶ୍ରେଣୀଗୃହକୁ ସି.ସି.ଟି.ଭି. ପରିସରଭୁକ୍ତ କରାଯିବା ଆଦି ବିଭିନ୍ନ ଆନୁସଂଗିକ ପଦକ୍ଷେପ ଗୁଡିକ ବିଷୟରେ ଆଲୋଚନା କରିବା ସହ ଏହାର ପାଳନ ନିମନ୍ତେ କଲେଜ କିଭଳି ପଦକ୍ଷେପ ଗ୍ରହଣ କରିବ ସେ ବିଷୟରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବାକୁ ବୈଠକରେ ନିର୍ଦ୍ଦେଶ ଦିଆ ଯାଇଥିଲା। ଏପରିକି କୋବିଡ଼ ଆଇନର ଉଲଂଘନ ହେଲେ ସଂପୃକ୍ତ କଲେଜ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ଚେତାଇ ଦିଆଯାଇଥିଲା।

# ଶୈବପୀଠ ପଂଚଲିଙ୍ଗେଶ୍ୱର ସମେତ ସ୍ଥାନୀୟ ସମସ୍ୟାକୁ ନେଇ କମଳ ମହାପ୍ରଭୁଙ୍କ ନୀଳଗିରି ଉପ-ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା




ନୀଳଗିରି,୨ା୧୧ (ନି.ପ୍ର): ପଂଚଲିଙ୍ଗେଶ୍ୱର ସନାତନ ସଂଘର ବାବା ଶ୍ରୀ ଶ୍ରୀ କମଳ ମହାପ୍ରଭୁ ବିଭିନ୍ନ ଦାବୀ ନେଇ ନୀଳଗିରି ଉପ-ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ ବସିଛନ୍ତି । ବିଦୁ-ନୀଳଗିରି ରାସ୍ତାରେ ଚାଲୁଥିବା ପଥର ବୋଝେଇ ଟ୍ରକ୍ ଗୁଡ଼ିକୁ ବନ୍ଦ କରିବାନେଇ ଓଡ଼ିଶା ହାଇକୋର୍ଟର ଜନସ୍ୱାର୍ଥ ମାମଲାର ନିର୍ଦ୍ଦେଶନାମା ନଂ - ଡ.ଚ.(ଉ) ଘକ୍ଟ. - ୪୦୬୭, କୋର୍ଡ଼ ନଂ - ୨୧୯୯୦୦ ପି.ଆଇ.ଏଲ୍.କୁ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ଚିଠି ନଂ - ୬୨୮୩/୧୮୫/୨୦୧୮/ ଟି.ଏସ୍.ଏମ୍.ତା୨/୬/୧୮ମୂଳେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପଠାଯାଇଥିବା ଚିଠିକୁ ତୁରନ୍ତ ପଦକ୍ଷେପ ନେବା ,ପଂଚଲିଙ୍ଗେଶ୍ୱର ଶୈବପୀଠ ଠାରୁ ୩.୫କି.ମି. ଭିତରେ ଆମିଷ, ଧୂମ୍ରପାନ, ରାସାୟନିକ ଦ୍ରବ୍ୟ, ଜୀବହତ୍ୟା ଇତ୍ୟାଦି ବନ୍ଦ କରାଯିବା ସହିତ ଶୈବପୀଠରେ ପ୍ରେମୀ ଯୁଗଳଙ୍କ ପ୍ରବେଶକୁ ବାରଣ କରାଯାଉ । ଶୈବପୀଠ ପରିସରରେ ସି.ସି. କ୍ୟାମେରା ବ୍ୟବସ୍ଥା ସହିତ ଔପଦା ବ୍ଲକ୍‌ରେ ସପ୍ତାହକୁ ତିନି ଦିନ ପଂଚଲିଙ୍ଗେଶ୍ୱରରେ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ଓ ନୀଳଗିରି ଓ ଈଶ୍ୱରପୁର ଫାଣ୍ଡିର ପୋଲିସ୍‌ର ଦୁର୍ବ୍ୟବହାରକୁ ବନ୍ଦ କରାଯାଉ , ପଂଚଲିଙ୍ଗେଶ୍ୱର ଶୈବପୀଠରେ ସୁରକ୍ଷା ବ୍ୟବସ୍ଥା, ଗୋଚର ଜମିରେ ଥିବା ଶୂନ୍ୟମଣ୍ଡପକୁ କାହା ସ୍ୱାର୍ଥରେ ଭାଙ୍ଗି ଦିଆଗଲା ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ । ଏ ସମସ୍ତ ଦାବୀ ସମୂହର ଯଦି ସ୍ଥାନୀୟ ପ୍ରଶାସନ ଲିଖିତ ପ୍ରତିଶୃତି ନ ଦିଅନ୍ତି ତେବେ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ବାବା କମଳ ସୂଚନା ଦେଇଛନ୍ତି ।

# ଚିନ୍ତା-ସଂଶୟରେ ଦଳୀୟ ନେତା-କର୍ମୀ : ଶାନ୍ତ ମୁଦ୍ରାରେ ଭୋଟର

ବାଲେଶ୍ୱର,୨।୧୧(ନି.ପ୍ର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ମତଦାନ ଶେଷ ହେବାର ୪୮ଘଣ୍ଟା ପୂର୍ବରୁ ପ୍ରାର୍ଥୀ ଓ ରାଜନୈତିକ ଦଳମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ଆଜି ସକାଳଠାରୁ ଶାନ୍ତ ପରିବେଶ ଲକ୍ଷ୍ୟ କରାଯାଇଛି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ। ଦଳଲୀୟ ପ୍ରାର୍ଥୀଙ୍କ ପ୍ରଚାରରେ ସହଯୋଗ ପାଇଁ ନିର୍ବାଚନମଣ୍ଡଳୀରେ ଡେରା ପକାଇଥିବା ବିଭିନ୍ନ ଦଳର ଜିଲ୍ଲା ବାହାର ବରିଷ୍ଠ ନେତାମାନେ ବି ଅପସରି ଯାଇଛନ୍ତି। ଦଳୀୟ ରଜ୍ୟସ୍ତରୀୟ ନେତାମାନେ ଜିଲ୍ଲାର ନେତାଙ୍କ ସହ ଫୋନ୍ ଯୋଗେ ସମ୍ପର୍କ ରଖିବା ସହ କର୍ମୀମାନଙ୍କୁ ଭିତିରି କାର୍ଯ୍ୟରେ ନିୟୋଜିତ କରିଛନ୍ତି। ପଇନ୍ତରା ମାରୁଥିବା ପୁଲିସର ମୋବାଇଲ ଗାଡ଼ିକୁ ଟିକେ ଜଗିଛକି ବିଭିନ୍ନ ଦଳର କର୍ମୀମାନେ ଦଳୀୟ ନେତାଙ୍କ ନିର୍ଦ୍ଦେଶ କ୍ରମେ ନିଜ ନିଜର କାର୍ଯ୍ୟ ଜାରି ରଖିଥିବା ଲକ୍ଷ୍ୟ କରାଯାଇଛି। ତେବେ ଆଜି ସଂଧ୍ୟାଠାରୁ ସମଗ୍ର ନିର୍ବାଚନମଣ୍ଡଳୀରେ ସୃଷ୍ଟି ହୋଇଥିବା ଅତ୍ୟନ୍ତ ଶାନ୍ତ ପରିବେଶକୁ ନେଇ ଉଠିଛି ପ୍ରଶ୍ନବାଚୀ। ବିଭିନ୍ନ ଦଳର ନେତାଙ୍କଠାରୁ କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ ତଥା ଶଙ୍କିତ ଥିବା ଭଳି ପରିଲକ୍ଷିତ ହେଉଛି। ଚଳିତ ବାଲେଶ୍ୱର ଉପ-ନିର୍ବାଚନରେ ମୁଖ୍ୟତଃ ବିଜେପି ଓ ବିଜେଡି ମଧ୍ୟରେ ସିଧା ସଳଖ ଲଢ଼େଇ ହେଉଥିଲେ ବି କଂଗ୍ରେସ ସପକ୍ଷ ମତଦାନ ହାର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସ୍ପଷ୍ଟ ହୋଇଛି। ଏଭଳି ସ୍ଥିତିରେ ୨୦ ଦିନ ଧରି ପ୍ରଚାର ସାଙ୍ଗକୁ ଭୋଟର, କର୍ମୀ ଓ ଛାମୁଆଙ୍କୁ ବୁଝାଇବା ପରେ ବି ଉଭୟ ବିଜେପି ଓ ବିଜେଡିର ନେତାଙ୍କ ମନରେ ବିଜୟ-ପରାଜୟ ନେଇ ସ୍ଥିରତା ଆସି ପାରିନାହିଁ। ବିଶେଷ କରି ବିଜେପି ନେତାମାନେ ଚିନ୍ତିତ ଥିବା ବେଳେ ବିଜେଡି ନେତାଙ୍କଠାରେ ସଂଶୟତା ବାରି ହୋଇପଡୁଛି। ଅନ୍ୟପକ୍ଷରେ ଉଭୟ ଦଳର କର୍ମୀ ଓ ନେତାଙ୍କୁ ହଁ ଭରିଥିବା ଭୋଟର ବାପୁଡ଼ା ଆସନ୍ତାକାଲିର ସକାଳ ଅପେକ୍ଷାରେ ଶାନ୍ତି ମୁଦ୍ରାରେ ରହିଥିବା କୁହାଯାଉଛି।

## ନିଶା ଔଷଧ ଚାଲାଣ କରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ



ପୁରୀ,୨।୧୧ (ନି.ପ୍ର): ବେଆଇନ ଭାବେ ନିଶା ଔଷଧ ଚାଲାଣ କରୁଥିବା ଖବରପାଇ ସମୁଦ୍ରକୂଳ ଥାନା ପୁଲିସ ଗୋଟିଏ ଗାଡ଼ି ସହ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୬୪୦ ବୋତଲ କଫ ସିରପ ଜବତ କରାଯାଇଛି।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୫,୨୩୦ ନୂଆ ମାମଲା, ୪୯୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୦୨ ନଭେମ୍ବର (ହି.ସ.) - ଦେଶରେ ଗତ ୨୪ଘଂଟା ମଧରେ ୪୫,୨୩୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୪୯୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୨,୨୯,୩୧୩ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୬୧,୯୦୮ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୨୨,୬୦୭. ଜଣ ମୃତ୍ୟୁ ବରଣ କରିଛନ୍ତି ।

## ବ୍ରାଉନ୍‌ସୁଗର କାରବାରେ ଏସ୍‌ଟିଏଫ ଟମ୍ ଉଠାଇନେଲା ଜଳେଶ୍ୱରର ୮ ଅଭିଯୁକ୍ତଙ୍କୁ

ଜଳେଶ୍ୱର, ୨/୧୧ (ନିପ୍ର) : ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱରକୁ ରାଜ୍ୟ ବାହାରୁ ବ୍ରାଉନ୍‌ସୁଗର ଆସିବା ଓ ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ରାଉନ୍‌ସୁଗର ପଠାଯାଇ ଆସୁଥିବାରୁ ଏସ୍‌ଟିଏଫ ଏହାକୁ ମୂଳପୋଛ କରିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ଏହି କାରବାରେ ସଂପୃକ୍ତ ଥିବା ଜଳେଶ୍ୱରର ୮ଜଣ ଚୋରା ବ୍ୟବସାୟୀଙ୍କୁ ସୋମବାର ଭୋର ସମୟରେ ଭୁବନେଶ୍ୱର ଓ ପୁରୀର ଏକ ୭ଜଣିଆ ଏସ୍‌ଟିଏଫ ଟିମ୍ ଜଳେଶ୍ୱର ପୋଲିସ୍ ସହାୟତାରେ ଉଠାଇ ନେଇଥିବା ଜଣାଯାଇଛି । ସେମାନେ ହେଲେ ଶାସନବାର୍ଡର ମୀର ସାହତ ଅଲ୍ଲି ଓରଫ ମୁନା, ଓ ତାର ପୁଅ, ସେକ୍‌ବାର୍ଡର ସେକ୍ ସାହାତୁଲ୍ଲା ଓରଫ କାଲା ଓ ସେକ୍ ସାହାଜନ୍ ତୁଲ୍ଲା ଏବଂ ରାଜପୁରର ସେକ୍ ଆୟାସାନ୍ ଓ ଛୋଟା ସାଜନଙ୍କ ସହିତ ସେମାନଙ୍କର ଅନ୍ୟ ୨ ସହଯୋଗୀ । ଗିରଫ ହୋଇଥିବା ମୁନା ପ୍ରଥମେ ୨୦୦୭ ମସିହାରେ ଧଳାଜହର କାରବାରେ ସଂପୃକ୍ତ ଥାଇ ଧରା ପଡିଥିଲା ଓ ପରବର୍ତ୍ତୀ ସମୟରେ ବାରୟାର ଧରାପଡି ଜେଲ ଯାଇଥିଲେ ମଧ୍ୟ ତାର ସହଯୋଗୀଙ୍କ ସହାୟତାରେ ଏହି କାରବାର ଚଳାଇ ରଖିଥିଲା । ଗତ ଶୁକ୍ରବାର ଭୋର ଜଳେଶ୍ୱର ଉପକଣ୍ଠ ସୁବର୍ଣ୍ଣରେଖା ପୋଲ ନିକଟରେ ଏସ୍‌ଟିଏଫର ଝାଡେଶ୍ୱରପୁର ବସ୍ତିର ସେକ୍‌ହାସିମ୍ ବକ୍ସଙ୍କ ଠାରୁ ୧ କିଲୋ୧୭୦ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଧରିବାରେ ସଫଳ ହୋଇଥିଲେ । ଏହା ପୂର୍ବରୁ ସେକ୍‌ହାସିମ୍ ବକ୍ସଙ୍କ ଦୁଇଭାଇ ମଧ୍ୟ ଗିରଫ ହୋଇଥିଲେ । ଏକ ତଥ୍ୟରୁ ପ୍ରକାଶ ଗତ ଜାନୁଆରୀ ମାସଠାରୁ ଅଦ୍ୟାବଧି ଜଳେଶ୍ୱର ଅଂଚଳରୁ ୨ କିଲୋରୁ ଅଧିକ ବ୍ରାଉନ୍ ସୁଗର ଜବତ୍ ହୋଇଥିବା ବେଳେ ଏହି ମାମଲାରେ ଜଳେଶ୍ୱର କିଛି ନାମିଦାମୀ ରାକେଟ୍‌ଙ୍କ ସଂପର୍କ ଥିବା କୁହାଯାଇଛି । ବ୍ରାଉନ୍ ସୁଗାରର ମୂଳଉତ୍ପାଟନ ଲାଗି ଜଳେଶ୍ୱର ବହୁ ବୁଦ୍ଧିଜିବୀ, ଶିକ୍ଷାବିତ୍, ସମାଜସେବୀ ଦାବି କରୁଥିବା ବେଳେ ଏଥି ସହିତ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ସଂପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଗିରଫ କରିବାପାଇଁ ଦାବି ହେଉଛି ।



ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂ କରୋନା ପଜିଟିଭ୍

ଭୁବନେଶ୍ୱର,୨।୧୧ (ନି.ପ୍ର): ବିଜେପିର ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏସମ୍ପର୍କରେ ସେ ଟୁଇଟ୍ କରି ସୂଚନା ଦେବାସହ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ସଂଗରୋଧରେ ରହିବା ସହ ପରୀକ୍ଷା କରାଇନେବାକୁ ଅନୁରୋଧ କରିଛନ୍ତି। ସେ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ ମୋ ଠାରେ କରୋନାର ଲକ୍ଷଣ ଦେଖାଦେବାରୁ ପରୀକ୍ଷା କରାଇଥିଲି । ରିପୋର୍ଟ ପଜିଟିଭ ଆସିଛି । ମୁଁ ସୁସ୍ଥ ଅଛି । ଡାକ୍ତରଙ୍କ ପରାମର୍ଶ କ୍ରମେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛି । ବିଗତ କିଛି ଦିନ ଭିତରେ ଯେଉଁମାନେ ମୋ ସଂସ୍ପର୍ଶରେ ଆସିଛନ୍ତି ସେମାନେ ସଂଗରୋଧରେ ରହିବା ସହ ନିଜର ପରୀକ୍ଷା କରାଇନେବାକୁ ଅନୁରୋଧ।

## ଗୁଣୁପୁର ଠାରେ କେନ୍ଦ୍ର ସରକାରଙ୍କ କୃଷି ଅଧ୍ୟାଦେଶକୁ ବିରୋଧକରି କଂଗ୍ରେସର ବ୍ଲକ ଘେରାଉ



ଗୁଣୁପୁର,୨।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସଦର ମହକୁମା ଠାରେ ଆଜି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତିକୁ ବିରୋଧୀ କରିବା ସହ ୧୧ ଦଫା ଦାବୀ ନେଇ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଶାନ୍ତି ପ୍ରଭା ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଆଜିର ଏହି କଂଗ୍ରେସର ଗଣ ବିକ୍ଷୋଭରେ କୋରାପୁଟ ସାଂସଦ ଇଂ. ସପ୍ତଗିରି ଉଲ୍ଲକା, ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତବିଭାଗ ରୁ ଏକ ଶୋଭାଯାତ୍ରରେ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଁଞ୍ଚିଥିଲେ । ସେଠାରେ ଦୀର୍ଘ ସମୟ ଧରି ଦଳୀୟ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କୃଷି ଆଇନ ଅଧ୍ୟାଦେଶ ବିଲ ଯୋଗୁଁ ସାଧାରଣ କୃଷକ କ୍ଷତିଗ୍ରସ୍ତ ହେବାକୁ ଥିବାରୁ ଏହି ବିଲକୁ ପ୍ରତ୍ୟାହାର କରିବା ଦାବୀ କରିଥିଲେ । ରାଜ୍ୟ ସରକାରଙ୍କ ଅପାରଗତା, ପିସି କାରବାର, ୫ଟି ନାମରେ ଅଫିସର ରାଜ ଓ ଭ୍ରଷ୍ଟାଚାର ତୁରନ୍ତ ବନ୍ଦ କରିବାକୁ ଦାବୀ କରିଥିଲେ । ସେହିଭଳି ଚାଷୀ ଉତ୍ପାଦନ ବାଣିଜ୍ୟ କାରବାର ଆଇନ, କୃଷକ ସଶକ୍ତିକରଣ ଓ ସୁରକ୍ଷା ସହ ଅତ୍ୟାବଶ୍ୟକୀୟ ସାମଗ୍ରୀ ର ସଂଶୋଧନ ଆଇନ ଆଦିକୁ ନେଇ ୧୧ ଦଫା ସମ୍ମିଳିତ ଦାବୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡ଼ିଓ ଶାନ୍ତିପ୍ରଭା ପ୍ରଧାନଙ୍କ ଜରିଆରେ ପ୍ରଦାନ କରାଯାଇଛି । ପରେ ଗୁଣୁପୁର ପୌରାଞ୍ଚଳ କାର୍ଯ୍ୟାଳୟକୁ ଯାଇ ସେଠାରେ ନିର୍ବାହୀ ଅଧିକାରୀଙ୍କ ତରଫରୁ ପୌରାଞ୍ଚଳ ଯନ୍ତ୍ରୀଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ପରେ ଗୁଣୁପୁର ପୁରୁଣା ବସଷ୍ଟାଣ୍ଡ ନିକଟ ମହାତ୍ମାଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୌରାଞ୍ଚଳ ସାଂସଦ ପ୍ରତିନିଧି ଏସ ବାବା ପ୍ରସାଦ, ବରିଷ୍ଠ କଂଗ୍ରେସ ନେତା ବିଜୟ ଗମାଙ୍ଗ, ଗୁଡାରି ବ୍ଲକ ଅଧକ୍ଷା ଶାନ୍ତ ଯାଗାରାଙ୍ଗା, ଗୁଡାରି ସାଂସଦ ପ୍ରତିନିଧି ପି. ରମେଶ, ପି ଗଣେଷ, ସୋମନାଥ ପାଣି, ନିର୍ବାଚନ ମଣ୍ଡଳୀ ସାଂସଦ ପ୍ରତିନିଧି ଚିରିବି ଖାଡ଼ଙ୍ଗା, ରାଜୀବ ସାହୁ, ଗାର୍ଜନା ପ୍ରସାଦ, ଇଂ ବିଷ୍ଣୁ ପଟ୍ଟନାୟକ, ଭୋଳା ମହାଙ୍କୁଡ ପ୍ରମୁଖ ନେତା ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା ।

## ଚିକିତ୍ସାରେ ଅବହେଳାରୁ ନାବାଳିକାର ମୃତ୍ୟୁ ଅଭିଯୋଗ କରି ପିଆରଏମ ଗେଟ ସମ୍ମୁଖ୍ୟ ଶବ ରଖି ଧାରଣା

### ମେଡିକାଲ କଲେଜ ଅଧୀକ୍ଷକଙ୍କୁ ଠେଲାପେଲା ଓ ମାଡ଼



ବାରିପଦା,୨।୧୧ (ନି.ପ୍ର): ଚିକିତ୍ସାରେ ଅବହେଳାରୁ ନାବାଳିକାର ମୃତ୍ୟୁ ଅଭିଯୋଗ ନେଇ ବାରିପଦା ମେଡିକାଲ କଲେଜରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକମାନେ ମେଡିକାଲ କଲେଜ ଅଧୀକ୍ଷକ ଡ଼ଃ ବୈକୁଣ୍ଠନାଥ ମହାପାତ୍ରଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଛନ୍ତି। ସୂଚନାଯୋଗ୍ୟ,ଗତ ଶୁକ୍ରବାର ଦିନ ଦେହ ଅସୁସ୍ଥ ହେବାରୁ ଥାଲାସେମିଆରେ ପୀଡ଼ିତ ଶ୍ୟାମାଖୁଣ୍ଟା ବ୍ଲକ ସପଞ୍ଚୁଆ ଗ୍ରାମର ନାବାଳିକା ସୁପ୍ରିୟା ପାତ୍ରଙ୍କୁ ଚିକିତ୍ସା ପାଇଁ ପିଆରଏମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଡାକ୍ତର ପରିବାର ଲୋକଙ୍କୁ ରକ୍ତ ଯୋଗାଡ଼ କରିବା ପାଇଁ କହିଥିଲେ। କିନ୍ତୁ ରକ୍ତ ଅଭାବରୁ ଆଜି ସକାଳେ ନାବାଳିକା ଜଣକଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଡାକ୍ତରଙ୍କ ଖାମଖିଆଲି କାର୍ଯ୍ୟ ଅବହେଳାରୁ ରକ୍ତ ଦିଆଯାଇନଥିବା ବେଳେ ଚିକିତ୍ସିତ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଥିବା ମୃତକର ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ଏନେଇ ମୃତକଙ୍କ ସମ୍ପର୍କୀୟ ଶବକୁ ଧରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ସମ୍ମୁଖରେ ଫାଟକକୁ ବନ୍ଦ ରଖି ଧାରଣାରେ ବସିଥିଲେ। ପୋଲିସ ଘଟଣା ସ୍ଥଳରେ ପହଁଚି ମୃତକଙ୍କ ପରିବାରକୁ ବୁଝା ସୁଝା ଜାରି ରଖିଥିଲା ।ଘଟଣାସ୍ଥଳରେ ପୁଲିସ୍ ମୁତୟନ ହୋଇଥିବା ସତ୍ତ୍ୱେ ଚାପା ଉତ୍ତେଜନା ଲାଗି ରହିଥିଲା। ତେବେ ବହୁ ସମୟ ବସି ରହିବା ପରେ ସ୍ଥାନୀୟ ପୋଲିସ ଏସ ଡି ପି ଓ କେକେ ହରିପ୍ରସାଦ ଓ ମେଡିକାଲ କଲେଜର ଅଧିକ୍ଷକ ଡ଼ଃ ବୈକୁଣ୍ଠନାଥ ମହାପାତ୍ର ଉକ୍ତ ପରିବାର ଲୋକଙ୍କ ସହ ଆଲୋଚନା କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେଠାରେ ଯୁକ୍ତିତର୍କ ହେବା ସହ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ତେବେ ଏହାର କିଛି ସମୟ ପରେ ଉତ୍ୟକ୍ତ ଲୋକମାନେ ମେଡିକାଲ କଲେଜର ଅଧିକ୍ଷକଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ତେବେ ବହୁ ସମୟର ଉତେଜନା ପରେ ଉତ୍ୟକ୍ତ ଲୋକମାନେ ମେଡିକାଲ ଗେଟ୍ ସମ୍ମୁଖରୁ ଧାରଣାରୁ ହଟିଥିଲେ। ତାଙ୍କୁ ରେଡ଼କ୍ରୋସ ପାଣ୍ଠିରୁ ୧୦ହଜାର ଟଙ୍କାର ସାହାଯ୍ୟ ଦେବା ସହ ଉକ୍ତ ଘଟଣାର ୧୫ଦିନ ମଧରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଲେଜର ଅଧିକ୍ଷକ ଡ଼ଃ ବୈକୁଣ୍ଠନାଥ ମହାପାତ୍ର ପ୍ରତିଶୃତି ଦେଇଛନ୍ତି। ତେବେ ଏହି ଘଟଣା ନେଇ ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟ ପକ୍ଷରୁ ଥାନାରେ କୋଣସି ଅଭିଯୋଗ କରାଯାଇନାହିଁ।

## ଜୁଆ ଖେଳିବା ଅଭିଯୋଗରେ ୧୫ଜଣ ଜୁଆଡ଼ିଙ୍କୁ ଗିରଫ

ପୁରୀ,୨।୧୧ (ନି.ପ୍ର): ବେଆଇନ ଭାବେ ଜୁଆ ଖେଳିବା ଅଭିଯୋଗରେ ପୁରୀ ପୁଲିସ ୧୫ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଏକ ଚାଳିଆପାଟଣା ଗ୍ରାମରେ ଜୁଆ ଖେଳ ହେଉଥିବା ଖବରପାଇ ସଦରଥାନା ପୁଲିସ ସେଠାରେ ଚଢ଼ାଉ କରି ୧୦ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୨୩,୯୮୦ ଟଙ୍କା ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ସେହି ଗ୍ରାମର ସଞ୍ଜୟ ଭୋଳ, ପ୍ରଶାନ୍ତ କୁମାର ବେହେରା, ଚନ୍ଦା ବେହେରା, ସୂର୍ଯ୍ୟ ବାରିକ, ବାବୁ ବାରିକ, ବନମାଳି ଦଳେଇ, ରବୀନ୍ଦ୍ର ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରତାପ ବାରିକ ଓ ସଦାଶିବ ବେହେରା। ସେହିପରି ବଳିଆପଣ୍ଡା ଥାନା ପୁଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୩୬୦ଟଙ୍କା ଜବତ କରିଛି। ଗିରଫ ବ୍ୟକ୍ତିମାନେନ ହେଲେ ବିଧବାଶ୍ରମ ଛକ ବୁଢ଼ୀମା ମନ୍ଦିର ନିକଟସ୍ଥ ଭଗବାନ ମହାନ୍ତି, କାମାକ୍ଷା ମନ୍ଦିର ନିକଟସ୍ଥ ଟି. ଦାସ ବେହେରା, ଗଣାମଲ୍ଲ ସାହିର ସୁରେନ୍ଦ୍ର ଦଳେଇ ଓ ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ କୋଲାପୁର ଥାନା ଅନ୍ତର୍ଗତ ଶାନ୍ତି ନିକେତନ ଅଞ୍ଚଳର ରାଜା ରାୟ।

## ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ, ପୁରସ୍କାର ପ୍ରଦାନ



ଭଦ୍ରକ,୨।୧୧(ହି.ସ): ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସପ୍ତାହ ପାଳନ ଆଜି ଉଦ୍‌ଯାପିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲାବ୍ୟାପି ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କରେ ଦୁର୍ନୀତିମୁକ୍ତ ସମାଜ ଗଠନର ଶପଥ ଗ୍ରହଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥି ସହିତ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଜନ ସାଧାରଣଙ୍କୁ ଲାଞ୍ଚ ନ ଦେବା, ଲାଞ୍ଚ ଦେବା ଏକ ଧର୍ତ୍ତବ୍ୟ ଅପରାଧ ଭଳି ବିଭିନ୍ନ ସ୍ଲୋଗାନ ସମ୍ବଳିତ ସଚେତନତା ବାର୍ତ୍ତା ଜିଲ୍ଲା ବ୍ୟାପି ପ୍ରଚାର ପ୍ରସାର କରାଯାଇଥିଲା। ଚଳିତ ବର୍ଷ 'ସତର୍କ ଭାରତ ଓ ସମୃଦ୍ଧ ଭାରତ' ଶୀର୍ଷକ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରଥମ, ଜିଲ୍ଲା କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପ୍ରଦ୍ୟୁମ୍ନ କୁମାର ଜେନା ଦ୍ୱିତୀୟ ଏବଂ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଓ ପ୍ରତିମା ଜେନା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଇଂରାଜୀ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ସୁଶ୍ରୀ ଶୁଭଶ୍ରୀ ସ୍ୱାଇଁ ପ୍ରଥମ, ପଦ୍ମୁଆଁ ରାଜସ୍ୱ ନିରୀକ୍ଷକ ସୌମ୍ୟ ରଂଜନ ମହାଳିକ ଦ୍ୱିତୀୟ ଏବଂ କମାରଗାଁ ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସନ୍ନ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କୃତି ପ୍ରତିଯୋଗୀଙ୍କୁ ଆଜି ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏକ ନିରାଡମ୍ବର ଉତ୍ସବରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସଧାରଣ) ଶ୍ୟାମଭକ୍ତ ମିଶ୍ର, ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଡି.ସି. ମୁର୍ମୁ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଏବଂ ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳଙ୍କ ସହଯୋଗିତାରେ ଅନୁଷ୍ଠିତ ଉତ୍ସବକୁ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ।

## ଝାଡାବାନ୍ତିରେ ୪ ଗୁରୁତର, ଗାଁରେ ପହଂଚିଲା ମେଡିକାଲ ଟିମ୍: ୧ ନାବାଳକ ଝାଡାବାନ୍ତିରେ ମୃତ୍ୟୁ !

ନୀଳଗିରି,୨।୧୧ (ନି.ପ୍ର): ସମଗ୍ର ବିଶ୍ୱ କରୋନା ମହାମାରିରେ ଜର୍ଜରିତ ହୋଇ ପ୍ରତ୍ୟେକ ଦିନ ମୃତ୍ୟୁର ସଂଖ୍ୟା ବଢି ଚାଲିଛି। ଏତିକି ବେଳେ ନୀଳଗିରି ସହର ନିକଟସ୍ଥ ଶାଳବନ୍ଧ ଗ୍ରାମରେ ପାନୀୟ ଜଳ କୁ ନେଇ ଏକ ନାବାଳକ ର ମୃତ୍ୟୁ ହେବାର ୩ ଦିନ ପରେ ୪ ଜଣ ଗୁରୁତର ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଖବର ପାଇ ଈଶ୍ୱରପୁର ପିଏଚଓ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସୁପରଭାଇଜର ଗୋଲକ ବିହାରୀ ଦାସ,ଏଏନଏମ ଶକୁନ୍ତଳା ନାୟକ, ଅଙ୍ଗନୱାଡି କର୍ମୀ ନିରୁପମା ବିଶ୍ୱାଳ ପ୍ରମୁଖ ଏକ ମେଡିକାଲ ଟିମ ଗାଁରେ ପହଂଚି ସ୍ଥିତି ପରକ୍ଷିବା ସହିତ ଆକ୍ରାନ୍ତ ପରିବାରକୁ ମେଡିସିନ ସହ ଗାଁରେ ଥିବା ନନ୍ଦକୂପରେ ବ୍ଲିଚିଂ, ହେଲଜିନ ଟ୍ୟାବଲେଟ ପକାଇବା ସହିତ ଗାଁ ଦାଣ୍ଡରେ ସଫା କରି ବ୍ଲିଚିଂ ପକାଇଥିବା ଜଣାପଡିଛି। ସଗୁରୁତରଙ୍କୁ ୧୦୮ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇଥିବା ସ୍ଥଳରେ ଭଗବାନ ସିଂ ନାମକ ବ୍ୟକ୍ତି ଙ୍କୁ ମେଡିକାଲ ଟିମ ଯେତେ ବୁଝାଇଥିଲେ ସୁଦ୍ଧା ସେ ମେଡିକାଲ ନଯାଇ ଘରେ ଅଛନ୍ତି। କେତେବେଳେ ଯେ କଣ ହେବ ତାହା କହି ହେବ ନାହିଁ। ପ୍ରକାଶ ଥାଉକି ନୀଳଗିରି ଏନଏସି ଅଧିନସ୍ଥ ୩ ନଂ ୱାର୍ଡ ଶାଳବନ୍ଧ ଗ୍ରାମର ଗଦିନା ସିଂର ନାତି ସୋର ଥାନା ଅଧିନସ୍ଥ ଅଭିରାକୁଣ୍ଡ ଗ୍ରାମର ୮ ନାହ୍ୟା ସିଂର ପୁତ୍ର ବୁଢାସିଂ (୧୬) ଅଜା ଘରକୁ ଗତ ୨୪ ତାରିଖ ଦିନ ଆସିଥିଲା। ଗୁରୁବାର ରାତିରେ ହଠାତ ବୁଢା ଶୋଇଥିବା ବେଳେ ଝାଡାବାନ୍ତି ହେବାରୁ ପରିବାର ଲୋକେ ସକାଳେ ନୀଳଗିରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତରତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ନୀଳଗିରି ପୋଲିସ ଓ ସୋର ପୋଲିସ ଘଟଣାସ୍ଥଳରେ ପହଂଚିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଥିଲା। ରିପୋର୍ଟ ଅସିବା ପରେ ବୁଢା ମୃତ୍ୟୁ ର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ । ସକାଳେ ହଠାତ ଗଦିନା ସିଂ (୪୫) ସ୍ତ୍ରୀ ଚନ୍ଦୁରୀ ସିଂ(୪୦) ,ପୁତ୍ର ଜିତେନ ସିଂ(୧୦),ସମ୍ପର୍କୀୟ ଭଗବାନ ସିଂ(୪୦)କୁ ଝାଡାବାନ୍ତି ଆରମ୍ଭ ହୋଇଥିଲେ ସୁଦ୍ଧା ସେମାନେ ମେଡିକାଲ ଯାଇନଥିଲେ। ସଂନ୍ଧ୍ୟ ୫ଟାରେ ଖବର ପାଇ ଈଶ୍ୱରପୁର ମେଡିକାଲ ଅଫିସର ନିର୍ଦ୍ଦେଶରେ ଏକ ଟିମ ପହଂଚି ସମସ୍ତଙ୍କୁ ଚିକିତ୍ସା ପାଇଁ ନୀଳଗିରି ମେଡିକାଲ ନେଇଥିବା ବେଳେ ଭଗବାନ ଯାଇନଥିବା ଜଣାପଡିଛି। ନୀଳଗିରି ସହରର ଦେଢ କିଲୋମିଟର ଦୂରରେ ପାନୀୟ ଜଳର ଏପରି ସମସ୍ୟାକୁ ନେଇ ସରକାରଙ୍କର ପାନୀୟ ଜଳ ଯୋଗାଣ ଯୋଜନା ଓ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସାହି ଟି ସମ୍ପୂର୍ଣ୍ଣ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସମାଜସେବୀ ରବିନ୍ଦ୍ର ସିଂ,ଅଭିରାମ ସିଂ,ଗୌରହରି ସିଂ, ହଳଧର ସିଂ, କାଳା ସିଂ , ଅକ୍ଷୟ ସିଂ ପ୍ରମୁଖ ଦାବୀ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo